

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୦୯ ଜୁନ୍ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 09 June 2026

Vol.No. 36 ■ No.151 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ADMISSION GOING ON- 2026

SAI SADHANA SCIENCE COLLEGE

+2 Sc. & +2 Arts

SAI SADHANA COLLEGE OF BASIC SCIENCE (+3)

(HONS- PHYSICS, CHEMISTERY, MATHEMATICS, BOTANY, COMPUTER SCIENCE, ZOOLOGH, GEOLOGY, MICROBIOLOGY)

Dibyasingpur, UDALA

100% first class result-2026

Contact No: 9437294587, 9437443950, 9937557158


# ଟ୍ରମ୍ପଙ୍କ କଥା ମାନୁନାହାଁନ୍ତି ନେତାନ୍ୟାହୁ

## ଇରାନ ଛାଡ଼ିବାକୁ ନାଗରିକଙ୍କୁ କହିଲା ଭାରତ



ନୂଆଦିଲ୍ଲୀ,୮/୬ : ପଶ୍ଚିମ ଏସିଆର ଆକାଶ ଏବେ କ୍ଷେପଣାସ୍ତ୍ରର ନିଆଁରେ ନାଲି ପଡ଼ିଯାଇଛି । ଗୋଟିଏ ପଟେ କୂଟନୈତିକ ଟେବୁଲରେ ଶାନ୍ତିର ଆଲୋଚନା ଚାଲିଥିବା ବେଳେ, ଅନ୍ୟପଟେ ଯୁଦ୍ଧକ୍ଷେତ୍ରରେ ଧ୍ୱଂସର ତାଣ୍ଡବ ରଚାଯାଉଛି । ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଜାରି ରହିଥିବା ଏହି ସଂଘର୍ଷ ଏବେ ଏକ ନୂତନ ମୋଡ଼ ନେଇଛି, ଯେଉଁଠି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପରାମର୍ଶକୁ ମଧ୍ୟ ବେଞ୍ଜାମିନ୍ ନେତାନ୍ୟାହୁ ଏଡ଼ାଇ ଦେଇଛନ୍ତି । ଲେବାନନ୍‌ରେ ଇସ୍ରାଏଲର ସାମରିକ ଅଭିଯାନର ଜବାବ ଦେବାକୁ ଯାଇ ଇରାନ ଯେତେବେଳେ ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ମାଡ଼ କଲା, ସେତେବେଳେ ସାରା ବିଶ୍ୱ ଆଶଙ୍କା କରିଥିଲା ଯେ ଏହା ଏକ ଭୟଙ୍କର ରୂପ ନେବ । ହେଲା ମଧ୍ୟ ତାହା। ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ନିଜ ଜିଦ୍‌ରେ ଅଟଳ ରହି ତେହେରାନକୁ ଏକ ପ୍ରକାର 'ବଦଲାପୁର'ରେ ପରିଣତ କରିଦେଲେ । ଇସ୍ରାଏଲର ବାୟୁସେନା ଇରାନର ଗୁରୁତ୍ୱପୂର୍ଣ୍ଣ ସାମରିକ ଘାଟିଗୁଡ଼ିକୁ ଧୂଳିସାତ କରିଦେଇଥିବା ଦାବି କରାଯାଉଛି। ତେହେରାନ, ଇସଫାହାନ ଏବଂ ତବ୍ରିଜରେ ଶୁଣାଯାଉଥିବା ବିସ୍ଫୋରଣର ଶବ୍ଦ ଏବେ ଏହି ସଂଘର୍ଷର ଭୟାବହତାକୁ ବୟାନ କରୁଛି । ଏହି ଯୁଦ୍ଧର ସବୁଠାରୁ ଆଶ୍ଚର୍ଯ୍ୟଜନକ ଦିଗ ହେଉଛି ଆମେରିକାର ଭୂମିକା। ସାଧାରଣତଃ ଇସ୍ରାଏଲର ସବୁଠାରୁ ବଡ଼ ସମର୍ଥକ କୁହାଯାଉଥିବା ଡୋନାଲ୍ଡ ଟ୍ରମ୍ପ ଏଥର ଏକ ଭିନ୍ନ ଅବତାରରେ ନଜର ଆସିଛନ୍ତି । ସୂଚନା ଅନୁଯାୟୀ, ଟ୍ରମ୍ପ ନିଜେ ନେତାନ୍ୟାହୁଙ୍କୁ ଫୋନ କରି ପରାମର୍ଶ ଦେଇଥିଲେ ଯେ, 'ଇରାନର ଆକ୍ରମଣରେ କୌଣସି ବଡ଼ କ୍ଷୟକ୍ଷତି ହୋଇନାହିଁ, ତେଣୁ ଏହି ବିବାଦକୁ ଆଉ ନବଢ଼ାଇ ଇସ୍ରାଏଲ କ୍ଷାନ୍ତ ରହିବା ଉଚିତ ।' ଟ୍ରମ୍ପଙ୍କ ରଣନୀତି ଥିଲା ଯେ ସେ ଇରାନ ସହ ଏକ ଚୂଡ଼ାନ୍ତ ବୁଝାମଣାର ନିକଟତର ଅଛନ୍ତି ଏବଂ ଇସ୍ରାଏଲର କୌଣସି ପଦକ୍ଷେପ ଏହି ସମ୍ଭାବ୍ୟ ଶାନ୍ତି ଚୁକ୍ତିକୁ ବିଗାଡ଼ି ନଦେଉ । କିନ୍ତୁ ଇସ୍ରାଏଲ ଏହି ପରାମର୍ଶକୁ ଗ୍ରହଣ କଲାନାହିଁ। ଟ୍ରମ୍ପଙ୍କ ମନା କରିବା ସତ୍ତ୍ୱେ ଇସ୍ରାଏଲ ବାଲିଷ୍ଟିକ କ୍ଷେପଣାସ୍ତ୍ର ବର୍ଷା କରି ପ୍ରମାଣ କରିଦେଲା ଯେ, ନିଜ ଦେଶର ସୁରକ୍ଷା ପ୍ରଶ୍ନରେ ସେ କାହାରି କଥା ଶୁଣିବାକୁ ପ୍ରସ୍ତୁତ ନୁହଁନ୍ତି । ଟ୍ରମ୍ପଙ୍କ ମତରେ, ଏହି ହିଂସା ଯଦି ନଥମେ, ତେବେ ଏହା ଆଉ ୩୦୦୦ ବର୍ଷ ଧରି ଚାଲିବ । ଇସ୍ରାଏଲରେ ସ୍କୁଲଗୁଡ଼ିକ ବନ୍ଦ ରହିବା ଏବଂ ଲୋକମାନେ ବଙ୍କର ମଧ୍ୟରେ ଆଶ୍ରୟ ନେବା ଏକ ଦୀର୍ଘକାଳୀନ ଯୁଦ୍ଧର ସଙ୍କେତ ଦେଉଛି । ଇରାନ ମଧ୍ୟ ନିଜର କ୍ଷୟକ୍ଷତିକୁ ଲୁଚାଉଥିଲେ ବି, ଭିତରେ ଭିତରେ ପ୍ରତିଶୋଧ ପାଇଁ ପ୍ରସ୍ତୁତ ହେଉଛି । ପଶ୍ଚିମ ଏସିଆର ଏହି ଅସ୍ଥିରତା କେବଳ ଦୁଇଟି ଦେଶ ମଧ୍ୟରେ ସୀମିତ ନୁହେଁ । ଯଦି ଏହି ନିଆଁ ଅଧିକ ବ୍ୟାପେ, ତେବେ ବିଶ୍ୱ ବଜାରରେ ତୈଳ ଦର ବୃଦ୍ଧିଠାରୁ ଆରମ୍ଭ କରି ବିଶ୍ୱ ଅର୍ଥନୀତି ସଙ୍କଟଜନକ ସ୍ଥିତିକୁ ଚାଲିଯିବ । ବର୍ତ୍ତମାନ ପ୍ରଶ୍ନ ଉଠୁଛି—କ'ଣ ଟ୍ରମ୍ପ ନିଜର କୂଟନୈତିକ ଜାଲରେ ନେତାନ୍ୟାହୁଙ୍କୁ ବାନ୍ଧି ପାରିବେ, ନା ନେତାନ୍ୟାହୁଙ୍କ କଠୋର ଆଭିମୁଖ୍ୟ ବିଶ୍ୱକୁ ଏକ ତୃତୀୟ ବିଶ୍ୱଯୁଦ୍ଧ ମୁହାଁ କରିବ ? ସମୟ ହିଁ ଏହାର ଉତ୍ତର ଦେବ ।

# ମୟୂରଭଞ୍ଜରେ ବିକାଶର ମହାଯଜ୍ଞ: ୪୩୦ କୋଟିର ପ୍ରକଳ୍ପ ସହ ୬୫୦ ଶଯ୍ୟାର ନୂଆ ଟିଚିଙ୍ଗ୍ ହସ୍ପିଟାଲ ଲୋକାର୍ପିତ



ବାରିପଦା, ୦୮/୬ (ନି.ପ୍ର): ମୟୂରଭଞ୍ଜ ଏବଂ ସମଗ୍ର ଉତ୍ତର ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଜି ଏକ ନୂତନ ଐତିହାସିକ ଅଧ୍ୟାୟ ଯୋଡ଼ି ହୋଇଯାଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ବାରିପଦା ଗସ୍ତରେ ଯାଇ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ନୂତନ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଙ୍ଗ୍ ହସ୍ପିଟାଲ ଉଦ୍‌ଘାଟନ କରିବା ସହିତ ଏହି ଅବସରରେ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ୪୩୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ ମଧ୍ୟ କରିଛନ୍ତି। ସୂଚନାଯୋଗ୍ୟ ଯେ, ମୟୂରଭଞ୍ଜ ଜିଲ୍ଲାର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ମୋଟ ୪୩୦.୨୬ କୋଟି ଟଙ୍କା ବିନିଯୋଗ କରାଯାଉଛି। ଏହି ବୃହତ ବ୍ୟୟବରାଦ ଅଧୀନରେ ଗମନାଗମନ, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଜନକଲ୍ୟାଣକାରୀ କ୍ଷେତ୍ର ସହିତ ଜଡ଼ିତ ୩୯ଟି ପ୍ରମୁଖ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ◆◆ପୃଷ୍ଠା ୭

# ରାଷ୍ଟ୍ରପତି ଜୁନ୍ ୨୩ ରେ ୬୫ ଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିବେ

ନୂଆଦିଲ୍ଲୀ,୮/୬ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜୁନ୍ ୨୩ ତାରିଖରେ ରାଷ୍ଟ୍ରପତି ଭବନରେ ଆୟୋଜିତ ହେବାକୁ ଥିବା ଦ୍ୱିତୀୟ ନାଗରିକ ଅଳଂକରଣ ସମାରୋହରେ ଚଳିତ ବର୍ଷର ୬୫ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିବେ। ରାଷ୍ଟ୍ରପତି ଏହା ପୂର୍ବରୁ ମଇ ୨୫ ତାରିଖରେ ପ୍ରଥମ ନାଗରିକ ଅଳଂକରଣ ସମାରୋହରେ ୬୬ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିଥିଲେ। ସେଥି ମଧ୍ୟରୁ ୨ଟି ପଦ୍ମ ବିଭୂଷଣ, ୬ଟି ପଦ୍ମ ଭୂଷଣ ଏବଂ ୫୮ଟି ପଦ୍ମଶ୍ରୀ ପୁରସ୍କାର ରହିଛି।

## ଭିଜିଲାନ୍ସ ଜାଲରେ ମହିଳା କର୍ମଚାରୀ

ଭବାନୀପାଟଣା, ୦୮/୬ (ନି.ପ୍ର): ପୁଣିଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଜଣେ ବାବୁଆଣୀ। ସରକାରୀ ଯୋଜନାରେ ପିସି କାରବାର କରୁଥିବା ବେଳେ ମାଡ଼ି ବସିଛି ଭିଜିଲାନ୍ସ। ଫାର୍ମ ପଣ୍ଡ ବା ପୋଖରୀ କାମର ବିଲ୍ କରାଇଦେବା ନାଁରେ ଲାଞ୍ଚ ନେଉଥିବା ବେଳେ ରଙ୍ଗେହାତ ଧରାପଡ଼ିଛନ୍ତି ଭିବିଜି-ରମଜି ଆସିଷ୍ଟାଣ୍ଟ ପ୍ରିୟଙ୍କା ଜେନା। ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗର ଭିବିଜି-ରମଜି ଆସିଷ୍ଟାଣ୍ଟ ପ୍ରିୟଙ୍କା ଜେନା ଏବେ ଭିଜିଲାନ୍ସ ଜାଲରେ। ଅଭିଯୋଗ ଅନୁଯାୟୀ, ଏକ ଫାର୍ମ ପଣ୍ଡ କାମ ଶେଷ ହେବା ପରେ ତାର ବିଲ୍ କରାଇଦେବା ପରେ ସେ ମୋଟା ଅଙ୍କର ପିସି ଦାବି କରିଥିଲେ। ◆◆ପୃଷ୍ଠା ୭

# ବିଜୁ ଜନତା ଦଳରେ ସୁଜାତାଙ୍କୁ ଆଣିବା ପାଇଁ ଚାଲିଛି ଯୋଜନା



ଭୁବନେଶ୍ୱର, ୦୮/୬ (ନି.ପ୍ର): ପଡୋଶୀ ରାଜ୍ୟ ପଶ୍ଚିମବଂଗରେ ମମତାଙ୍କ ଦଳ ଭୁଶୁଡୁଥିବା ବେଳେ ଓଡ଼ିଶାରେ ଛନକା। ଆଗକୁ ବିଜେଡିର ସମାନ ଦଶା ହେବନି ତ ? ନା ନୂଆ ଉତ୍ତରାଧିକାରୀ ଆଣି ଦଳକୁ ପୁଣି ମଜବୁତ କରିବାରେ ସକ୍ଷମ ହେବେ ନବୀନ ? ଏହାକୁ ନେଇ ଭିନ୍ନ ଭିନ୍ନ ଆଲୋଚନା ହେଉଥିବାବେଳେ ବିଜେଡି ନେତାଙ୍କ ବୟାନ ନୂଆ ଚର୍ଚ୍ଚା ସୃଷ୍ଟି କରିଛି । ଶୁଣିଲେ ତ ଦୁଇ ବିଜେଡି ନେତା କଣ କହିଲେ। ବିଜେଡିରେ ଯେତେବେଳେ ବିପର୍ଯ୍ୟୟ ଲାଗି ରହିଛି। ବଡ଼ଠାରୁ ଛୋଟ ନେତା ନିଇତି ଦଳ ଛାଡୁଛନ୍ତି। ନବୀନଙ୍କ ହୁକୁମକୁ ଆଉ ମାନୁନାହାନ୍ତି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ପୁଣି ଥରେ ଦଳର କମାଣକୁ ଶକ୍ତ କରିବା ନବୀନଙ୍କ ପାଇଁ ଚ୍ୟାଲେଞ୍ଜ ହୋଇଛି। ସୁଜାତାଙ୍କୁ ଆଣିବା ପାଇଁ ଯୋଜନା ଚାଲିଥିବା ଚର୍ଚ୍ଚାକୁ ଖୋରାକ୍ ଯୋଗାଇଛି ଦଳୀୟ ନେତାଙ୍କ ଏହି ବୟାନ। ଅନ୍ୟପଟେ ନବୀନ ଦିଲ୍ଲୀରୁ ଫେରି ଅଚାନକ ୧୦ତାରିଖରେ ବୈଠକ ଡାକିବା ବିଜେଡି ରାଜନୀତିକୁ ଉଷ୍ମ କରିଛି । ◆◆ପୃଷ୍ଠା ୭

# ଦିଲ୍ଲୀରେ ଇଣ୍ଡି ମେଣ୍ଟ ବୈଠକ: ଯୋଗ ଦେଲେ ୨୫ ବିରୋଧୀ ଦଳ




ନୂଆଦିଲ୍ଲୀ,୮/୬ : ଦିଲ୍ଲୀରେ ଆଜି ଇଣ୍ଡି ମେଣ୍ଟ ବୈଠକ ହୋଇଛି। ୨୦୨୪ ଲୋକସଭା ନିର୍ବାଚନ ପରେ ଇଣ୍ଡି ମେଣ୍ଟର ଏହା ପ୍ରଥମ ଔପଚାରିକ ବୈଠକ। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ମମତା ବାନାର୍ଜୀଙ୍କ ଦଳ ଟିଏମ୍‌ସିର ଶୋଚନୀୟ ପରାଜୟ ପରେ ବିରୋଧୀ ଦଳଗୁଡ଼ିକ ପୁଣି ଏକଜୁଟ ହୋଇ ଶକ୍ତି ପ୍ରଦର୍ଶନ କରିଛନ୍ତି। ବିଜେପି ବିରୋଧରେ ଏକାଠି ହୋଇ ସେମାନଙ୍କ ରଣନୀତିକୁ କାର୍ଯ୍ୟକ୍ଷମ କରିବାପାଇଁ ଏହି ବୈଠକ ହୋଇଛି। ଦିଲ୍ଲୀ କନଷ୍ଟିଚ୍ୟୁସନ କ୍ଲବ୍ ଅଫ୍ ଇଣ୍ଡିଆରେ ହୋଇଥିବା ବୈଠକରେ ୨୫ଟି ବିରୋଧୀ ଦଳ ଯୋଗ ଦେଇଛନ୍ତି। ତେବେ ଡିଏମ୍‌କେ ଓ ଆପ୍ ବୈଠକରେ ଯୋଗ ଦେଇନାହାନ୍ତି। ଡିଏମ୍‌କେ ବୈଠକରେ ଯୋଗ ଦେବନାହିଁ ବୋଲି ଗତ ସପ୍ତାହରେ ଘୋଷଣା କରିଥିଲା। କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ବୈଠକରେ ଯୋଗ ଦେଇଥିଲେ। ରାଜ୍ୟସଭା ସାଂସଦ କପିଲ ସିବଲ ମଧ୍ୟ ବୈଠକରେ ଯୋଗ ଦେଇଥିଲେ। ୨୫ଟି ବିରୋଧୀ ଦଳରୁ ମୋଟ୍ ୨୭ ଜଣ ନେତା ଆଜି ବୈଠକରେ ଉପସ୍ଥିତ ଥିଲେ। ବୈଠକ ଶେଷ ହେବା ପରେ କଂଗ୍ରେସ ମୁଖ୍ୟ ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି, ଇଣ୍ଡି ମେଣ୍ଟରେ ୫ଟି ପ୍ରସଙ୍ଗରେ ନିଷ୍ପତ୍ତି ନିଆଯାଇଛି। 'ଭୋଟ୍ ଲୁଟ୍' ଓ ନିର୍ବାଚନରେ ଜାଲିଆତି ସମେତ ଏସ୍‌ଆଇଆର୍ ସଂକ୍ରାନ୍ତରେ ମେଣ୍ଟ ପ୍ରଧାନ ବିଚାରପତିଙ୍କୁ ଚିଠି ଲେଖିବା ପାଇଁ ନିଷ୍ପତ୍ତି ନେଇଛି। ଏଥିସହ ନିଟ୍ ଓ ସିବିଏସ୍‌ଇ ପରୀକ୍ଷାରେ ହୋଇଥିବା ତ୍ରୁଟିକୁ ବିରୋଧ କରି ଇଣ୍ଡି ମେଣ୍ଟ ସର୍ବସମ୍ମତିକ୍ରମେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିବ। ◆◆ପୃଷ୍ଠା ୭


B.I.T. POLYTECHNIC, BALASORE

(A Sister Concern of Samalpur ITI, Balasore)

DIPLOMA ENGG COURSES

- Mechanical Engineering
- Electrical Engineering
- Civil Engineering
- E. & T. C. Engineering
- Comp. Sc. & Engineering

ITI TRADE

● Electrician ● Fitter ● Welder ● R & AC

Walk-In-Interview on Dated : 08-06-2026 (Monday)

FACULTY RECRUIT-MENT | Lecture in all above Branches | Lab Technician in all above Branches | Clerk & Hostel Superin-tendent

Place of Interview : IET Samalpur, Balasore

Contact : 9861947995, 8270317712

E-mail : bit_balasore@rediffmail.com



31 years of imparting quality technical education with excellence.

ADMISSIONS Open 2026-27

BAISINGA I.T.I

Trade: Fitter, Electrician

Affiliated to NCVT, Govt. of India, New Delhi

Baisinga, Mayurbhanj, Odisha

9937861296, 9692864722

8327799536, 9337957048


# ଲକଡାଉନରେ ନିଟ୍-ୟୁଜି ପ୍ରଶ୍ନପତ୍ର ପ୍ରସ୍ତୁତକର୍ତ୍ତା: ମହାବିଭ୍ରାଟ ରୋକିବାକୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା

ନୂଆଦିଲ୍ଲୀ,୮/୬ : କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଆସନ୍ତା ୨୧ ତାରିଖରେ ହେବାକୁ ଯାଉଛି ନିଟ୍ ୟୁଜି ରି-ଟେଷ୍ଟ। ମେ ୩ରେ ଅନୁଷ୍ଠିତ ଏଣ୍ଟ୍ରାନ୍ସ ଟେଷ୍ଟରେ ମହାବିଭ୍ରାଟ ପରେ ଏବେ ଅଭୂତପୂର୍ବ ଓ କଡ଼ା ସରୁକ୍ଷା ବ୍ୟବସ୍ଥା ଗ୍ରହଣ କରିଛନ୍ତି ଏନଟିଏ ଏବଂ କେନ୍ଦ୍ର ସରକାର। ପ୍ରତି ସେଣ୍ଟରରେ ରହିବ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା। ଏଥିପାଇଁ ଲକଡାଉନରେ ଘରରଞ୍ଜ ପ୍ରଶ୍ନପତ୍ର ପ୍ରସ୍ତୁତକାରୀ ଏବଂ ଅନୁବାଦକାରୀ। ପରୀକ୍ଷା ସରିବା ଯାଏଁ ବାହାର ଦୁନିଆ ସହ ସଂପୂର୍ଣ୍ଣ ଭାବେ ଯୋଗାଯୋଗରୁ ବିଚ୍ଛିନ୍ନ ରହିବେ। ମୋବାଇଲ୍ ଫୋନ୍ କିମ୍ବା ଲାପଟପ୍ ଆଦି ବ୍ୟବହାର କରିପାରିବେନି। ୨୨ ଲକ୍ଷ ଛାତ୍ରଛାତ୍ରୀ ଭୋଗିଥିବା ଦୁର୍ଦ୍ଦଶାର ଯେପରି ପୁନରାବୃତ୍ତି ନହୁଏଁ ସେଥିପାଇଁ ଏଭଳି କଡ଼ା ପଦକ୍ଷେପ ନେଇଛନ୍ତି ସରକାର। ଯେଉଁଥିରେ ନିୟୋଜିତ ହେବେ ୫ ଲକ୍ଷରୁ ଅଧିକ ସୁରକ୍ଷା କର୍ମୀ। ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଅର୍ଦ୍ଧସାମରିକ ବାହିନୀକୁ ମଧ୍ୟ ମୁତୟନ କରାଯିବ। ପରୀକ୍ଷା ମନିଟରିଂକୁ ସୁଦୃଢ଼ କରିବା ପାଇଁ, କେନ୍ଦ୍ରଗୁଡ଼ିକରେ ଏକ ଲକ୍ଷରୁ ଅଧିକ ସିସିଟିଭି କ୍ୟାମେରା ବ୍ୟବହାର କରାଯିବ। ସନ୍ଦେହଜନକ କାର୍ଯ୍ୟକଳାପକୁ ଚିହ୍ନଟ କରିବା ପାଇଁ ସର୍ଭେଲାନ୍ସ ସିଷ୍ଟମ ଏବଂ ଏଆଇର ଉପଯୋଗ କରାଯିବ। ଏହାରି ଭିତରେ ପରୀକ୍ଷା ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ପାଇଁ ଦାବି କରିଛନ୍ତି ପରୀକ୍ଷାର୍ଥୀ। ପ୍ରଶ୍ନପତ୍ରକୁ ପ୍ରିଣ୍ଟିଂ ପ୍ରେସରୁ ଆଞ୍ଚଳିକ ହବ୍ ଯାଏଁ ସୁରକ୍ଷିତ ଭାବେ ପହଞ୍ଚାଇବା ଲାଗି ଭାରତୀୟ ବାୟୁସେନା ବିମାନର ସହାୟତା ନିଆଯାଉଛି। ପରୀକ୍ଷା କେନ୍ଦ୍ର ଏଣ୍ଟ୍ରି ଗେଟ୍ ରେ ପ୍ରାର୍ଥୀମାନଙ୍କ ଆଧାର ଯାଞ୍ଚ କରାଯିବ। ◆◆ପୃଷ୍ଠା ୭

# ଏସଆଇଆର ଅଭିଯାନକୁ ସଫଳ କରିବାକୁ ଝାରସୁଗୁଡାବାସୀଙ୍କୁ ଆହ୍ୱାନ ଦେଲେ ପୂର୍ବତନ ବିଧାୟିକା ଦୀପାଳି ଦାସ

ଝାରସୁଗୁଡା, ୮/୦୬ (ନି.ପ୍ର): ଝାରସୁଗୁଡା ନିର୍ବାଚନ ମଣ୍ଡଳୀରେ ଭାରତ ସରକାରଙ୍କ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ଅଭିଯାନ ଅନ୍ତର୍ଗତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ବ୍ୟାପକ ଭାବେ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ପୂର୍ବତନ ବିଧାୟିକା ଦୀପାଳୀ ଦାସ ନିଜ ପରିବାର ସହ ଏହି ଅଭିଯାନରେ ସାମିଲ ହୋଇଛନ୍ତି। ରବିବାର ସ୍ଥାନୀୟ ବୁଥ୍ ସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ଦୀପାଳୀ ଦାସ, ତାଙ୍କ ମାତା ମିନତୀ ଦାସ ଓ ଯୁବ ସମାଜସେବୀ ବିଶାଳ ଦାସ ନିଜ ବାସଭବନରେ ଆନୁଷ୍ଠାନିକ ଭାବେ ଏହି ପ୍ରକ୍ରିୟା ସମ୍ପନ୍ନ କରିଥିଲେ। ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଦୀପାଳୀ ଦାସ କହିଥିଲେ ଯେ, ଦେଶର ବିକାଶ ଓ ପ୍ରଗତି ପାଇଁ ସଠିକ୍ ତଥ୍ୟ ସଂଗ୍ରହ ଅତ୍ୟନ୍ତ ଜରୁରୀ। ଭାରତ ସରକାରଙ୍କ ଏହି ଅଭିଯାନ ସୁଶାସନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ସ୍ୱଚ୍ଛ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ ମତ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ନିର୍ଭୁଲ ପରିସଂଖ୍ୟାନ ଆଧାରରେ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକର ସଫଳ ରୂପାୟନ ସମ୍ଭବ ହୋଇଥାଏ। ଜନସେବାକୁ ଅଧିକ ପ୍ରଭାବଶାଳୀ କରିବା ଓ ସଠିକ୍ ତଥ୍ୟ ସଂଗ୍ରହକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସେ ନିଜ ପରିବାର ସହ ଏହି ଅଭିଯାନରେ ଅଂଶଗ୍ରହଣ କରିଥିବା କହିଥିଲେ। ଦୀପାଳୀ ଦାସ ଝାରସୁଗୁଡା ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଏହି ଜାତୀୟ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ସାମିଲ ହେବାକୁ ଆହ୍ୱାନ ଜଣାଇଥିଲେ। ପ୍ରତ୍ୟେକ ପରିବାର ନିଜର ସଠିକ୍ ସୂଚନା ପ୍ରଦାନ କରି ପ୍ରଶାସନକୁ ସହଯୋଗ କରିବା ସହ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବାରେ ନିଜ ଭୂମିକା ନିଭାଇବାକୁ ସେ ଅନୁରୋଧ କରିଥିଲେ।

# ଭଦ୍ରକରେ ବଡ଼ ସାଇବର ଠକେଇ ଠାବ: ୩ ଗିରଫ, ୪୬ କୋଟି ଟଙ୍କାର କାରବାର ସନ୍ଦେହ

ଭଦ୍ରକ, ୮/୦୬ (ନି.ପ୍ର): ଭଦ୍ରକ ସାଇବର ଥାନା ପୋଲିସ ଏକ ବଡ଼ ଧରଣର ସାଇବର ଠକେଇ ଚକ୍ରକୁ ଠାବ କରି ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ବିଶ୍ୱସନୀୟ ସୂଚନା ଆଧାରରେ ପୋଲିସ ଚଢ଼ାଉ କରି ଏହି ସଫଳତା ହାସଲ କରିଥିବା ବେଳେ ଘଟଣାଟି ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ପୋଲିସ ସୂଚନା ଅନୁସାରେ, ଜବତ ହୋଇଥିବା ମୋବାଇଲ ଫୋନଗୁଡ଼ିକର ପ୍ରାଥମିକ ଯାଂଚରୁ ବ୍ୟାଙ୍କ ଖାତା ବିବରଣୀ, ଏଟିଏମ୍ କାର୍ଡ ସମ୍ବନ୍ଧୀୟ ତଥ୍ୟ, ଇଂଟରନେଟ ବ୍ୟାଙ୍କି ପରିଚୟପତ୍ର, ମୋବାଇଲ ନମ୍ବର, ଚାଟ୍ ରେକର୍ଡ ଏବଂ ତୃତୀୟ ପକ୍ଷଙ୍କ ଗୋପନୀୟ ଆର୍ଥିକ ତଥ୍ୟ ସମେତ ଅନେକ ଗୁରୁତ୍ୱପୂର୍ଣ ଡିଜିଟାଲ ପ୍ରମାଣ ମିଳିଛି। ଏହାଛଡ଼ା ସମନ୍ୱୟ ପୋର୍ଟାଲ ମାଧ୍ୟମରେ ହୋଇଥିବା ଯାଂଚରୁ ଜଣାପଡ଼ିଛି ଯେ, ଗିରଫ ଅଭିଯୁକ୍ତମାନଙ୍କ ସହ ବିଭିନ୍ନ ରାଜ୍ୟରେ ରୁଜୁ ହୋଇଥିବା ଅନେକ ସାଇବର ଠକେଇ ମାମଲାର ସମ୍ପର୍କ ରହିଛି। ସନ୍ଦେହଜନକ ଭାବେ ପ୍ରାୟ ୪୬ କୋଟି ଟଙ୍କାର ଠକେଇ କାରବାର ସହ ସେମାନଙ୍କ ସଂପୃକ୍ତି ଥିବା ସୂଚନା ମିଳିଛି। ଏହାଛଡ଼ ଛଡ଼ା ସମନ୍ୱୟ ପୋର୍ଟାଲ ମାଧ୍ୟମରେ ହୋଇଥିବା ଯାଂଚରୁ ଜଣାପଡ଼ିଛି ଯେ, ଗିରଫ ଅଭିଯୁକ୍ତମାନଙ୍କ ସହ ବିଭିନ୍ନ ରାଜ୍ୟରେ ରୁଜୁ ହୋଇଥ?ବା ଅନେକ ସାଇବର ଠକେଇ ମାମଲାର ସମ୍ପର୍କ ରହିଛି। ସନ୍ଦେହଜନକ ଭାବେ ପ୍ରାୟ ୪୬ କୋଟି ଟଙ୍କାର ଠକେଇ କାରବାର ସହ ସେମାନଙ୍କ ସଂପୃକ୍ତି ଥିବା ସୂଚନା ମିଳିଛି। ଚଢ଼ାଉ ସମୟରେ ପୋଲିସ ୧୫ ଗ୍ରାମ ଓଜନର ଦୁଇଟି ସୁନା ବିସ୍କୁଟ, ୨ ଲକ୍ଷ ୧ ହଜାର ଟଙ୍କା ନଗଦ, ୧୦ଟି ଏଟିଏମ୍ କାର୍ଡ, ୪ଟି ପାସବୁକ, ୨ଟି ଚେକବୁକ, ୫ଟି ମୋବାଇଲ ଫୋନ, ୩ଟି ପୂର୍ବରୁ ସକ୍ରିୟ ସିମ୍ କାର୍ଡ, ଗୋଟିଏ ପ୍ୟାନ୍ କାର୍ଡ, ଗୋଟିଏ ଡ୍ରାଇଭିଂ ଲାଇସେନ୍ସ ଏବଂ ୨ଟି ଆରସି ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଇନାୟତ କ୍ୱାଦ୍ରି (୨୪), ସାହାବାଜ କ୍ୱାଦ୍ରି (୨୧) ଏବଂ ମୋ. ଫରହାନ ଖାନ (୧୯)। ପୋଲିସ କହିଛି ଯେ, ଏହି ସାଇବର ଠକେଇ ଚକ୍ର ସହ ଜଡିତ ଅନ୍ୟ ସହ?ଯୋଗୀ, ପୀଡ଼ିତ ଓ ସମଗ୍ର ନେଟୱାର୍କକୁ ଚିହ୍ନଟ କରିବା ପାଇଁ ତଦନ୍ତ ଜାରି ରହିଛି। ଆଗାମୀ ଦିନରେ ଏହି ମାମଲାରେ ଅଧିକ ଗିରଫଦାରୀ ହେବାର ସମ୍ଭାବନା ରହିଛି ବୋଲି ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅରୂପ ଅଭିଷେକ ବେହେରା ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ଭିତ୍ତିପ୍ରସ୍ତର

ଜୟପୁର, ୮/୦୬ (ନି.ପ୍ର): ଶିକ୍ଷା କ୍ଷେତ୍ରରେ ଆଉ ଏକ ବଡ଼ ପଦକ୍ଷେପ। କୋରାପୁଟ ଜିଲ୍ଲାର ୧୨ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ଭିତିପ୍ରସ୍ତର ସ୍ଥାପନ କରାଯାଇଛି। ଏହା ମଧ୍ୟରେ ବୋରିଗୁମ୍ମା ବ୍ଲକର ତିନୋଟି ବିଦ୍ୟାଳୟ ସାମିଲ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଭିଡିଓ କନଫରେନ୍ସ ମାଧ୍ୟମରେ ଏହାର ଶୁଭାରମ୍ଭ କରିଥିଲେ। ରାଜ୍ୟରେ ପ୍ରାଥମିକ ଶିକ୍ଷାର ଭିତିଭୂମିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ବୋରିଗୁମ୍ମା ବ୍ଲକର ବି ସିଂହପୁର, ନାରିଗାଁ ଓ ଜାନିଗୁଡ଼ା ବିଦ୍ୟାଳୟ ସାମିଲ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଭିଡିଓ କନଫରେନ୍ସ ମାଧ୍ୟମରେ ଏହି ବିଦ୍ୟାଳୟଗୁଡ଼ିକର ଭିତିପ୍ରସ୍ତର ସ୍ଥାପନ କରିଥିଲେ।ଏହି ଅବସରରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗଦେଇ ନୂତନ ବିଦ୍ୟାଳୟଗୁଡ଼ିକ ଅଂଚଳର ଶିକ୍ଷା ବ୍ୟବସ୍ଥାକୁ ଅଧିକ ସଶକ୍ତ କରିବ ବୋଲି କହିଥିଲେ। ପ୍ରଥମ ପର୍ଯ୍ୟାୟରେ କାମତା, ବୋଡ଼ିଗାଁ ଓ ମୁଣ୍ଡାଗୁଡ଼ା ବିଦ୍ୟାଳୟ ସାମିଲ ହୋଇଥିବା ବେଳେ ଏବେ ଆଉ ତିନୋଟି ବିଦ୍ୟାଳୟ ଯୋଡ଼ାଯାଇଛି।

# ଚୋରା ଦେଶୀ ମଦର ବ୍ୟାପକତା: ହଜିଯାଇଛି ମହୁଲି ମଦର ବାସ୍ନା

ବଲାଙ୍ଗୀର, ୮/୦୬ (ନି.ପ୍ର): ମଦମୃତ୍ୟୁକୁ ରୋକିବା ସହିତ ବିଷାକ୍ତ ମଦ ପ୍ରସ୍ତୁତିକୁ ବନ୍ଦ କରିବା ପାଇଁ ରାଜ୍ୟ ସରକାର ଅବକାରୀ ଆଇନରେ ସଂଶୋଧନ ଆଣି କେତେକ ବଳିଷ୍ଠ ତଥା କଠୋର ନିଷ୍ପତି ଗ୍ରହଣ କରିଛନ୍ତି। ତଥାପି ଗାଁ ଗହଳିରେ ଚୋରା ଦେଶୀ ରନ୍ଧାମଦର ପ୍ରସାରକୁ ଅବକାରୀ ବିଭାଗ ରୋକିବାରେ ସଫଳ ହୋଇପାରି ନାହିଁ। ଲୋଇସିଂହା ଅବକାରୀ ଥାନା ଅଧୀନ ପ୍ରତି ଗ୍ରାମାଂଚଳରେ ପ୍ଲାଷ୍ଟିକ ଥଳିରେ ଦେଶୀମଦ ବିକ୍ରି ହେଉଛି। ସରକାରୀ ଦେଶୀ ମଦଭାଟିରେ ମିଳୁଥିବା ପାଉଚ୍ ମଦ ଅପେକ୍ଷା ଏହି ମଦ ଅପେକ୍ଷାକୃତ ଶସ୍ତା ଓ ଅଧିକ ନିଶା ହେଉଥିବାରୁ ଲୋକେ ଏହାକୁ ଆଦରି ନେଉଛନ୍ତି। ଫଳସ୍ୱରୂପ ଅନେକ ନିରୀହ ଜୀବନ ଅକାଳରେ ଝଡି ଯିବା ସହିତ ଗୁଡ଼ାଏ ପରିବାର ବେସାହାରା ହୋଇଯାଉଥିବା ଦେଖିବାକୁ ମିଳୁଛି। ଅଧିକ ମୁନାଫା ହାତେଇବା ଲକ୍ଷ୍ୟରେ ଲୋଇସିଂହା ସମେତ କେତେକ ସରକାରୀ ଦେଶୀ ମଦଭାଟିରେ ମଧ ଏଭଳି ଖୋଲା ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଆଉ ଏଭଳି ଚୋରା କାରବାରରେ ଉପଲବ୍ଧ ହେଉଥିବା ଦେଶୀ ମହୁଲି ମଦରେ ଅସଲି ବାସ୍ନା ଆଉ ନାହିଁ ବୋଲି ଜଣାପଡିଛି। ମହୁଲର ଅଭାବ ଓ ଚଢ଼ା ଦର ଯୋଗୁଁ ମଦ ପ୍ରସ୍ତୁତକାରୀମାନେ ବର୍ତମାନ ଗୁଡ଼, ଚିନି ତଥା ବିଭିନ୍ନ ରାସାୟନିକ ପଦାର୍ଥ ଦ୍ୱାରା ମଦ ପ୍ରସ୍ତୁତ କରି ବିକ୍ରୟ କରୁଛନ୍ତି। ଏହା ଅବକାରୀ ତଥା ପୋଲିସ ବିଭାଗର ଜ୍ଞାତସାରରେ ଚାଲିଥିବା ଅଭିଯୋଗ ହେଉଛି। ମଦଭାଟି ଗୁଡ଼ିକ ନିକଟରେ ଆଉ ମହୁଲ ପୋଚ ଦେଖିବାକୁ ମିଳୁନାହିଁ। ଅଥଚ ଦିନକୁ ହଜାର ହଜାର ଲିଟର ମଦ ପ୍ରସ୍ତୁତ ହୋଇ ବିକ୍ରି ଚାଲିଛି। ଅବକାରୀ ଧାର୍ଯ୍ୟ ନୀତି ଅନୁସାରେ ଜଣେ ଭାଟି ଠିକାଦାର ତାଙ୍କ ମଦଭାଟି ଅଧୀନରେ ଦୁଇରୁ ଅଧିକ ଶାଖା ଖୋଲି ମଦ ବିକ୍ରି କରିବାର କ୍ଷମତା ଥିଲେ ହେଁ ବିଭାଗୀୟ ଅଧିକାରୀଙ୍କ ସଲାସୁତୁରାରେ ଗୋଟିଏ ଗ୍ରାମରେ ଦୁଇ ବା ତତୋଧିକ ମଦ କୋଠୀ ଖୋଲି ବେନିୟମ ଭାବେ ଅବାଧରେ ମଦ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏପରିକି ପ୍ରାୟ ପ୍ରତି ଗ୍ରାମରେ କେତେକ ଚୋରାମଦ ବେପାରୀ ନିଜ ନିଜ ଘର ତଥା ସୁରକ୍ଷିତ ସ୍ଥାନମାନଙ୍କରେ ହାତରନ୍ଧା ମଦ ପ୍ରସ୍ତୁତ କରି ସର୍ବସାଧାରଣଙ୍କ ଜ୍ଞାତସାରରେ ବିକ୍ରୟ କରୁଛନ୍ତି। ଏଭଳି ଅପମିଶ୍ରିତ ତଥା ବିଷାକ୍ତ ମଦ୍ୟପାନ ଯୋଗୁଁ ୧୭ ବର୍ଷ ତଳେ ଲୋଇସିଂହା ଅବକାରୀ ଥାନା ତଥା ଆଗଲପୁର ବ୍ଲକର ଗଣ୍ଡପାଲି ଗ୍ରାମରେ ୭ ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଥିଲା, ଯାହା ସମଗ୍ର ରାଜ୍ୟରେ ସେତେବେଳେ ଚାଂଚଲ୍ୟ ଖେଳାଇ ଦେଇଥିଲା। ଏଭଳି ଅପମିଶ୍ରିତ ତଥା ଚୋରା ଦେଶୀ ରନ୍ଧା ମଦର କାରବାରକୁ କର୍ତୃପକ୍ଷ ବନ୍ଦ ନ କଲେ ଆଗକୁ ପୁଣି ଗଣ୍ଡପାଲି ମଦମୃତ୍ୟୁ ଭଳି ଅଭାବନୀୟ ଘଟଣାର ପୁନରାବୃତି ହେବାର ଆଶଙ୍କା ରହିଛି।

# ମହାତ୍ମାଗାନ୍ଧୀଙ୍କ ହରିଜନ ପଦଯାତ୍ରା ସ୍ମାରକୀ ସ୍ମୃତିସଭା

ଭଦ୍ରକ, ୮/୦୬ (ନି.ପ୍ର): ମହାମାନବ ମହାତ୍ମାଗାନ୍ଧୀ ଭାରତବର୍ଷ ଓ ଓଡ଼ିଶାରେ ୧୯୩୪ ମସିହାରେ ଜାତିପ୍ରଥାକୁ ଦୂରୀଭୂତ କରିବା ପାଇଁ ହରିଜନ ପଦଯାତ୍ରା ଆରମ୍ଭ କରିଥିଲେ । ମହାତ୍ମାଗାନ୍ଧୀ ବିଚାରମଂଚ ଭଦ୍ରକ ତରଫରୁ ଏକ ସ୍ମୃତି ସଭା ଭଦ୍ରକ ସଂସ୍କୃତି ଭବନ ଠାରେ ଉକ୍ତ ଅନୁଷ୍ଠାନର ସଭାପତି ଶାନ୍ତନୁ କୁମାର ରାଉତଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସମସ୍ତ ମାନନୀୟ ଅତିଥିବୃନ୍ଦ ଜୁନ୍ ୫ ତାରିଖ ଠାରୁ ୭ ତାରିଖ ପର୍ଯ୍ୟନ୍ତ ଗାନ୍ଧୀ ବାଳାଶ୍ରମରେ ଅବସ୍ଥାନ କରି କିପରି ହୀନ ଜାତିପ୍ରଥାକୁ ଉଠାଇ ଦେବା, ଗାନ୍ଧୀଜୀଙ୍କ ତ୍ୟାଗ, ସହନଶୀଳତା, ସତ୍ୟତା ଓ ଅହିଂସା ଗୁଣ ସମ୍ବନ୍ଧରେ ଆଲୋଚନା କରିଥିଲେ । ସଭା ଆରମ୍ଭରେ ସଂଗଠନ ସମ୍ପାଦକ ବାବୁଲାଲ ଦାସ ସମ୍ମାନନୀୟ ଅତିଥିମାନଙ୍କୁ ମଂଚାସୀନ ହେବା ପାଇଁ ଅନୁରୋଧ କଲାପରେ ଗାନ୍ଧୀ ବାଳାଶ୍ରମର ଅନ୍ତେବାସୀଙ୍କ ଦ୍ୱାରା ଗାନ୍ଧୀଙ୍କର ପ୍ରିୟ ଭଜନ ବୈଷ୍ଣବ ଜନକେ ଗାୟନ କରାଯାଇଥିଲା । ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଶିକ୍ଷାବିତ୍ ଗୋବର୍ଦ୍ଧନ ସାମଲ ଦେଇଥିବା ବେଳେ ସଂପାଦକୀୟ ବିବରଣୀ ପାଠ କରିଥିଲେ ଆମ୍ଭ ଅନୁଷ୍ଠାନର ସମ୍ପାଦକ ସୁଧାକର ରାଉତ । ଏହି ସ୍ମୃତି ସଭାରେ ମୁଖ୍ୟ ଅତିଥିଭାବେ ମାନନୀୟ ଜିଲ୍ଲାପାଳ ଡ଼. ଦିଲୀପ ରାଉତରାଏ, ସମ୍ମାନୀୟ ଅତିଥିଭାବେ ସେବା ନିବୃତ ଅଧ୍ୟାପକ ଡ଼. ଭାଗବତ ତ୍ରିପାଠୀ ଏବଂ ଆଉ ଜଣେ ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ପ୍ରାଧ୍ୟାପକ ସୁଧୀର ଚନ୍ଦ୍ର ଜେନା ଯୋଗଦାନ କରି ସେମାନଙ୍କର ବକ୍ତବ୍ୟ ରଖିଥିଲେ । ଶେଷରେ ସଭାପତିଙ୍କ ଭାଷଣ ପରେ ଧନ୍ୟବାଦ ଦେଇଥିଲେ ଯୁଗ୍ମ ସଂପାଦକ ମଦନ ମୋହନ ନାୟକ । ସକାଳ ୭ଟା ବେଳେ ଗାନ୍ଧୀ ପଡ଼ିଆ ଠାରେ ସଫେଇ କାର୍ଯ୍ୟ ହୋଇଥିଲା ଏବଂ ଗାନ୍ଧୀଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ସହଯୋଗ କରିଥିଲେ ସମାଜସେବୀ ଅଜୟ ନାୟକ, ଭାସ୍କର ଚନ୍ଦ୍ର ନାୟକ, ହରମୋହନ କୁଅଁର, ଆଦିତ୍ୟ ଗୋସ୍ୱାମୀ, ମୁକ୍ତିକାନ୍ତ ମହାପାତ୍ର, ଆଦିତ୍ୟ ନାୟକ, ଗୌରାଙ୍ଗ ବାରିକ୍, ଡ଼. ମନୀନ୍ଦ୍ର ମହାନ୍ତି, ଡ଼. ଗୋଲକ ବିହାରୀ ସାହୁ, ବିବେକାନନ୍ଦ ମୁଖାର୍ଜୀ, ରମାକାନ୍ତ ନାୟକ, ଅଶୋକ କୁମାର ଦାସ, ରାମଚନ୍ଦ୍ର ପଣ୍ଡା, ଶାନ୍ତିଲତା ବାରିକ୍, ସଂଯୁକ୍ତା ଯାଦବ, ନିରଞ୍ଜନ ବିଶ୍ୱାଳ, କରୁଣାକର ଉପାଧ୍ୟାୟ, ଇନ୍ଦ୍ରମଣି ପଣ୍ଡା, ଅଜିତ୍ ନାୟକ, ନାରାୟଣ ଚନ୍ଦ୍ର ପାଢ଼ୀ ଏବଂ ବୈଲୋଚନ ବେହୁରିଆ ।

# ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ସାଇକ୍ଲିଂ ଲିଗ୍ ଓ ବିଶ୍ୱ ସାଇକେଲ୍ ଦିବସ ପାଳିତ

ସମ୍ବଲପୁର, ୮/୦୬ (ନି.ପ୍ର): ମହିଳାମାନଙ୍କ କ୍ରୀଡ଼ା କ୍ଷେତ୍ରରେ ଅଂଶଗ୍ରହଣକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍ ପକ୍ଷରୁ ସମ୍ବଲପୁରରେ ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ସାଇକ୍ଲିଂ ଲିଗ୍ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସମ୍ବଲପୁର ସାଇକ୍ଲିଂ କ୍ଲବ୍ ସହଯୋଗ କରିଥିଲା। ବିଶ୍ୱ ସାଇକେଲ୍ ଦିବସ ଅବସରରେ ଆୟୋଜିତ ଏହି ଲିଗ୍ ମାଧ୍ୟମରେ ମହିଳାମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ଆଗେଇ ଆସିବାକୁ ଉତ୍ସାହିତ କରାଯାଇଥିଲା। ଏହି ସାଇକ୍ଲିଂ ରାଲିରେ ପ୍ରାୟ ୧୨୦ ଜଣ ସାଇକ୍ଲିଷ୍ଟ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ନିକଟସ୍ଥ ବିଦ୍ୟାଳୟର ଛାତ୍ରୀମାନେ ଓ ସମ୍ବଲପୁର ସାଇକ୍ଲିଂ କ୍ଲବ୍ର ସଦସ୍ୟମାନେ ସାମିଲ ଥିଲେ। ଯୁବତୀ ଓ କିଶୋରୀମାନଙ୍କ ମଧ୍ୟରେ ସାଇକ୍ଲିଂ ପ୍ରତି ଆଗ୍ରହ ସୃଷ୍ଟି, ଶାରୀରିକ ସୁସ୍ଥତା, ଆତ୍ମବିଶ୍ୱାସ ବୃଦ୍ଧି ଏବଂ କ୍ରୀଡ଼ା ଦକ୍ଷତାର ବିକାଶ ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା।

ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗର ପ୍ରତିନିଧି ଡା. ଜ୍ଞାନ ରଞ୍ଜନ ପରିଡ଼ା ଓ ଓଡ଼ିଶା ସାଇକ୍ଲିଂ ଆସୋସିଏସନର ପି. କେ. ବିଶୋଇ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ଅବସରରେ ଆୟୋଜକମାନେ କହିଥିଲେ ଯେ, ଗ୍ରାମାଂଚଳ ସ୍ତରରୁ ଝିଅମାନଙ୍କ ପାଇଁ କ୍ରୀଡ଼ା ସୁଯୋଗ ସୃଷ୍ଟି କରିବା ଏବଂ ସାଇକ୍ଲିଂକୁ ଏକ ସହଜ ଓ ସ୍ୱାସ୍ଥ୍ୟକର ଖେଳ ଭାବେ ଲୋକପ୍ରିୟ କରିବା ଆବଶ୍ୟକ। ଏହି କାର୍ଯ୍ୟକ୍ରମ ସାଇକ୍ଲିଂର ସ୍ୱାସ୍ଥ୍ୟଗତ, ପରିବେଶ ସୁରକ୍ଷା ଓ ସ୍ଥାୟୀ ବିକାଶ କ୍ଷେତ୍ରରେ ଥିବା ଉପକାରିତା ସମ୍ପର୍କରେ ମଧ ସଚେତନତା ସୃଷ୍ଟି କରିଥିଲା।

ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍ ପକ୍ଷରୁ କ୍ରୀଡ଼ା ବିଭାଗ, ସମ୍ବଲପୁର ସାଇକ୍ଲିଂ କ୍ଲବ୍, ଅଂଶଗ୍ରହଣକାରୀ ବିଦ୍ୟାଳୟ, ସ୍ୱେଚ୍ଛାସେବୀ ଏବଂ ସମସ୍ତ ସାଇକ୍ଲିଷ୍ଟଙ୍କୁ ଏହି କାର୍ଯ୍ୟକ୍ରମର ସଫଳତା ପାଇଁ କୃତଜ୍ଞତା ଜଣାଯାଇଛି।

ସମ୍ବଲପୁରରେ ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ସାଇକ୍ଲିଂ ଲିଗ୍ର ସଫଳ ଆୟୋଜନ ଓଡ଼ିଶାରେ ସାଇକ୍ଲିଂ ପ୍ରତି ବଢ଼ୁଥିବା ଆଗ୍ରହକୁ ପ୍ରତିଫଳିତ କରିବା ସହ ଆଗାମୀ ପିଢ଼ିର ମହିଳା ସାଇକ୍ଲିଷ୍ଟମାନଙ୍କୁ ପ୍ରୋତ୍ସାହନ ଦେବା ଦିଗରେ ସମସ୍ତଙ୍କ ପ୍ରତିବଦ୍ଧତାକୁ ଉଚ୍ଚ ପ୍ରଶଂସା କରାଯାଇଛି ।

# ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋରଙ୍କୁ ଅସମ୍ମାନ: ଚିଠି ଲେଖି ଡାକିଲେ, ମଂଚରେ ବସାଇବାକୁ ଭୁଲିଗଲେ

ଭଦ୍ରକ, ୮/୦୬ (ନି.ପ୍ର): ଯେଉଁ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନ ପାଇଁ ଆଜି ଦେଶ ସ୍ୱାଧୀନ, ସେହି ବୀର ସନ୍ତାନଙ୍କୁ ସ୍ଥାନୀୟ ପ୍ରଶାସନ ଏବଂ ରାଜନୈତିକ ନେତାମାନେ କିଭଳି ଅସମ୍ମାନ କରିପାରନ୍ତି, ତାର ଏକ ଜ୍ୱଳନ୍ତ ଉଦାହରଣ ଆଜି ଧାମନଗର ବ୍ଲକ ବୟାଙ୍ଗଡିହି ପଞ୍ଚାୟତ ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଶିଳାନ୍ୟାସ ଉତ୍ସବ ଅବସରରେ ଜଣେ ପ୍ରତିଷ୍ଠିତ ବୃଦ୍ଧ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନିତ ଅତିଥି ଭାବେ ଡାକି ମଂଚ ତଳେ ଅପମାନିତ କରାଯାଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତନ ଆଣିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭିଡିଓ ୨୦୪ଟି 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ'ର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କ୍ରମରେ ଧାମନଗର ବ୍ଲକର ବୟାଙ୍ଗଡିହି ଉତ୍କଳମଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଏହି ଆଦର୍ଶ ବିଦ୍ୟାଳୟ ଭାବେ ଘୋଷଣା କରାଯାଇ ସ୍ଥାନୀୟ ସ୍ତରରେ ଏକ ଶିଳାନ୍ୟାସ ଉତ୍ସବର ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେବା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିଠି ସଂଖ୍ୟା ୬୭ ଜରିଆରେ ସ୍ଥାନୀୟ ଅଂଚଳର ଗର୍ବ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତଙ୍କୁ ନିମନ୍ତ୍ରଣ କରିଥିଲେ। ସରକାରୀ ଆହ୍ୱାନକୁ ସମ୍ମାନ ଜଣାଇ ସଂଗ୍ରାମୀ ବ୍ରଜକିଶୋର ନିର୍ଦ୍ଧାରିତ ସମୟରେ ସଭାସ୍ଥଳରେ ପହଂଚିଥିଲେ। ମାତ୍ର ସେତେବେଳକୁ ମଂଚ ଉପରେ ବିଇଓ ପ୍ରଫୁଲ୍ଲ ସାହୁ, ଏବିଇଓ ସତ୍ୟସୁନ୍ଦର ପରିଡ଼ା, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ଅବସରପ୍ରାପ୍ତ ଶିକ୍ଷକ ଭାଗବତ ପାତ୍ର, ସମାଜସେବୀ ସୁବ୍ରତ ସାମଲ ଏବଂ ସ୍ଥାନୀୟ ସରପଂଚଙ୍କ ପରିବାର ଲୋକେ ଆସନ ଗ୍ରହଣ କରି ସାରିଥିଲେ। ଆଶ୍ଚର୍ଯ୍ୟର ବିଷୟ, ସଭାସ୍ଥଳରେ ପହଂଚିଥିବା ଅତିଥି ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋରଙ୍କ ପାଇଁ ମଂଚରେ କୌଣସି ଆସନ ଖାଲି ନଥିଲା କି କେହି ଜଣେ ହେଲେ ସରକାରୀ ବା ରାଜନୈତିକ ବ୍ୟକ୍ତି ତାଙ୍କୁ ସମ୍ମାନର ସହ ମଂଚକୁ ଡାକିବା ଉଚିତ୍ ମଣିନଥିଲେ। କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା, ଜାତୀୟ ସଙ୍ଗୀତ ଏବଂ ରାଜ୍ୟ ସଙ୍ଗୀତ ଗାନ କରାଯାଇଥିଲା। ଦେଶାତ୍ମବୋଧର ଭାବନାରେ ଉଦ୍‌ବୁଦ୍ଧ ସଂଗ୍ରାମୀ ବ୍ରଜକିଶୋର ଜଣେ ସାଧାରଣ ଲୋକଙ୍କ ଭଳି ମଂଚ ତଳେ ଛିଡ଼ାହୋଇ ସଙ୍ଗୀତ ଗାନ କରିଥିଲେ, କିନ୍ତୁ ଅଭିମାନୀ ମଂଚାସୀନ ବ୍ୟକ୍ତିବିଶେଷଙ୍କ ଆଖି ତାଙ୍କ ଉପରେ ପଡ଼ିନଥିଲା। ଏହି ସମ୍ବେଦନଶୀଳ ଦୃଶ୍ୟକୁ ସେଠାରେ ଉପସ୍ଥିତ ଜଣେ ସ୍ଥାନୀୟ ସାମ୍ବାଦିକ ନିଜ କ୍ୟାମେରାରେ କଏଦ କରି ସୋସିଆଲ ମିଡିଆରେ ଭିଡିଓ ପୋଷ୍ଟ କରିବା ପରେ ସଭାସ୍ଥଳରେ ହଟଚମଟ ସୃଷ୍ଟି ହୋଇଥିଲା। ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ହେବା ଏବଂ ସାମ୍ବାଦିକଙ୍କ ହସ୍ତକ୍ଷେପ ପରେ ଚେତା ଫେରିଥିଲା ପ୍ରଶାସନର। ମଂଚରେ ଥିବା ବ୍ୟକ୍ତିମାନେ ତରବରିଆ ଭାବେ ତାଙ୍କୁ ମଂଚକୁ ଡାକିବାକୁ ଚେଷ୍ଟା କରିଥିଲେ, ମାତ୍ର ସେଠାରେ ମଧ ଅଜ୍ଞତାର ସୀମା ପାର୍ ହୋଇଥିଲା। ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତଙ୍କୁ ମଞ୍ଚରୁ ଡାକିବା ବେଳେ 'ସ୍ୱାଧୀନତା ସଂଗ୍ରାମୀ ଗଣେଶ୍ୱର ରାଉତ ମଂଚକୁ ଆସନ୍ତୁ' ବୋଲି ଭୁଲ୍ ନାଁରେ ସମ୍ବୋଧନ କରାଯାଇଥିଲା, ଯାହା ସେମାନଙ୍କର ସଂଗ୍ରାମୀଙ୍କ ପ୍ରତି ଥିବା ଆନ୍ତରିକତା ଓ ସମ୍ମାନବୋଧର ଅସଲ ଚେହେରାକୁ ପଦାରେ ପକାଇ ଦେଇଛି। ବୟାଙ୍ଗଡିହି ଗାଁର ବ୍ରଜକିଶୋର ରାଉତ ଜଣେ ନାମୀ ସ୍ୱାଧୀନତା ସଂଗ୍ରାମୀ। ଗତ ୨୦୨୦ ଅଗଷ୍ଟ ୯ ତାରିଖ କ୍ରାନ୍ତି ଦିବସ ଅବସରରେ 'ସ୍ୱତନ୍ତ୍ରତା ସୈନିକ ସମ୍ମାନ ଯୋଜନା'ରେ ଭାରତର ମାନ୍ୟବର ରାଷ୍ଟ୍ରପତିଙ୍କ ପକ୍ଷରୁ ତତ୍କାଳୀନ ଭଦ୍ରକ ଜିଲ୍ଲାପାଳ ଜ୍ଞାନ ରଞ୍ଜନ ଦାସ ଓ ବିଡିଓ ଦୁର୍ଗାଚରଣ ମୁର୍ମୁ ନିଜେ ବ୍ରଜକିଶୋରଙ୍କ ବାସଭବନରେ ପହଞ୍ଚି ତାଙ୍କୁ ସମ୍ମାନିତ କରିଥିଲେ। ଗାଁରେ ଏଭଳି ଜଣେ ମହାନ ବ୍ୟକ୍ତିତ୍ୱ ଅଛନ୍ତି ବୋଲି ଜାଣି ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିଠି ଲେଖିଲେ ସତ, ମାତ୍ର ସଭାସ୍ଥଳରେ ତାଙ୍କୁ ଉପଯୁକ୍ତ ପ୍ରୋଟୋକଲ୍ ଓ ସମ୍ମାନ ଦେବାକୁ ଭୁଲିଗଲେ। ନେତା ଓ ସରକାରୀ ବାବୁମାନଙ୍କର ଏଭଳି ବେଖାତିର ମନୋଭାବକୁ ଧାମନଗର ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରାଯିବା ସହ ଏଥିପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି।

# ବିଦ୍ୟାଳୟର ବାର୍ଷିକ ଶିକ୍ଷା ଭିତ୍ତିକ କର୍ମଶାଳା

ଜୟପୁର, ୮/୦୬ (ନି.ପ୍ର): ଜୟନଗର ସ୍ଥିତ ପାଇକ ସାହିରେ ଥିବା ସାରସ୍ୱତ ବାଲ ମନ୍ଦିରର ଶିକ୍ଷୟତ୍ରୀ ମାନଙ୍କୁ ନେଇ ପାଳିତ ହୋଉଅଛି ବିଦ୍ୟାଳୟର ବାର୍ଷିକ ଶିକ୍ଷା ଭିତିକ କର୍ମଶାଳା। ଅନୁଷ୍ଠାନର ଅଧକ୍ଷା, ଶିକ୍ଷୟିତ୍ରୀଗଣ, ପରିଚାଳନା କମିଟି ଏବଂ ଅଭିଭାବକମାନଙ୍କର ପୂର୍ଣ୍ଣ ସହଯୋଗରେ ଏହି ୧୦ ଦିନିଆ କର୍ମଶାଳା ହୋଇପାରୁ ଅଛି । ଗତ ୫ ତାରିଖ ସନ୍ଧ୍ୟା ୫. ୧୦ ମି. ସମୟରେ ପ୍ରଥମ ଦିନ ମାନସ୍ଥାତିକବିତ ଏନ ସୁଧାକରଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଦ୍ୱିତୀୟ ଦିନରେ, କହିବା ଶୁଣିବା ମନେ ରଖିବା ବିଷୟରେ ହୋଇଥିବା ବେଳେ, ତୃତୀୟ ଦିନରେ କଳା ପ୍ରଶିକ୍ଷକ ନୃସିଂହ ଷଡ଼ଙ୍ଗୀ ଏବଂ ପଦ୍ମନାଭ ଚୌଧୁରୀ ବିଭିନ୍ନ ଚିତ୍ର, କାଗଜରେ ମୂର୍ତି, ଏବଂ ହସ୍ତ କାରିଗରୀ ଓ କଳା କୌଶଳ ବିଷୟରେ ଆଲକପାତ କରି, ଅନେକ କାର୍ଯ୍ୟର ଶିକ୍ଷା ପ୍ରଦାନ କରିଥିଲେ। ଯାହାକୁ ନାମିତ କରାଯାଇଥିଲା ଜୀବନଶୈଳୀରେ ଚିତ୍ର, ଚାରୁକଳାର ଆବଶ୍ୟକତା। ଆଗକୁ ସଂଗୀତ ଶିକ୍ଷାରେ ସାହାଯ୍ୟ କରିବେ ମନୁ ଗୁରୁଜୀ, ଗୀତହିଁ ପିଲାଙ୍କ ପ୍ରକୃତ ଆହାର ନାମରେ ନାମିତ କରାଯାଇଛି। ପାଠ୍ୟସାଳରେ ବ୍ୟାକରଣ, ପରେ ପଞ୍ଚାନନ ମିଶ୍ରଙ୍କ ଦ୍ୱାରା ଶିକ୍ଷା ଏବଂ ସାହାଯ୍ୟ ଉପକରଣ, ରାଧ ମୋହନ ପଣ୍ଡାଙ୍କ ଦ୍ୱାରା ହିନ୍ଦୀ ଜୀବନ କି ଧାରାହେ, ଏମ୍. ଡ଼ି. ସାରିଫଙ୍କ ଦ୍ୱାରା ଜ୍ଞାନ ହି ବିଜ୍ଞାନ ହେ, ଉଦୟ ଶଙ୍କର, ଯାନୀଙ୍କ ଦ୍ୱାରା ପିଲାଙ୍କ ମନ, ଦିଲୀପ ପଣ୍ଡାଙ୍କ ଦ୍ୱାରା ସାହିତ୍ୟରେ ବିଜ୍ଞାନ, ଏବଂ ଶୁଦ୍ଧି ଅସୁଧି ଏବଂ ଶେଷରେ ନିରଞ୍ଜନ ପାଣିଗ୍ରାହୀ ଙ୍କ ଦ୍ୱାରା ନାଟକ. 'ଏଫୋର୍ଟ ନେଭେର ଡାଇସ' ପରିଚାଳନା କରାଯିବ।ଏହି କର୍ମଶାଳା ଟିକୁ ଅନୁଷ୍ଠାନର ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀ, ପ୍ରିନସିପାଲ ରିତାଲି ସାହୁ ପୂର୍ବତନ ବରିଷ୍ଠ ଉଦଘୋଷକ ତଥା ନାଟ୍ୟକାର ଉଦୟ ଶଙ୍କର ଯାନୀ ବିଦ୍ୟାଳୟର ସଭାପତି ଅନୁପ କୁମାର ସମନ୍ତରାୟ ଉଜଉଉ ବିଜୟ ଲକ୍ଷ୍ମୀ ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ରୀତିରେ ବାର୍ଷିକ କର୍ମଶାଳାଟିକୁ ଉଦଘାଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାତିକଳା ପାଣ୍ଡି, ନିଶାରାଣୀ ସାହୁ ମୈତ୍ରୀ ତ୍ରିପାଠୀ ଲୋପାମୁଦ୍ରା ଜେନା, ବୈଜୟନ୍ତୀ ପଟନାୟକ, ସ୍ମିତା ରଥ, ଟିକିନା ତ୍ରିପାଠୀ, ତନୁଶ୍ରୀୟା ଚୌଧୁରୀ, ମାମୁନି ସ୍ୱାଇଁ, ସ୍ୱର୍ଣ୍ଣଲତା ମଲ୍ଲିକ, ରୀନା ଗୌଡ଼ ଏବଂ ଅଭିଭାବକଙ୍କ ଉପସ୍ଥିତିରେ ଚଳଚଞ୍ଚଳ ହୋଇଥିଲା କାର୍ଯ୍ୟକ୍ରମ। ଏଭଳି ଏକ ପ୍ରାଥମିକ ଅନୁଷ୍ଠାନରେ ଆୟୋଜିତ ହେବ ବିଭିନ୍ନ ପ୍ରକାରର ଶିକ୍ଷା ଯାହାକି ପିଲାଙ୍କ ଏବଂ ଶିକ୍ଷୟତ୍ରୀଙ୍କ ପାଠ ପଢାକୁ ସୁନ୍ଦର ସରସ କରିପାରିବ। ଅନୁଷ୍ଠାନର ସାଧନା, ନିଷ୍ଠା ଏବଂ କାର୍ତବ୍ୟନିଷ୍ଠତା ପ୍ରତିଫଳିତ ହେଉଥିଲା। ଏହି କାର୍ଯ୍ୟକ୍ରମରେ କିଛି ପିତା ମାତା ଏବଂ ଅଭିଭାବକ ଯୋଗଦାନ କରି ଅନୁଷ୍ଠାନର ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ କୁ ସମ୍ପାଦକ, ସଭାପତି ଅନୁପ କୁମାର ସାମନ୍ତରାୟ ପରିଚାଳନା କରିଥିଲେ, ' 'ବିଦ୍ୟାଳୟ ର ଅଧକ୍ଷା ରିତାଲି ସାହୁ ଏବଂ ଅନ୍ୟାନ୍ୟ ଶିକ୍ଷୟତ୍ରୀ ମନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ପ୍ରତାପପୁରରେ ନେଚର କ୍ୟାମ୍ପ ଅନୁଷ୍ଠିତ

ସୁବର୍ଣପୁର, ୮/୦୬ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ପ୍ରତାପପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ବେସରକାରୀ ସଂସ୍ଥା ଗ୍ରାମୋତଥାନର ମିଳିତ ଆନୁକୂଲ୍ୟରେ ଏକ ଦିନିଆ ନେଚର କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି । ପରିବେଶ ସୁରକ୍ଷା, ଜଳବାୟୁ ପରିର୍ବନ ଓ ପ୍ରକୃତି ପ୍ରତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମୋତ୍ଥାନର ସିଇଓ ପ୍ରତାପ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷାରେ ଯୁବପିଢ଼ିର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମୋତଥାନର ପ୍ରୋଗ୍ରାମ ମ୍ୟାନେଜର ଖିରେନ୍ଦ୍ର ରଣା, ଆନ୍ନା ଖେସ ଓ ରଶ୍ମିତା ପ୍ରଧାନ ବିଶିଷ୍ଟ ଅତିଥି ଭାବେ ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ନନ୍ଦ ସଭାପତିତ୍ୱ କରିବା ସହିତ ସ୍ୱାଗତ ଭାଷଣରେ ଆମ ବିଦ୍ୟାଳୟ ଚଳିତ ବର୍ଷ ଆମ ରାଜ୍ୟର ଶ୍ରେଷ୍ଠ ଇକୋ କ୍ଲବ ଭାବରେ ପୁରସ୍କୃତ ହୋଇଥିବାରୁ ଖୁସିବ୍ୟକ୍ତ କରିଥିଲେ ଓ ଶ୍ରେଷ୍ଠ ଇକୋ କ୍ଲବ୍ ହିସାବରେ ଆମର କର୍ତବ୍ୟ ବିଷୟରେ ସଚେତନ କରିଥିଲେ। ସ୍କୁଲ ଲିଡର ଅନିତା ଖେତି, ମାନସୀ ମେହେର, ତରଙ୍ଗିଣୀ ଜଗଦଲା ଓ ଜୟକୃଷ୍ଣ ରାଉତ, ଶିକ୍ଷକ ଅକ୍ଷୟ କୁମାର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଏବଂ ଶିକ୍ଷକ ଗୋପେଶ ପଣ୍ଡା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

ନେଚର କ୍ୟାମ୍ପରେ ଜଳବାୟୁ ପରିବର୍ତନ ଓ ତାପମାତ୍ରା ବୃଦ୍ଧିର କାରଣ, ଦୂଷିତ ଓ ସୁରକ୍ଷିତ ପରିବେଶ, ଭୂତଳ ଜଳସ୍ତର ହ୍ରାସର କାରଣ ଏବଂ ଅଂଶୁଘାତରୁ ସୁରକ୍ଷା ଆଦି ବିଷୟକୁ ଏକ୍ଟିଭିଟି ମଧ୍ୟମରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ସ୍ୱେଚ୍ଛାସେବୀ ଶିକ୍ଷକ ଅମନ ମହାପାତ୍ରଙ୍କ ଲିଖିତ ଓ ନିର୍ଦ୍ଦେଶିତ ପଥପ୍ରାନ୍ତ ନାଟକ "ଗଛ ଓ କାଠୁରିଆ" ପରିବେଷିତ ହୋଇଥିଲା। ଏହା ସହ ଛାତ୍ରଛାତ୍ରୀମାନେ "ଗଛଟିଏ ମୁଁ ଗଛଟିଏ" ନୃତ୍ୟ ଏବଂ "ମୁଁ କାହିଁକି ଯିବି ଗଙ୍ଗା।" ଗୀତ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କ ପ୍ରଶଂସା ସାଉଁଟିଥିଲେ। ବିଦ୍ୟାଳୟର ଛାତ୍ରୀ ଶ୍ରଦ୍ଧା କାରଙ୍କର ଜନ୍ମଦିନ ପାଳନ ଅବସମରେ ଏକ ବୃକ୍ଷରୋପଣ କରାଯିବା ସହିତ ତାଙ୍କୁ ଏହାର ଯତ୍ନ ନେବାକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା ।

ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉତ୍ସାହର ସହିତ କ୍ୟାମ୍ପରେ ଅଂଶଗ୍ରହଣ କରିଥିଲେ। ଶେଷରେ ଏସ୍.ଏମ୍.ସି. ସଭାପତି ଲକ୍ଷ୍ମଣ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ପରିବେଶ ସୁରକ୍ଷା ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ଓ ସଚେତନତା ବୃଦ୍ଧିରେ ଏହି ନେଚର କ୍ୟାମ୍ପ ସହାୟକ ହେବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ।




ପ୍ରାୟତଃ ଅନେକ ଲୋକଙ୍କୁ ଚିକେନ୍ ବିରିୟାନୀ ଖାଇବା ଭାରି ପସନ୍ଦ । ଆମିଷ ବାର ପଡ଼ିଗଲେ ଖାଇବାଟା ଜମିଲା । ନନଭେଜ୍ , ଭେଜ୍ ବିରିୟାନୀ ଏମିତି ଅଲଗା ଭେରାଇଟିର ବିରିୟାନୀ ଖାଇବା ପରେ ଅନେକ ଲୋକ ହଜମ କରିବା ପାଇଁ କାର୍ବୋନେଟେଡ୍ ସଫ୍ଟ ଡ୍ରିଙ୍କ୍ ପିଇବାକୁ ପସନ୍ଦ କରିଥା'ନ୍ତି । ଅନେକ ସମୟରୁ ଆମ ମନରେ ଏହି ଧାରଣା ରହିଆସିଛି ଯେ ଖାଇବା ପରେ ମୃଦୁପାନୀୟ ସେବନ କଲେ ଖାଦ୍ୟ ସହଜରେ ହଜମ ହୋଇଯାଏ । କିନ୍ତୁ ବିଶେଷଜ୍ଞ ଏହାର ଓଲଟା କୁହନ୍ତି ଅର୍ଥାତ ଖାଇବା ପରେ କୋଲ୍ଡ ଡ୍ରିଙ୍କ୍ସ ଆଦୌ ପିଇବା ଉଚିତ ନୁହେଁ । ଏମିତିକି ଖାଇବାର ତୁରନ୍ତ ପରେ ପାଣି ମଧ୍ୟ ପିଇବା ଠିକ୍ ନୁହେଁ ବୋଲି କୁହନ୍ତି ବିଶେଷଜ୍ଞ । ଯଦି ପେଟ ଭାରି ଭାରି ଲାଗୁଛି ତା'ହେଲେ ଖାଇବାର କିଛି ସମୟ ବ୍ୟବଧାନରେ ପାଣି ପିଇପାରିବେ । କୋଲ୍ଡ ଡ୍ରିଙ୍କ୍ସରେ ଅଧିକ ପରିମାଣର କାର୍ବନ ଡାଇଅକ୍ସାଇଡ୍ ଏବଂ ଚିନି ଥାଏ । ଅଳେଇଚ, ଲବଙ୍ଗ ଏବଂ ଡାଲଚିନି ପରି ମସଲା ହେତୁ ବିରିୟାନୀ ମଧ୍ୟ ଅମ୍ଳୀୟ ହୋଇଥାଏ । କୌଣସି ନିର୍ଦ୍ଦିଷ୍ଟ ବ୍ୟବଧାନ ବିନା ଏହି ଦୁଇଟିକୁ ସେବନ କରିବା ଦ୍ୱାରା ଶରୀରରେ ଅମ୍ଳୀୟତା ସ୍ତର ବଢ଼ିପାରେ । ବିଶେଷଜ୍ଞମାନେ ଅଧିକ ଚିନି ଥିବା ଭାରୀ ଖାଦ୍ୟ ସେବନ କରିବା ସମୟରେ କୋଲ୍ଡ ଡ୍ରିଙ୍କ୍ସରୁ ଦୂରେଇ ରହିବାକୁ ପରାମର୍ଶ ଦିଅନ୍ତି । କାର୍ବୋନେଟେଡ୍ ପାନୀୟଗୁଡ଼ିକ ପେଟ ଫୁଲିବା ଏବଂ ହଜମ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି କରିପାରନ୍ତି । ଏହା ପରିବର୍ତ୍ତେ ବିରିୟାନୀ ଖାଇବାର ଏକ ଘଣ୍ଟା ପରେ ଅଣ-କାର୍ବୋନେଟେଡ୍ ପାନୀୟ ସେବନ କରିବାକୁ ପରାମର୍ଶ ଦିଆଯାଏ । ତେବେ ବିରିୟାନୀ ଖାଇବା ପରେ କେଉଁ ପାନୀୟ ପିଇବା ଦେହ ପାଇଁ ଭଲ ଆସନ୍ତୁ ଜାଣିବା । ସ୍ୱାଦିଷ୍ଟ ବିରିୟାନୀ ଖାଇବା ପରେ ଆପଣ ଦହିଘୋଳ ପିଇ ପାରିବେ । ଲହୁଣୀ,ପାଣି, ଅଦା, କଞ୍ଚା ଲଙ୍କା ଏବଂ ଭୃସୁଙ୍ଗା ପତ୍ରର ମିଶ୍ରଣରେ ପ୍ରସ୍ତୁତ ହୋଇଥିବା ଚହ୍ଲା ପିଇପାରିବେ । ଭାରତରେ ଏହି ପାରମ୍ପରିକ ପାନୀୟର ପ୍ରଚଳନ ଅନେକ ବର୍ଷରୁ ହୋଇଆସୁଛି । ଚହ୍ଲା ଖାଦ୍ୟକୁ ତୁରନ୍ତ ହଜମ କରାଇଥାଏ । ଠିକ୍ ସେହିପରି ଆପଣ ପୁଦିନା ଲେମ୍ବୁ ପାଣି ମଧ୍ୟ ବିରିୟାନୀ ଖାଇବା ପରେ ପିଇପାରିବେ । ଲେମ୍ବୁ, ପୁଦିନା ପତ୍ର, ଚିନି ଏବଂ ପାଣି ମିଶାଇ ତିଆରି ହୋଇଥିବା ଏହି ପାନୀୟ ସତେଜ ଏବଂ ପୁଦିନା ପରି ସ୍ୱାଦିଷ୍ଟ ହୋଇଥାଏ ଯାହା ପେଟ ସଫା କରିବାରେ ସାହାଯ୍ୟ କରେ । ଖାସ୍ କରି ଗ୍ରୀଷ୍ମ ଋତୁରେ ଏହି ପାନୀୟର ଅଧିକ ଚାହିଦା ଥାଏ । ଘରୁ ଆରମ୍ଭ କରି ରେଷ୍ଟୁରାଣ୍ଟ ପର୍ଯ୍ୟନ୍ତ ପୁଦିନା ଲେମ୍ବୁ ପାଣି ସବୁଠାରେ ସହଜରେ ମିଳିଯାଏ । ବିରିୟାନୀ ଖାଇବା ପରେ କୋଲ୍ଡ୍ରିଙ୍କ୍ ବଦଳରେ ଆପଣ ଫଳରସ ପିଇପାରିବେ । ଆମ୍ବ, ପିଜୁଳି ଏବଂ ଡାଳିମ୍ବ ପରି ସତେଜ ଫଳର ଜୁସ୍ ସହଜରେ ହଜମ ହେବା ସହ ଦେହ ପାଇଁ ମଧ୍ୟ ସ୍ୱାସ୍ଥ୍ୟକର ବୋଲି କୁହାଯାଏ । ଏହି ଫଳରସ ଭିଟାମିନ୍, ଖଣିଜ ଏବଂ ଆଣ୍ଟିଅକ୍ସିଡାଣ୍ଟର ଏକ ସତେଜ ଡୋଜ୍ ପ୍ରଦାନ କରେ । ସତେଜ ଫଳ ରସ ଜୁସ୍ ଦୋକାନ, କାଫେ ଏବଂ ରେଷ୍ଟୁରାଣ୍ଟରେ ସହଜରେ ମିଳିଥାଏ ।

## ସବୁକଥା ବନ୍ଧୁଙ୍କୁ କହିବେନି



ସବୁବେଳେ ନିଜ ସମ୍ପର୍କକୁ ସିମ୍ପଲ ରଖିବା ଭଲ ହେବ। ସମ୍ପର୍କରେ ସମସ୍ତ ସୁଖଦ ମୁହୂର୍ତ୍ତକୁ ବନ୍ଧୁମାନଙ୍କ ସହ ସେୟାର କରିବା ଦ୍ୱାରା ବେଳେବେଳେ ସେମାନେ ଈର୍ଷା କରିପାରନ୍ତି ଆଉ ସମ୍ପର୍କରେ ଥିବା ସମସ୍ୟା ବିଷୟରେ ସେୟାର କଲେ ସେମାନେ କୌଣସି ବିଷୟବସ୍ତୁକୁ ନେଇ ହସି ପାରନ୍ତି। ସାଥୀଙ୍କ ସହ ଆପଣଙ୍କ ଜୀବନ କେତେ ଭଲ କେତେ ଖରାପ ତାହା ବନ୍ଧୁଙ୍କ ସହ ଆଲୋଚନା କରିବାରେ କମିଛି ମାନେ ନାହିଁ। ସାଥୀଙ୍କ ସହ ଝଗଡ଼ା ହେବା ପରେ ଆପଣ ଆପଣଙ୍କ ଦୁଃଖକୁ କାହା ସହ ନିଶ୍ଚିତ ସେୟାର କରିବାକୁ ଭାବୁଥିବେ। କିନ୍ତୁ ଏହା ସତଯେ, ଆପଣ ସାଥୀଙ୍କ ସହ କ'ଣ ଝଗଡ଼ା ହେଉଛି ସେ ବିଷୟରେ ବନ୍ଧୁଙ୍କ ସହ ଆଲୋଚନା କରିବା କିଛି ମାନେ ନାହିଁ। ଯଦି ସାଥୀଙ୍କ ଆର୍ଥିକ ସ୍ଥିତି ଭଲ ନାହିଁ ତ ଭଲ ହେବ, କିନ୍ତୁ ଏ ବିଷୟରେ ଆପଣ ପ୍ରଥମେ ତାଙ୍କ ସହ ହିଁ ଆଲୋଚନା କରନ୍ତୁ। କିନ୍ତୁ ଅନ୍ୟ କାହାଦ୍ୱାରା ଆଲୋଚନା କରିବା ଦ୍ୱାରା ସମ୍ପର୍କ ଆଦୌ ଭଲ ରହିବ ନାହିଁ। ସାଥୀଙ୍କ ସହ କୌଣସି ସମସ୍ୟାକୁ ଆପଣଙ୍କ ବାପା ମା' କିମ୍ବା ଭଉଣୀଙ୍କ ସହ ସେୟାର କରିପାରିବେ, କିନ୍ତୁ ବନ୍ଧୁଙ୍କୁ ଏହା ଭିତରକୁ ନଆଣିବା ଠିକ୍ ହେବ।

ଅଧିକାଂଶ ଲୋକ ଉଷୁମ ପାଣି ପିଇବାକୁ ପସନ୍ଦ କରନ୍ତି । ଏଥିପାଇଁ ଅନେକ ଲୋକ ଗ୍ୟାସ୍ ଉପରେ ପାଣି ସିଝାଇ ପିଅନ୍ତି ତ ଆଉ କେତେ ବୈଦ୍ୟୁତିକ କେଟଲିର ବ୍ୟବହାର କରନ୍ତି । ପାଣି ବ୍ୟତୀତ ଏହି କେଟଲିରେ ଚା'ମଧ୍ୟ ତିଆରି କରାଯାଏ । ଖାଲି ପାଣି ଓ ଚା' କାହିଁକି ଏଥିରେ କ୍ଷୀର ମଧ୍ୟ ଗରମ କରାଯାଏ । କିନ୍ତୁ ଯଦି ଭୁଲ୍ ଭାବରେ ଏହାକୁ ବ୍ୟବହାର କରାଯାଏ ତେବେ ସର୍ଟ ସର୍କିଟ୍ , ଅତ୍ୟଧିକ ଗରମ ଏବଂ କରେଣ୍ଟ୍ ଲାଗିବା ଭଳି ବିପଦ ସୃଷ୍ଟି ହୋଇପାରେ । ତେଣୁ କିଛି ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଟିପ୍ସକୁ ପାଳନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେବେ ଏହି ବୈଦ୍ୟୁତିକ କେଟଲି କିମ୍ବା ଅନ୍ୟ କୌଣସି ବୈଦ୍ୟୁତିକ ଉପକରଣ କିଣିବା ସମୟରେ ଓଝଓଆଇଏସଆଇ ଚିହ୍ନ ନିଶ୍ଚିତ ଭାବରେ ଦେଖନ୍ତୁ । ଏହି ଚିହ୍ନ ସୂଚାଇଥାଏ ଯେ ଉପକରଣଟି ସରକାରୀ ସୁରକ୍ଷା, ଗୁଣବତ୍ତା ଏବଂ କାର୍ଯ୍ୟଦକ୍ଷତା ମାନଦଣ୍ଡ ପୂରଣ କରେ । ତେବେ ଆପଣଙ୍କୁ କହିରଖୁଛୁ ଯେ **Consumer Affairs** ନିଜ ଅଫିସିଆଲ୍ ଏକ୍ସ ଆକାଉଣ୍ଟରେ ଏକ ଟ୍ୱିଟ୍ କରି ଗ୍ରାହକଙ୍କୁ ଆଇଏସଆଇ ମାର୍କ ଥିବା କେଟଲି କିଣିବା ପାଇଁ ପରାମର୍ଶ ଦେଇଛନ୍ତି । ତେବେ ଆସନ୍ତୁ ଜାଣିବା ଆଇଏସଆଇ ମାର୍କ କ'ଣ ଏବଂ ଏହି ଚିହ୍ନ ଥିବା ଉପକରଣ କିଣିବା କାହିଁକି ଲାଭଦାୟକ । ଆଇଏସଆଇଓଝଓ ଚିହ୍ନ ଭାରତରେ ଏକ ମାନକ ଗୁଣବତ୍ତାର ପ୍ରମାଣପତ୍ର । ଏହା ଆଇଏସଆଇ (ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ୍) ଦ୍ୱାରା ଜାରି କରାଯାଏ । ଏହା ଯେକୌଣସି ଉପକରଣ ପାଇଁ ଏକ ପ୍ରମାଣପତ୍ର ଭଳି କାମ କରେ । ଏହି ଚିହ୍ନ ବୈଦ୍ୟୁତିକ




ଉପକରଣ, ସିମେଣ୍ଟ, ଖଟଏ ସିଲିଣ୍ଡର ଏବଂ ପ୍ୟାକେଜ୍ ପାନୀୟ ଜଳ ଏବଂ କ୍ଷୀର ପାଉଡର ଭଳି ଖାଦ୍ୟ ଉତ୍ପାଦରେ ମଧ୍ୟ ଦେଖାଯାଏ । ବାରମ୍ବାର ଗରମ କରିବା ଯୋଗୁଁ ବୈଦ୍ୟୁତିକ କେଟଲି ପ୍ରାୟତଃ ଅତ୍ୟଧିକ ଗରମ ହେବାର ଶିକାର ହୋଇପାରେ । ତଥାପି ଯଦି କେଟଲି ଉପରେ ଆଇଏସଆଇ ମାର୍କ ଥିବ ତେବେ ଏହାର ଅର୍ଥ ହେଉଛି ଅନ୍ୟ ଉପକରଣ ଭଳି ଏହା ଖୁବଶୀଘ୍ର ଖରାପ ହେବ ନାହିଁ ।

ଅନେକ ଥର ଆପଣ ଅନୁଭବ କରିଥିବେ ଯେ କେଟଲିରେ ଗରମ ହୋଇଥିବା ପାଣିରେ ଏକପ୍ରକାର ଧାତୁ ଗନ୍ଧ ବାରି ହୁଏ । କାରଣ ଶସ୍ତା କେଟିଲରେ ଥିବା ଷ୍ଟିଲ୍ ଖାଦ୍ୟ ଗ୍ରେଡରର ହୋଇନଥାଏ । ଆଇଏସଆଇ ମାର୍କ ଥିବା କେଟଲି ଫୁଡ୍-ସେଫ୍ ମ୍ୟାଟେରିୟଲ୍ ଦ୍ୱାରା ପ୍ରସ୍ତୁତ ହୋଇଥାଏ ଯେଉଁଥିପାଇଁ ଏଥିରେ ଶୀଘ୍ର କୌଣସି ସମସ୍ୟା ଦେଖାଯାଏ ନାହିଁ । ସାଧାରଣତଃ ଇଲେକ୍ଟ୍ରି ପ୍ରଡକ୍ଟମାନଙ୍କରେ କରେଣ୍ଟ୍ ଲାଗିବାର ଡର ଥାଏ । ଖାସ୍ କରି ସେତେବେଳେ ଯେତେବେଳେ ଆପଣ ଏଥିରେ ପାଣିର ବ୍ୟବହାର କରନ୍ତି । ବିନା ଆଇଏସଆଇ ପ୍ରମାଣିତ କେଟଲିରେ ତାର ଏବଂ ଇନସୁଲେସନ ଦୁର୍ବଳ ହୋଇଥାଏ । ଆଇଏସଆଇ ପ୍ରମାଣିତ କେଟଲିରେ **Leakage Protection Gaõ Quality Insulation** ଥାଏ । ଯାହାଦ୍ୱାରା କରେଣ୍ଟ ଲାଗିବାର ସମ୍ଭାବନା ବହୁତ କମ୍ ହୋଇଥାଏ । ଆଇଏସଆଇ ମାର୍କ ଏହା ମଧ୍ୟ ସୁନିଶ୍ଚିତ କରେ ଯେ କେଟଲି କମ୍ ବିଦ୍ୟୁତ୍ ବ୍ୟବହାର କରେ । ଯେହେତୁ ଏହାର ବ୍ୟବହାର ଅଧିକାଂଶ ସମୟରେ ହୋଇଥାଏ ତେଣୁ କମ୍ ବିଦ୍ୟୁତରେ ଶୀଘ୍ର ଗରମ ହୋଇଯାଏ । ଏହି କାରଣରୁ ଓଝଓ ଚିହ୍ନ ଥିବା କେଟିଲ୍ କିଣିବା ଲାଭଦାୟକ ।




ବଦଳୁଥିବା ପାଣିପାଗ, ପ୍ରଦୂଷଣ ଏବଂ ମାନସିକ ଚିନ୍ତା ଯୋଗୁଁ ଆଜିକାଲି ଚେହେରାର ପ୍ରାକୃତିକ ଚମକ ବା ଗ୍ଲୋ ହଜିଯିବା ଏକ ସାଧାରଣ ସମସ୍ୟା ପାଲଟିଛି । ଏହି ଚମକକୁ ଫେରାଇ ଆଣିବା ପାଇଁ ଆମେ ପ୍ରାୟତଃ ବଜାରରେ ମିଳୁଥିବା ମହଙ୍ଗା କେମିକାଲ୍ ଯୁକ୍ତ ସିରମ୍ ଏବଂ ନାଇଟ୍ କ୍ରିମ୍ ପଛରେ ହଜାର ହଜାର ଟଙ୍କା ଖର୍ଚ୍ଚ କରିଦେଇଥାଉ । କିନ୍ତୁ ମନମୁତାବକ ଫଳ ମିଳିନଥାଏ । ଯଦି ଆପଣ ବିନା କେମିକାଲରେ ସମ୍ପୂର୍ଣ୍ଣ ପ୍ରାକୃତିକ ଚମକ ଚାହୁଁଛନ୍ତି ତେବେ ଆଜିର ଏହି ସ୍ପେଶାଲ୍ ରିପୋର୍ଟ କେବଳ ଆପଣଙ୍କ ପାଇଁ । କାରଣ ଏହାର ସମାଧାନ ଆପଣଙ୍କ ରୋଷେଇ ଘରେ ହିଁ ଲୁଚି ରହିଛି । ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଅଣ୍ଡାର ହଳଦିଆ ଅଂଶ ବା କେଶର ଆମ ତ୍ୱଚା ପାଇଁ କୌଣସି ବରଦାନଠାରୁ କିଛି କମ୍ ନୁହେଁ । ଏଥିରେ ଥିବା ପ୍ରୋଟିନ୍ ଏବଂ ଫ୍ୟାଟି ଏସିଡ୍ ତ୍ୱଚାକୁ ଭିତରୁ ପୋଷଣ ଯୋଗାଇଥାଏ । ଯେତେବେଳେ ଆପଣ ଏଥିରେ ମହୁ କିମ୍ବା ଆଲୋଭେରା ଜେଲ୍ ମିଶାଇ ଚେହେରାରେ ଲଗାନ୍ତି ଏହା ମହଙ୍ଗା ଆଣ୍ଟି-ଏଜିଙ୍ଗ୍ ସିରମ୍‌କୁ ମଧ୍ୟ ପଛରେ ପକାଇଦିଏ । ତେବେ ଏହି ପ୍ରାକୃତିକ ଫେସ୍‌ପ୍ୟାକ୍ ପ୍ରସ୍ତୁତ କରିବା ପାଇଁ ଆପଣଙ୍କୁ ଆବଶ୍ୟକ ହେବ ଗୋଟିଏ ଅଣ୍ଡାର ହଳଦିଆ ଅଂଶ,ଗୋଟିଏ ଛୋଟ ଚାମଚ ମହୁ ଏବଂ ଆଲୋଭେରା ଜେଲ୍ କିମ୍ବା ଦହି । ଶେଷରେ ଯଦି ତ୍ୱଚା ଅଧିକ ଶୁଷ୍କ ଥାଏ ତେବେ ୨ ରୁ ୩ ଟୋପା ବାଦାମ ତେଲ । ପ୍ରଥମେ ଅଣ୍ଡାର ଧଳା ଅଂଶକୁ ଅଲଗା କରି କେବଳ ହଳଦିଆ ଅଂଶକୁ ଏକ ପାତ୍ରରେ ରଖନ୍ତୁ । ସେଥିରେ ଏକ ଚାମଚ ଶୁଦ୍ଧ ମହୁ ଏବଂ ଦାଗ-ଚିହ୍ନ ଦୂର କରିବା ପାଇଁ ଅଧ ଚାମଚ ଆଲୋଭେରା ଜେଲ୍ ମିଶାନ୍ତୁ । ଚାମଚ ସାହାଯ୍ୟରେ ଏହାକୁ ଭଲଭାବେ ଫେଣ୍ଟି ଏକ କ୍ରିମ୍ ଭଳି ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହି ଫେସ୍‌ପ୍ୟାକ୍ ଲଗାଇବା ପୂର୍ବରୁ ଚେହେରାକୁ କୌଣସି ମାଇଲ୍ଡ ଫେସ୍‌ୱାଶ୍ କିମ୍ବା ଗୋଲାପ ଜଳରେ ଭଲଭାବେ ସଫା କରି ଶୁଖାଇ ଦିଅନ୍ତୁ। ଏବେ ବ୍ରଶ୍ କିମ୍ବା ଆଙ୍ଗୁଠି ସାହାଯ୍ୟରେ ଏହି ପ୍ୟାକ୍‌କୁ ନିଜ ଚେହେରା ଏବଂ ବେକରେ ଉପର ଆଡ଼କୁ ଷ୍ଟ୍ରୋକ୍ ଦେଇ ସମାନ ଭାବରେ ଲଗାନ୍ତୁ । ଆଖି ଚାରିପାଖର କୋମଳ ଅଂଶକୁ ଛାଡ଼ି ଦିଅନ୍ତୁ। ଏହାକୁ ୧୫ ରୁ ୨୦ ମିନିଟ୍ ପାଇଁ ଛାଡ଼ି ଦିଅନ୍ତୁ । ଯେତେବେଳେ ତ୍ୱଚାରେ ସାମାନ୍ୟ ଟାଣଭାବ ଅନୁଭବ ହେବ ସେତେବେଳେ ପ୍ରଥମେ ହାଲୁକା ଉଷୁମ ପାଣିରେ ଚେହେରା ଧୋଇ ଦିଅନ୍ତୁ ଏବଂ ପରେ ଥଣ୍ଡା ପାଣିର ଛିଟା ମାରନ୍ତୁ ଯାହାଦ୍ୱାରା ତ୍ୱଚାର ପୋର୍ସ ବନ୍ଦ ହୋଇଯିବ। ଶେଷରେ ଆପଣ ବ୍ୟବହାର କରୁଥିବା ମଏଶ୍ଚରାଇଜର ଲଗାଇ ନିଅନ୍ତୁ। ଯଦି ଆପଣ ପ୍ରଥମ ଥର ପାଇଁ ଏହାକୁ ବ୍ୟବହାର କରୁଛନ୍ତି ତେବେ ଚେହେରାରେ ଲଗାଇବା ପୂର୍ବରୁ ବେକ କିମ୍ବା ହାତରେ ପ୍ୟାଚ୍ ଟେଷ୍ଟ ନିଶ୍ଚୟ କରନ୍ତୁ । ଯଦି ଆପଣଙ୍କୁ ଅଣ୍ଡାର ଗନ୍ଧ ପସନ୍ଦ ନୁହେଁ ତେବେ ଏହି ପ୍ୟାକ୍‌ରେ ୨ ଟୋପା ଲେମ୍ବୁ ରସ କିମ୍ବା ଲାଭେଣ୍ଡର ଏସେନସିଆଲ୍ ଅଏଲ୍ ମିଶାଇ ପାରିବେ । ଭଲ ଫଳାଫଳ ପାଇଁ ସପ୍ତାହରେ ୧ ରୁ ୨ ଥର ଏହାକୁ ବ୍ୟବହାର କରିପାରିବେ ।

## ଜାଣନ୍ତୁ ଅଣ୍ଡାକୁ କାହିଁକି ବି୧୨ର ଅଂଶ ଭାବେ ବିବେଚନା କରାଯାଏ

ଅଣ୍ଡା ପ୍ରାଚୀନ କାଳରୁ ଖାଦ୍ୟର ଏକ ଅଂଶ ହୋଇଆସିଛି । ଏହା ଶିଶୁଙ୍କ ପୁଷ୍ଟିକର ଆବଶ୍ୟକତା ପୂରଣ କରିବାରେ ଏକ ମୂଲ୍ୟବାନ ଅବଦାନ ଅଟେ। ଅଣ୍ଡାରେ ୧୭ଟି ବିଭିନ୍ନ ଭିଟାମିନ୍ ଏବଂ ଖଣିଜ ପଦାର୍ଥ ସହିତ ପୁଷ୍ଟିକର ତତ୍ତ୍ୱ ରହିଥାଏ । ଅଣ୍ଡା କେବଳ ପ୍ରାତଃଭୋଜନର ଏକ ମୁଖ୍ୟ ଖାଦ୍ୟ ନୁହେଁ , ବରଂ ପୁଷ୍ଟିକର ପଦାର୍ଥର ମଧ୍ୟ ଏକ ଭଣ୍ଡାର। ବଢୁଥିବା ପିଲାଙ୍କ ପାଇଁ ଯେଉଁ ପୋଷକ ତତ୍ତ୍ୱ ଆବଶ୍ୟକ ହୋଇଥାଏ ତାହା ଅଣ୍ଡାରୁ ସହଜରେ ମିଳିଥାଏ । ଏହି କାରଣରୁ ଡାକ୍ତର ଏବଂ ବିଶେଷଜ୍ଞମାନେ ସବୁବେଳେ ପିଲାମାନଙ୍କ ଖାଦ୍ୟରେ ଅଣ୍ଡାକୁ ଖାଇବାକୁ କହିଥାଆନ୍ତି । ଏଗୁଡ଼ିକ ସେମାନଙ୍କ ମସ୍ତିଷ୍କ, ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରିଥାଏ । ଅଣ୍ଡା କୋଲାଇନ୍‌ର ସର୍ବୋତ୍ତମ ଉତ୍ସ ଅଟେ। ଏହି ପୁଷ୍ଟିକର ପୋଷକ ତତ୍ତ୍ୱ ଶରୀରକୁ ଆସିଟେଲକୋଲାଇନ୍ ତିଆରି କରିବାରେ ସାହାଯ୍ୟ କରେ। ଏହା ମସ୍ତିଷ୍କ ରାସାୟନିକ ପଦାର୍ଥ ଅଟେ। କୋଲାଇନ୍ ଶିଶୁଙ୍କ ଶରୀରରେ ନୂତନ ନ୍ୟୁରୋଟ୍ରାନ୍ସମିଟର ଗଠନ କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ଯାହା ଶିଶୁଙ୍କ ବୌଦ୍ଧିକ ଶକ୍ତିକୁ ବଢାଇଥାଏ । ଲୁଟିନ୍ ଏବଂ ଜିଆକ୍ସାନ୍ଥିନ ଅଣ୍ଡାରେ ଲୁଟିନ୍ ଏବଂ ଜିଆକ୍ସାନ୍ଥିନ ରହିଥାଏ। ଯାହା ଶିଶୁଙ୍କ ଆଖିକୁ ସୁରକ୍ଷା ଦେବାସହ, କ୍ଷତିକାରକ ନୀଳ ଆଲୋକରୁ ରକ୍ଷା କରିଥାଏ। ଏକ ଗବେଷଣାରୁ ଜଣାପଡିଛି ଯେ, ଲ୍ୟୁଟିନ୍ ଏବଂ ଜିଆକ୍ସାନ୍ଥିନର ଅଧିକ ସେବନ ବୟସ୍କମାନଙ୍କ ମଧ୍ୟରେ ସ୍ମୃତି ଶକ୍ତି ସମସ୍ୟା ଦୂର କରିଥାଏ। ଏହି ପୋଷକ ତତ୍ତ୍ୱଗୁଡ଼ିକ ଯୁବବର୍ଗଙ୍କ ମସ୍ତିଷ୍କ କାର୍ଯ୍ୟଦକ୍ଷତାକୁ ମଧ୍ୟ ବିକଶିତ କରିଥାଏ ।

ପ୍ରୋଟିନ୍ : ଅଣ୍ଡାରେ ଥିବା ଉଚ୍ଚମାନର ପ୍ରୋଟିନ୍ ଶିଶୁଙ୍କ ମାଂସପେଶୀ ଏବଂ ହାଡ଼ ବିକାଶଠାରୁ ଆରମ୍ଭ କରି ଜ୍ଞାନାତ୍ମକ କାର୍ଯ୍ୟକୁ ବିକଶିତ କରେ। ଯେଉଁ ପିଲାମାନେ ଅଣ୍ଡା ଯୁକ୍ତ ଜଳଖିଆ ଭଳି ଅଧିକ ପ୍ରୋଟିନ୍ ଯୁକ୍ତ ଜଳଖିଆ ଖାଆନ୍ତି, ସେମାନେ ଅଧିକ ସମୟ ପାଇଁ ପେଟ ପୂରିଲା ଭଳି ଅନୁଭବ କରିପାରନ୍ତି। ଭିଟାମିନ୍ ବି୧୨: ଅଣ୍ଡାକୁ ଈ୧୨ର ଏକ ଭଲ ଉତ୍ସ ଭାବରେ ବିବେଚନା କରାଯାଏ । ଏହା ଦୈନନ୍ଦିନ ଜୀବନର



ଆବଶ୍ୟକତା ପୂରଣ କରିବାରେ ସାହାଯ୍ୟ କରିଥାଏ। ଦୁଇଟି ଅଣ୍ଡା ଶରୀରକୁ ୪୬ ପ୍ରତିଶତ ପର୍ଯ୍ୟନ୍ତ ଭିଟାମିନ୍ ଈ୧୨ ଯୋଗାଇଥାଏ।

## ପେଟ ଦରଜ ହୋଇପାରେ ଗଲ୍ ବ୍ଲାଡର୍ ଷ୍ଟୋନ ସଙ୍କେତ: ଜାଣି ରଖନ୍ତୁ ଏହାର ଲକ୍ଷଣ ଓ ଉପଚାର

ଆଜିକାଲି ଆମ ଆଖପାଖ ବା ଜଣାଶୁଣା ଲୋକଙ୍କ ଭିତରେ ଅନେକଙ୍କ ପାଖରେ ପଥୁରୀ ସମସ୍ୟା ଦେଖିବାକୁ ମିଳୁଛି । ବିଶେଷ କରି ଗଲ୍ ବ୍ଲାଡର୍ ଷ୍ଟୋନ୍ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ଆଉ ଏ ସମସ୍ୟା ହେଲେ ଆରମ୍ଭରୁ ହିଁ ଏହାର ଲକ୍ଷଣ ଜଣାପଡ଼ି ଯାଉଛି । ସ୍ୱାସ୍ଥ୍ୟ ମନ୍ତ୍ରାଳୟର ସର୍ଭେ ଅନୁସାରେ, ପାଖାପାଖି ୮ ପ୍ରତିଶତ ଲୋକଙ୍କଠାରେ ଗଲ୍ ବ୍ଲାଡର୍ ସମସ୍ୟା ଦେଖାଯାଉଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ଭୁଲ ତରିକାରେ ଖାଇବା ପିଇବା , ମୋଟାପଣ, ଏବଂ ଅନିୟମିତ ଜୀବନଶୈଳୀ ଏହାର ମୁଖ୍ୟ କାରଣ । ସମୟରେ ନିଜ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ନଦେବା ଆମ ପାଇଁ ଗଭୀର ସମସ୍ୟା ଆଣିପାରେ । ଏଥିପାଇଁ ଆମ ପାଖରେ ସଠିକ୍ ତଥ୍ୟ ରହିବା ଦରକାର । ଖାଦ୍ୟ ହଜମ ପାଇଁ ଆବଶ୍ୟକ ହେଉଥିବା ଏହି ଗୁରୁତ୍ୱପୂର୍ଣ୍ଣ ଅଙ୍ଗର ମୁଖ୍ୟ ସମସ୍ୟା ହେଉଛି ଏଥିରେ ଷ୍ଟୋନ୍ ହେବାର ଆଶଙ୍କା ଅଧିକ ଥାଏ , ଯାହାକୁ ଗଲ୍ ଷ୍ଟୋନ୍ ବୋଲି କୁହାଯାଏ । ଯେବେ. ଗଲ୍ ବ୍ଲାଡରରେ ତରଳ ପଦାର୍ଥର ମାତ୍ରା ଶୁଖିବାକୁ ଲାଗେ ଏଥିରେ ଥିବା ସର୍କରା ଏବଂ ଲବଣାକ୍ତ ଉପାଦାନ ଏବଂ ଅନ୍ୟ ମାଇକ୍ରୋନ୍ୟୁଟ୍ରିଏଣ୍ଟ ତତ୍ତ୍ୱ ମିଶି ଜମା ହୋଇ ଛୋଟ ଛୋଟ ପଥର ଟୁକୁଡ଼ାର ଆକାର ଧାରଣ କରେ । ଏହାକୁ ଗଲ୍ ଷ୍ଟୋନ୍ କୁହାଯାଏ । ଗଲ୍ ବ୍ଲାଡର ଷ୍ଟୋନ୍ ଦୁଇ ପ୍ରକାରର ହୋଇଥାଏ । କୋଲେଷ୍ଟ୍ରଲ୍ ଏବଂ



ପିଗମେଣ୍ଟ୍ । କୋଲେଷ୍ଟ୍ରଲ ଷ୍ଟୋନ୍ ଈଷତ୍ ହଳଦୀ ରଙ୍ଗର ହୋଇଥାଏ। ମେଦବହୁଳର ଶିକାର ହୋଇଥିବା ବ୍ୟକ୍ତି ଏବଂ ମହିଳାମାନଙ୍କଠାରେ କୋଲେଷ୍ଟ୍ରଲ୍ ଷ୍ଟୋନ୍ ସମସ୍ୟା ଦେଖାଯାଏ । କିନ୍ତୁ ଯେବେ ବ୍ଲାଡରରେ କଳା କିମ୍ବା ଧୂସର ରଙ୍ଗର ଷ୍ଟୋନ୍ ଦେଖାଯାଏ ଜାଣିବେ ପିଗମେଣ୍ଟ ଷ୍ଟୋନ୍ ହୋଇଛି।

ଗଲ୍ ବ୍ଲାଡର ଷ୍ଟୋନର ଲକ୍ଷଣ :

ଆରମ୍ଭରୁ ଗଲ୍ ବ୍ଲାଡର ଷ୍ଟୋନର ଲକ୍ଷଣ ଜଣାପଡ଼େ । ଡେରି କଲେ ଏ ସମସ୍ୟା ଗୁରୁତର ହୋଇପାରେ । ତେବେ ଗଲ୍ ବ୍ଲାଡର ହୋଇଥିଲେ ପେଟର ଉପରି ଭାଗ ଦରଜ ହେବା,ଅଧିକ ମାତ୍ରାରେ ଗ୍ୟାସ୍ ସମସ୍ୟା ହେବା, ପେଟରେ ଭାରୀପଣ ଲାଗିବା, ବାନ୍ତି ହେବା, ଝାଳ ବାହାରିବା, ପରି ଲକ୍ଷଣ ଦେଖାଯାଏ । ତେବେ ଶାରୀରିକ ପରିଶ୍ରମ ତଥା ବ୍ୟାୟାମର ଅଭାବ, ଅଧିକ ତେଲ ମସଲା ଖାଇବା, ଗଲ୍ ବ୍ଲାଡର ଷ୍ଟୋନ ହେବା ପାଇଁ ଦାୟୀ । ଦୀର୍ଘ ଦିନ ଯାଏଁ ଗର୍ଭ ନିରୋଧକ ଔଷଧ ଖାଇବା, କିମ୍ବା ହର୍ମୋନ୍ ରିପ୍ଲେସମେଣ୍ଟ ଥେରାପି ନେଉଥିବା ମହିଳାଙ୍କଠାରେ ବି ଗଲ୍ ବ୍ଲାଡର ଷ୍ଟୋନ ସମସ୍ୟା ହେବାର ଅଧିକ ଆଶଙ୍କା ଥାଏ । ଶରୀର ଓଜନ କମାଇବାକୁ ଲଗାତାର ଔଷଧ ଖାଉଥିଲେ ବି ଏ ସମସ୍ୟା ଦେଖାଯାଏ । ତାହେଲେ ଏବେ ଏହି ସମସ୍ୟାର ଉପଚାର ବି ଜାଣିନେବା ଦରକାର । ଯଦି ଆରମ୍ଭରୁ ଏହାର ଲକ୍ଷଣ ଜଣାପଡ଼ିଯାଏ ତାହାଲେ ଏହାକୁ ଔଷଧ ସେବନ ଦ୍ୱାରା ନିୟନ୍ତ୍ରଣ କରାଯାଇପାରିବ । ଅଧିକ ଗୁରୁତର ସ୍ଥିତରେ ଅସ୍ତ୍ରୋପଚାରର ଆବଶ୍ୟକତା ପଡ଼ିପାରେ । ହଁ ଅସ୍ତ୍ରୋପଚାର ପରେ କିନ୍ତୁ ବ୍ୟକ୍ତିକୁ ନିଜ ଖାବା, ପିଇବା ଜୀବନଚର୍ଯ୍ୟା ଉପରେ ଧ୍ୟାନ ଦେବାକୁ ପଡ଼ିବ । ସାଦା ଏବଂ ସନ୍ତୁଳିତ ଖାଦ୍ୟ ଖାଇବାକୁ ଅଭ୍ୟାସରେ ପକାଇଲେ ଭଲ । ଏହାସହ ଓମେଗା -୩, ଫ୍ୟାଟି ଏସିଡ୍ ଥିବା ଖାଦ୍ୟ ଖାଇବା ଦରକାର । ବିଭିନ୍ନ ପ୍ରକାର ଫଳ ଖାବା ଦରକାର । ଏହାସହ ଦୈନିକ ୮ରୁ ୧୦ ଗ୍ଲାସ୍ ପାଣି ପିଇବା ଦରକାର । ଏସବୁ ଅଭ୍ୟାସ ଆପଣାଇଲେ ଏଭଳି ସମସ୍ୟାରୁ ରକ୍ଷା ପାଇହେବ ।

# ମହଙ୍ଗା ହେଉଛି ରଷିଆ ତୈଳ: ଭାରତର ବଢ଼ୁଛି ଆର୍ଥିକ ଚିନ୍ତା

ଭାରତର ଅର୍ଥନୀତି ଏବଂ ଦେଶର ବୃହତ୍ତର ଶକ୍ତି ନିରାପତ୍ତା କ୍ଷେତ୍ରରେ ଅଶୋଧିତ ତୈଳ ଆମଦାନୀ ସର୍ବଦା ଏକ ଅତି ଗୁରୁତ୍ୱପୂର୍ଣ୍ଣ ତଥା ନିର୍ଣ୍ଣାୟକ ପ୍ରସଙ୍ଗ ହୋଇ ରହିଆସିଛି । ସାମ୍ପ୍ରତିକ ବାଣିଜ୍ୟିକ ତଥ୍ୟ ଏବଂ ବିଶ୍ଳେଷଣରୁ ଏହା ସ୍ପଷ୍ଟ ହୋଇଛି ଯେ, ୨୦୨୬ ମସିହା ଏପ୍ରିଲ ମାସରେ ଭାରତର ଅଶୋଧିତ ତୈଳ ଆମଦାନୀ ବିଲ୍‌ରେ ଏକ ଅଭାବନୀୟ ତଥା ଉଦ୍‌ବେଗଜନକ ବୃଦ୍ଧି ଘଟିଛି । ବିଶେଷ କରି ରଷିଆରୁ ଆସୁଥିବା ତୈଳର ପରିମାଣ ଏବଂ ଏହାର ମୂଲ୍ୟରେ ଏକ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ଦେଖିବାକୁ ମିଳିଛି । ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରଠାରୁ ପାଶ୍ଚାତ୍ୟ ଦେଶଗୁଡ଼ିକର କଟକଣା ମଧ୍ୟରେ ରଷିଆରୁ ବିପୁଳ ରିହାତିରେ ତୈଳ କିଣି ଭାରତ ନିଜର ବୈଦେଶିକ ମୁଦ୍ରା ସଞ୍ଚୟ କରୁଥିବା ବେଳେ, ବର୍ତ୍ତମାନ ସେହି ପରିସ୍ଥିତି ସମ୍ପୂର୍ଣ୍ଣ ବଦଳିଯାଇଛି । ରଷିଆରୁ ଆମଦାନୀ ହେଉଥିବା ତୈଳ ଉପରେ ଭାରତର ନିର୍ଭରଶୀଳତା କ୍ରମାଗତ ଭାବରେ ବଢ଼ିଚାଲିଥିଲେ ମଧ୍ୟ ଏଥିପାଇଁ ଦେଶକୁ ଏବେ ଶସ୍ତା ଦର ପରିବର୍ତ୍ତରେ ଅଧିକ ମୂଲ୍ୟ ବା ବିପୁଳ ପ୍ରିମିୟମ୍ ଦେବାକୁ ପଡୁଛି । ଏହି ପରିସ୍ଥିତି କେବଳ ଭାରତର ବାଣିଜ୍ୟ ନିଅଣ୍ଟକୁ ବଢ଼ାଉ ନାହିଁ, ବରଂ ଆଗାମୀ ଦିନରେ ଦେଶର ସାମଗ୍ରିକ ଅର୍ଥନୈତିକ ସ୍ଥିତି, ମୁଦ୍ରାସ୍ଫୀତି ଏବଂ ବିକାଶର ଗତି ଉପରେ ଏହାର ଗଭୀର ପ୍ରତିକୂଳ ପ୍ରଭାବ ପଡ଼ିବାର ଆଶଙ୍କା ସୃଷ୍ଟି କରିଛି । ତେଣୁ ଏହି ବର୍ଦ୍ଧିତ ତୈଳ ବିଲ୍ ଏବଂ ରଷିଆ ଉପରେ ଅତ୍ୟଧିକ ନିର୍ଭରଶୀଳତାର ଅର୍ଥନୈତିକ ଓ ଭୂ-ରାଜନୈତିକ ଦିଗଗୁଡ଼ିକର ଏକ ସୂକ୍ଷ୍ମ ବିଶ୍ଳେଷଣ ନିତାନ୍ତ ଆବଶ୍ୟକ ।

ବାଣିଜ୍ୟ ମନ୍ତ୍ରଣାଳୟ ଏବଂ ବିଭିନ୍ନ ଅର୍ଥନୈତିକ ସଂସ୍ଥାର ରିପୋର୍ଟରୁ ପ୍ରାପ୍ତ ତଥ୍ୟକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ, ୨୦୨୬ ଏପ୍ରିଲ ମାସରେ ଭାରତର ମୋଟ ଅଶୋଧିତ ତୈଳ ଆମଦାନୀ ବିଲ୍ ୬୧.୩ ପ୍ରତିଶତ ବୃଦ୍ଧି ପାଇ ୧୫.୪ ବିଲିୟନ ଡଲାରରେ ପହଞ୍ଚିଛି । ମାର୍ଚ୍ଚ ମାସରେ ପଶ୍ଚିମ ଏସିଆରେ ଦେଖାଦେଇଥିବା ଅସ୍ଥିରତା କାରଣରୁ ଆମଦାନୀ ପରିମାଣ କିଛି ମାତ୍ରାରେ ପ୍ରଭାବିତ ହୋଇଥିଲା, କିନ୍ତୁ ଏପ୍ରିଲରେ ଏହା ପୁଣିଥରେ ବୃଦ୍ଧି ପାଇଥିଲା । ମୋଟ ଆମଦାନୀ ପରିମାଣରେ ସାମାନ୍ୟ ବୃଦ୍ଧି ଘଟିଥିବା ବେଳେ ମୂଲ୍ୟ ବା ଆର୍ଥିକ ବିଲ୍‌ରେ ୬୧ ପ୍ରତିଶତରୁ ଅଧିକ ବୃଦ୍ଧି ଏହା ସ୍ପଷ୍ଟ କରୁଛି ଯେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର କେତେ ଦ୍ରୁତ ଗତିରେ ଆକାଶଛୁଆଁ ହୋଇଛି । ଏହି ମୋଟ ଆମଦାନୀରେ ରଷିଆର ଭାଗ ସବୁଠାରୁ ଆଗରେ ରହିଛି । ଏପ୍ରିଲ ମାସରେ ଭାରତର ମୋଟ ତୈଳ ଆମଦାନୀ ବିଲ୍‌ରେ ରଷିଆର ଅଂଶ ୩୭.୭ ପ୍ରତିଶତ ରହିଥିଲା, ଯାହାକି ଗତ ୧୧ ମାସ ମଧ୍ୟରେ ସର୍ବୋଚ୍ଚ ଅଟେ । ତଥ୍ୟ ଅନୁଯାୟୀ, ଜାନୁଆରୀରେ ଏହା ୨୧.୪ ପ୍ରତିଶତ, ଫେବୃଆରୀରେ ୨୬.୪ ପ୍ରତିଶତ ଏବଂ ମାର୍ଚ୍ଚରେ ୩୦.୬ ପ୍ରତିଶତ ଥିଲା, ଯାହାକି ଏପ୍ରିଲରେ ଏକ ବଡ଼ ଲମ୍ଫ ପ୍ରଦାନ କରିଥିଲା । କେବଳ ଏପ୍ରିଲ ମାସରେ ଭାରତ ରଷିଆରୁ ପ୍ରାୟ ୫.୮ ବିଲିୟନ ଡଲାରର ଅଶୋଧିତ ତୈଳ କିଣିଛି, ଯାହାକି ମାର୍ଚ୍ଚ ମାସର ଆକଳନ ତୁଳନାରେ ଯଥେଷ୍ଟ ଅଧିକ । ପରିମାଣ ଦୃଷ୍ଟିରୁ ବିଚାର କଲେ, ଏପ୍ରିଲରେ ରଷିଆରୁ ପ୍ରାୟ ୬୭ ଲକ୍ଷ ଟନ୍ ତୈଳ ଆସିଛି, ଯାହାକି ମାର୍ଚ୍ଚ ତୁଳନାରେ ୨୭ ପ୍ରତିଶତ ଅଧିକ । ଏହି ପରିସଂଖ୍ୟାନ ଦର୍ଶାଉଛି ଯେ ଭାରତୀୟ ତୈଳ ବିଶୋଧନାଗାରଗୁଡ଼ିକ ରଷିଆ ଉପରେ କେତେ ମାତ୍ରାରେ ନିର୍ଭରଶୀଳ ହୋଇପଡ଼ିଛନ୍ତି ।

ଏହି ସମସ୍ତ ତଥ୍ୟର ସବୁଠାରୁ ଚିନ୍ତାଜନକ ଏବଂ ବିଡ଼ମ୍ବନାର ଦିଗଟି ହେଉଛି ରଷିଆ ତୈଳର ବର୍ଦ୍ଧିତ ମୂଲ୍ୟ ଏବଂ ସେଥିପାଇଁ ଦିଆଯାଉଥିବା ଅତ୍ୟଧିକ ପ୍ରିମିୟମ୍ । ଅତୀତରେ, ବିଶେଷ କରି ୨୦୨୩-୨୪ ଆର୍ଥିକ ବର୍ଷରେ, ଭାରତ ରଷିଆରୁ ବିପୁଳ ରିହାତିରେ ତୈଳ କିଣି ପ୍ରାୟ ୭.୯ ବିଲିୟନ ଡଲାର ସଞ୍ଚୟ କରିବାରେ ସକ୍ଷମ ହୋଇଥିଲା । ସେହି ସମୟରେ ବ୍ୟାରେଲ ପିଛା ୩୦ ଡଲାର ପର୍ଯ୍ୟନ୍ତ ରିହାତି ମିଳୁଥିଲା, ଯାହା ଭାରତୀୟ ଅର୍ଥନୀତି ପାଇଁ ଏକ ବଡ଼ ଆଶ୍ୱସ୍ତି ଥିଲା । କିନ୍ତୁ ବର୍ତ୍ତମାନ ସେହି ସୁବିଧା ଆଉ ଉପଲବ୍ଧ ନାହିଁ । ଏକ ବିଶ୍ଳେଷଣରୁ ଜଣାପଡ଼ିଛି ଯେ, ଏପ୍ରିଲ ୨୦୨୬ରେ ଭାରତ ରଷିଆରୁ ଆମଦାନୀ କରିଥିବା ତୈଳ ପାଇଁ ଅନ୍ୟ ଦେଶର ହାରାହାରି ମୂଲ୍ୟ ତୁଳନାରେ ଟନ୍ ପିଛା ୭୭.୮ ଡଲାର ଅଧିକ ପ୍ରିମିୟମ୍ ବା ଅତିରିକ୍ତ ମୂଲ୍ୟ ପ୍ରଦାନ କରିଛି। ଆଶ୍ଚର୍ଯ୍ୟର ବିଷୟ ହେଉଛି, ଠିକ୍ ଗୋଟିଏ ମାସ ପୂର୍ବରୁ ଅର୍ଥାତ୍ ମାର୍ଚ୍ଚ ମାସରେ ଏହି ପ୍ରିମିୟମ୍ ମାତ୍ର ୧୪.୮ ଡଲାର ଥିଲା । ମାତ୍ର ଗୋଟିଏ ମାସ ମଧ୍ୟରେ ରଷିଆ ତୈଳ ଉପରେ ଦିଆଯାଉଥିବା ପ୍ରିମିୟମ୍ ୪୨୫ ପ୍ରତିଶତ ବୃଦ୍ଧି ପାଇବା ଭାରତର ବାଣିଜ୍ୟିକ ରଣନୀତି ପାଇଁ ଏକ ବଡ଼ ଝଟକା । ଏହା ପ୍ରମାଣ କରୁଛି ଯେ ରଷିଆ ଏବେ ନିଜର ବଜାର ସ୍ଥିତିକୁ ସୁଦୃଢ଼ କରିସାରିଛି ଏବଂ ଭାରତର ବିକଳ୍ପହୀନତାର ଫାଇଦା ଉଠାଇ ମନଇଚ୍ଛା ଦର ଆଦାୟ କରୁଛି । ଏକଦା ଯେଉଁ ରଷିଆ ତୈଳ ଭାରତ ପାଇଁ ଆର୍ଥିକ ସଞ୍ଜୀବନୀ ସାଜିଥିଲା ଏବଂ ଚଳିତ ଖାତା ନିଅଣ୍ଟକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥିଲା, ତାହା ଏବେ ଦେଶର ରାଜକୋଷ ଉପରେ ଏକ ବଡ଼ ବୋଝ ପାଲଟିଯାଇଛି।

ଏହି ଅସ୍ୱାଭାବିକ ପରିସ୍ଥିତି ପଛରେ କେବଳ ବାଣିଜ୍ୟିକ ନୁହେଁ, ବରଂ ଅନେକ ଜଟିଳ ଭୂ-ରାଜନୈତିକ କାରଣ ମଧ୍ୟ ନିହିତ ରହିଛି । ପଶ୍ଚିମ ଏସିଆରେ ଲାଗି ରହିଥିବା ଉତ୍ତେଜନା ଏବଂ ବିଶେଷ କରି ଗଲ୍ଫ ବା ଉପସାଗରୀୟ ସାମୁଦ୍ରିକ ପଥ ଦେଇ ହେଉଥିବା ବାଣିଜ୍ୟ ପ୍ରଭାବିତ ହେବା ଫଳରେ ବିଶ୍ୱ ତୈଳ ଯୋଗାଣ ଶୃଙ୍ଖଳା ବ୍ୟାପକ ଭାବରେ ବ୍ୟାହତ ହୋଇଛି । ହରମୁଜ୍ ପ୍ରଣାଳୀ ଭଳି ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥରେ ସମସ୍ୟା ଉପୁଜିବା କାରଣରୁ ଭାରତକୁ ନିଜର ପାରମ୍ପରିକ ତୈଳ ଯୋଗାଣକାରୀ ଦେଶମାନଙ୍କ ଉପରେ ଭରସା କରିବା କଷ୍ଟକର ହୋଇପଡ଼ିଛି । ଏଥିସହିତ, ଆମେରିକାରୁ ମଧ୍ୟ ଭାରତର ତୈଳ ଆମଦାନୀ ଯଥେଷ୍ଟ ହ୍ରାସ ପାଇଛି । ଏଭଳି ଏକ ସଙ୍କଟାପନ୍ନ ସ୍ଥିତିରେ, ଦେଶର ବର୍ଦ୍ଧିତ ଶକ୍ତି ଚାହିଦାକୁ ପୂରଣ କରିବା ଏବଂ ବିଶୋଧନାଗାରଗୁଡ଼ିକୁ ସଚଳ ରଖିବା ପାଇଁ ଭାରତ ସରକାର ଏବଂ ତୈଳ କମ୍ପାନୀଗୁଡ଼ିକ ବାଧ୍ୟ ହୋଇ ରଷିଆ ଉପରେ ଅଧିକ ନିର୍ଭର କରୁଛନ୍ତି । ରଷିଆରୁ ଆସୁଥିବା ତୈଳ ଯୋଗାଣ କ୍ଷେତ୍ରରେ ପରିବହନ ଜନିତ ବାଧାବିଘ୍ନ କମ୍ ରହୁଥିବାରୁ ଭାରତୀୟ କମ୍ପାନୀମାନେ ଅଧିକ ପ୍ରିମିୟମ୍ ଦେଇ ମଧ୍ୟ ସେଠାରୁ ତୈଳ ଆଣିବାକୁ ଶ୍ରେୟ ମଣୁଛନ୍ତି । ଶସ୍ତା ତୈଳ ଖୋଜିବା ଅପେକ୍ଷା ସୁରକ୍ଷିତ ଏବଂ ନିଶ୍ଚିତ ତୈଳ ଯୋଗାଣ ଉପରେ ଭାରତ ଏବେ ଅଧିକ ଗୁରୁତ୍ୱ ଦେଉଥିବା ଏହି ରଣନୀତିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି । ତେବେ ଏହି ରଣନୀତି ଏକ ସାମୟିକ ସମାଧାନ ହୋଇପାରେ, କିନ୍ତୁ ଦୀର୍ଘମିଆଦୀ ଭିତ୍ତିରେ ଏହା କେତେ ଫଳପ୍ରଦ ଏବଂ ଅର୍ଥନୈତିକ ଦୃଷ୍ଟିକୋଣରୁ କେତେ ସ୍ଥାୟୀ ହେବ, ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ସାମଗ୍ରିକ ଅର୍ଥନୈତିକ ଦୃଷ୍ଟିକୋଣରୁ ବିଚାର କଲେ, କ୍ରମାଗତ ଭାବରେ ବଢ଼ୁଥିବା ତୈଳ ଆମଦାନୀ ବିଲ୍ ଭାରତୀୟ ଅର୍ଥବ୍ୟବସ୍ଥା ପାଇଁ ଏକ ବିପଦର ଘଣ୍ଟି ସଦୃଶ । ଭାରତ ନିଜର ମୋଟ ଅଶୋଧିତ ତୈଳ ଆବଶ୍ୟକତାର ପ୍ରାୟ ୮୭ ରୁ ୮୮ ପ୍ରତିଶତ କେବଳ ଆମଦାନୀ ଉପରେ ହିଁ ନିର୍ଭର କରେ । ଯଦି ଆମଦାନୀ ବିଲ୍ ଏହିପରି ଭାବରେ ମାସକୁ ମାସ ୧୫ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ରହେ, ତେବେ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଦେଶର ଚଳିତ ଖାତା ନିଅଣ୍ଟ ବା କରେଣ୍ଟ ଆକାଉଣ୍ଟ ଡେଫିସିଟ୍ ବ୍ୟାପକ ଭାବରେ ବୃଦ୍ଧି ପାଇବ । ପୂର୍ବରୁ ଆଇସିଆରଏ (ICRA) ଭଳି ଆର୍ଥିକ ସର୍ବେକ୍ଷଣ ସଂସ୍ଥା ଚେତାବନୀ ଦେଇସାରିଛନ୍ତି ଯେ, ଯଦି ରଷିଆ ତୈଳ ଉପରେ ରିହାତି କମ୍ ରହେ କିମ୍ବା ପ୍ରିମିୟମ୍ ଦେବାକୁ ପଡ଼େ, ତେବେ ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତର ନେଟ୍ ତୈଳ ଆମଦାନୀ ବିଲ୍ ୧୦୧ ରୁ ୧୦୪ ବିଲିୟନ ଡଲାର ପର୍ଯ୍ୟନ୍ତ ପହଞ୍ଚିପାରେ । ବର୍ତ୍ତମାନର ପରିସ୍ଥିତିକୁ ଦେଖିଲେ ୨୦୨୬ ମସିହାରେ ଏହି ଆକଳନ ଆହୁରି ଭୟାବହ ହେବାର ସମ୍ଭାବନା ରହିଛି । ଏତେ ବଡ଼ ଧରଣର ବିଦେଶୀ ମୁଦ୍ରାର ବ୍ୟୟ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ପ୍ରବଳ ଚାପ ପକାଇବ, ଯାହା ଫଳରେ ଆନ୍ତର୍ଜାତିକ ବଜାରରେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପାଇବାର ଯଥେଷ୍ଟ ଆଶଙ୍କା ରହିଛି । ମୁଦ୍ରାର ଅବମୂଲ୍ୟାୟନ ଘଟିଲେ କେବଳ ତୈଳ ନୁହେଁ, ବରଂ ଅନ୍ୟାନ୍ୟ ସମସ୍ତ ଆମଦାନୀ ସାମଗ୍ରୀର ମୂଲ୍ୟ ମଧ୍ୟ ବୃଦ୍ଧି ପାଇବ, ଯାହା ସରକାରଙ୍କ ରାଜକୋଷ ନିଅଣ୍ଟକୁ ଆହୁରି ବଢ଼ାଇଦେବ। ଏହା ଏକ ଦୁଷ୍ଟଚକ୍ର ଭଳି କାର୍ଯ୍ୟ କରିବ ଯେଉଁଥିରୁ ବାହାରିବା ଭାରତୀୟ ଅର୍ଥନୀତି ପାଇଁ ସହଜ ହେବ ନାହିଁ ।

ଏହି ଆନ୍ତର୍ଜାତିକ ତୈଳ ସଙ୍କଟର ସିଧାସଳଖ ପ୍ରଭାବ ଘରୋଇ ବଜାର ଏବଂ ସାଧାରଣ ଖାଉଟିଙ୍କ ଉପରେ ମଧ୍ୟ ପଡ଼ିବା ଆରମ୍ଭ ହୋଇଗଲାଣି । ଉଦାହରଣସ୍ୱରୂପ, ସାମ୍ପ୍ରତିକ ତଥ୍ୟ ଅନୁଯାୟୀ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଘରୋଇ ଏଲପିଜି (LPG) ସିଲିଣ୍ଡର ଦରରେ ୩.୨ ପ୍ରତିଶତ ବୃଦ୍ଧି ଘଟାଇଛନ୍ତି । ରଷିଆ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ଦିନଠାରୁ ହିସାବ କଲେ ଏଲପିଜି ସିଲିଣ୍ଡର ଦର ପ୍ରାୟ ୧୦.୪ ପ୍ରତିଶତ ମହଙ୍ଗା ହୋଇସାରିଲାଣି । ଭାରତର ୫୪ ପ୍ରତିଶତ ଏଲପିଜି ହରମୁଜ୍ ପ୍ରଣାଳୀ ଦେଇ ଆସୁଥିବାରୁ ଏବଂ ସେଠାରେ ଉତ୍ତେଜନା ଲାଗି ରହିଥିବାରୁ ପରିବହନ ଖର୍ଚ୍ଚ ବୃଦ୍ଧି ପାଉଛି । ଯଦିଓ ବର୍ତ୍ତମାନ ସରକାରୀ ତୈଳ କମ୍ପାନୀଗୁଡ଼ିକ ଖୁଚୁରା ବଜାରରେ ପେଟ୍ରୋଲ ଏବଂ ଡିଜେଲ ଦରକୁ କିଛି ମାତ୍ରାରେ ନିୟନ୍ତ୍ରଣରେ ରଖିଛନ୍ତି, ତଥାପି ଆମଦାନୀ ଖର୍ଚ୍ଚ ଲଗାତାର ବଢ଼ିଲେ ଦିନେ ନା ଦିନେ ଏହି ବୋଝ ସାଧାରଣ ଜନତାଙ୍କ ଉପରେ ଲଦି ଦିଆଯିବ । ଫଳସ୍ୱରୂପ, ପରିବହନ ଏବଂ ଯୋଗାଯୋଗ ଖର୍ଚ୍ଚ ବୃଦ୍ଧି ପାଇବ ଏବଂ ଖାଦ୍ୟଶସ୍ୟ ସମେତ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବଢ଼ି ଦେଶରେ ମୁଦ୍ରାସ୍ଫୀତି ସମସ୍ୟା ଅଧିକ ଉତ୍କଟ ରୂପ ଧାରଣ କରିବ । ସାଧାରଣ ଲୋକଙ୍କ ଆୟ ସ୍ଥିର ରହିଥିବା ବେଳେ ବ୍ୟୟ ବୃଦ୍ଧି ପାଇଲେ ତାହା ପରିବାରର ବଜେଟକୁ ସମ୍ପୂର୍ଣ୍ଣ ଭାବରେ ବିଗାଡ଼ି ଦେବ । ଏହା କେବଳ ସାଧାରଣ ଲୋକଙ୍କ ଜୀବନଧାରଣ ମାନକୁ ନିମ୍ନଗାମୀ କରିବ ନାହିଁ, ବରଂ ବଜାରରେ ଗ୍ରାହକଙ୍କ କ୍ରୟ କ୍ଷମତା ହ୍ରାସ ପାଇ ଦେଶର ସାମଗ୍ରିକ ଅର୍ଥନୈତିକ ଅଭିବୃଦ୍ଧିକୁ ମଧ୍ୟ ମନ୍ଥର କରିଦେବ ।

ଏହି ଜଟିଳ ତଥା ଆହ୍ୱାନପୂର୍ଣ୍ଣ ପରିସ୍ଥିତିରୁ ମୁକୁଳିବା ପାଇଁ କେବଳ ଗୋଟିଏ କିମ୍ବା ଦୁଇଟି ଦେଶ ଉପରେ ନିର୍ଭର ନକରି ଭାରତକୁ ନିଜର ଆମଦାନୀ ଉତ୍ସଗୁଡ଼ିକର ବ୍ୟାପକ ବିବିଧକରଣ କରିବାକୁ ପଡ଼ିବ । ଆଫ୍ରିକା, ଲାଟିନ୍ ଆମେରିକା ଏବଂ ଅନ୍ୟାନ୍ୟ ଅଣ-ପାରମ୍ପରିକ ତୈଳ ଉତ୍ପାଦନକାରୀ ରାଷ୍ଟ୍ରଗୁଡ଼ିକ ସହିତ ନୂତନ ବାଣିଜ୍ୟିକ ଚୁକ୍ତି ସ୍ୱାକ୍ଷର କରିବା ଦିଗରେ କୂଟନୈତିକ ପ୍ରୟାସକୁ ତ୍ୱରାନ୍ୱିତ କରିବା ନିତାନ୍ତ ଆବଶ୍ୟକ । ଏଥିସହିତ, ଅଶୋଧିତ ତୈଳ ଉପରେ ଦେଶର ଅତ୍ୟଧିକ ନିର୍ଭରଶୀଳତାକୁ ହ୍ରାସ କରିବା ପାଇଁ ଏକ ଦୀର୍ଘମିଆଦୀ ରଣନୀତି ପ୍ରସ୍ତୁତ କରିବା ସମୟର ସବୁଠାରୁ ବଡ଼ ଆହ୍ୱାନ । ଘରୋଇ ସ୍ତରରେ ତୈଳ ଏବଂ ପ୍ରାକୃତିକ ଗ୍ୟାସ୍ ?ର ଅନୁସନ୍ଧାନ ତଥା ଉତ୍ପାଦନ ବୃଦ୍ଧି ପାଇଁ ଅଧିକ ପୁଞ୍ଜି ବିନିଯୋଗ କରିବା ସହ ସୌର ଶକ୍ତି, ପବନ ଶକ୍ତି, ଇଲେକ୍ଟ୍ରିକ୍ ଯାନ ଏବଂ ଗ୍ରୀନ୍ ହାଇଡ୍ରୋଜେନ୍ ଭଳି ବିକଳ୍ପ ଏବଂ ନବୀକରଣଯୋଗ୍ୟ ଶକ୍ତି ଉତ୍ସଗୁଡ଼ିକର ବିକାଶକୁ ଦ୍ରୁତ ଗତିରେ ଆଗେଇ ନେବାକୁ ପଡ଼ିବ । ଭାରତ ବିଶ୍ୱର ଅନ୍ୟତମ ଦ୍ରୁତ ବିକାଶଶୀଳ ଅର୍ଥନୀତି ହୋଇଥିବାରୁ, ଏକ ସୁଦୃଢ଼ ଏବଂ ସ୍ୱାବଲମ୍ବୀ ଶକ୍ତି ନିରାପତ୍ତା ବ୍ୟବସ୍ଥା ବିନା ଦେଶର ସାମଗ୍ରିକ ପ୍ରଗତି ଅସମ୍ଭବ । ସାମ୍ପ୍ରତିକ ତୈଳ ସଙ୍କଟ ଏବଂ ରଷିଆର ବଦଳୁଥିବା ବାଣିଜ୍ୟିକ ଆଭିମୁଖ୍ୟକୁ ଏକ ଚେତାବନୀ ଭାବରେ ଗ୍ରହଣ କରି, ଭାରତ ସରକାର ଏକ ଦୂରଦୃଷ୍ଟିସମ୍ପନ୍ନ, ଦୀର୍ଘମିଆଦୀ ଏବଂ ସ୍ଥାୟୀ ଶକ୍ତି ନୀତି ପ୍ରଣୟନ କରିବା ଉଚିତ୍ । ଆନ୍ତର୍ଜାତିକ ସ୍ତରରେ ନିଜର ଜାତୀୟ ସ୍ୱାର୍ଥ ଏବଂ ଅର୍ଥନୈତିକ ସ୍ଥିରତାକୁ ସୁରକ୍ଷିତ ରଖିବା ସହିତ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ହାସଲ କରିବା ଦିଗରେ ଦେଶକୁ ଏବେଠାରୁ ଦୃଢ଼ ପଦକ୍ଷେପ ନେବାକୁ ପଡ଼ିବ ।

# ଭାଗବତରେ ଗୁରୁ ପରମ୍ପରା



ଡ. ପ୍ରଦୀପ୍ତ କୁମାର ମିଶ୍ର

ଭାଗବତ ଜନ ଜୀବନର ବେଦ । ଶ୍ରୀମଦ ଭାଗବତର କାବ୍ୟିକ ଉତ୍ସାହକୁ ସଂକୀର୍ଣ୍ଣ ବ୍ୟକ୍ତିଗତ କୌତୁହଳ ଅବା ସ୍ୱାର୍ଥରେ ନିୟୋଜିତ କରିବା ଗୁରୁତର ଅପରାଧ । ଅକପଟ ଭାବରେ ବ୍ୟକ୍ତି ଓ ବିଶ୍ୱର ନିରାମୟ ଭବିଷ୍ୟତକୁ ଆଖି ଆଗରେ ରଖି ପ୍ରତ୍ୟେହ ସନ୍ଧ୍ୟାରେ ଆଲୋଚନା ଜଗନ୍ନାଥଙ୍କର ଏକ ମହାର୍ଘ ଦାନ । ଜୀବନକାଳରେ ଅର୍ଜିତ ଧନ, ମାନ, ଯଶ, ଗୌରବକୁ ଭକ୍ତ ଭଗବାନଙ୍କ ଅଙ୍ଗନରେ ଅର୍ପଣକରି ଆଗାମୀ ପିଢ଼ିର ସନ୍ତାନ ପାଇଁ ଆଲୋଚନା କରିବା ଏକ ତ୍ୟାଗ କହିଲେ ବାର୍ତ୍ତାର ଅପଲାପ ହେବନାହିଁ । ଭାଗବତ ଆଲୋଚନାରେ ସୃଷ୍ଟି ହେଉଥିବା ଆତ୍ମୀୟତା, ନିଷ୍ଠା, ଆଲୋଚନା ପରିସରକୁ ସତେ ଯେମିତି ବିଶ୍ୱମାନବର କଲ୍ୟାଣ ଉଦ୍ଦେଶ୍ୟରେ ଉତ୍ତେଜିତ କରିବାପାଇଁ ଦୈନନ୍ଦିନ ଜୀବନର ନିଷ୍ପାପର କର୍ମ । ଭାଗବତ ଆଲୋଚନା ବିଶ୍ୱମାନବ ପାଇଁ ପ୍ରେରଣାର ଉତ୍ସ । ଭକ୍ତ ଅନୁଭୂତିର ପ୍ରସାଦରେ ବିନା କାରଣରେ ଗର୍ଭଯନ୍ତ୍ରଣାକୁ ଧାରଣକରି ନିଃସଙ୍ଗତାର ସଂଗୀତ ଶୁଣି ସ୍ଥିତିକୁ ବିସ୍ଥିତି ଓ ଅସ୍ଥିତିକୁ ସୁସ୍ଥିତିରେ ଦର୍ଶନର ମେଘ ମହ୍ଲାର ଖୋଜନ୍ତି । ଭାଗବତ ମାନସିକ ଉତ୍କର୍ଷର ଲକ୍ଷଣ ଓ ସର୍ବସାଧାରଣଙ୍କ ମୂଲ୍ୟବୋଧର ବାହକ । ଜୀବନ ଏକ ଆକସ୍ମିକ ଭାବବିନ୍ଦୁ। ଲୁହ ଲୋହୁରେ ଗଢ଼ା ସଂସାରରେ ଭାଗବତର ପ୍ରଭାବରେ ଭାରାକ୍ରାନ୍ତ ମନରୁ କିନ୍ତୁ ଝାଞ୍ଜି ଅପସରି ଯାଇ ବସନ୍ତର ଆଗମନରେ ଭକ୍ତ ପୁଲକିତ ହୁଏ । ଦୁଃଖ ଅରୁଣ ରଙ୍ଗର ପକ୍ଷୀ, ଯିଏ କରୁଣ ସ୍ୱରରେ ଗୀତଗାଇ ଜୀବନର ଅର୍ଥ ବୁଝାଇଦିଏ । ସୁଖ ନାମହୀନ ଦିଗନ୍ତର ହଳଦୀବସନ୍ତ, ଯିଏ ଅଋତୁରେ ଆସି ଋତୁରେ ଚାଲିଯାଏ। ଜୀବନକୁ ନେଇ ଯନ୍ତ୍ରଣା, ଯନ୍ତ୍ରଣାକୁ ନେଇ ଗଞ୍ଜଣା, ଗଞ୍ଜଣାକୁ ନେଇ ଯାତନା, ସବୁ ଯାତନା ଯନ୍ତ୍ରଣାର କଷଟି ପଥରରେ କଷି ହୋଇଯାଏ । ନିର୍ଲିପ୍ତ ନିର୍ବାଣ ମଧ୍ୟରେ ଆକାଂକ୍ଷା କାମନାର କୈବଲ୍ୟ । ସ୍ୱପ୍ନର ସୌଦାଗର ଦୁଃଖର ଦରିଆରେ ଓ ସୁଖର ସ୍ୱାରୀରେ ସମୟର ସ୍ପନ୍ଦନ ଭିତରେ ବେଦନାର ବେଦପାଠକରି ଆକସ୍ମିକ ଆବେଗ ମନର ମରାଳକୁ ଭାଗବତ କେବଳ ଋତୁସ୍ନାତକରି ଅଋତୁ ମଧ୍ୟରେ ବନ୍ଦୀକରି ମଧ୍ୟ ମୁକ୍ତିର ମାର୍ଗ ଦେଖାଇପାରେ। ଭାଗବତ ମାନବ ସଭ୍ୟତାର ପ୍ରଗତିପାଇଁ ଶାନ୍ତି ଓ ମୈତ୍ରୀର ଜୀବନଜୈତ୍ରୀ । ଭାଗବତରୁ ନିର୍ଗତ ହେଉଥିବା ଆହ୍ୱାନ ତଥା ପ୍ରେରଣାର ବାର୍ତ୍ତା ବିବେକାନୁମୋଦୀ, ହୃଦୟକୈନ୍ଦ୍ରିକ ବ୍ୟକ୍ତିବିଶେଷଙ୍କ ଅନ୍ତଃସ୍ୱର । କୋମଳ ହୃଦୟର ଭାବରାଜି ସହ ଭାଗବତ ଚିନ୍ତନ ସାଧାରଣ ହୃଦୟରେ ସୃଷ୍ଟିକରେ ମୂର୍ଚ୍ଛନା। ଭାଗବତ ସମ୍ବେଦନଶୀଳ ଓ ମାନବୀୟ ପ୍ରୀତିବୋଧ ମଧ୍ୟରେ ସମନ୍ୱୟରଖି ଏକ ସ୍ଫୁର୍ତ୍ତି ଓ ସତେଜତା ସୃଷ୍ଟିକରେ । ଭାଗବତ ଜଡ ଭିତରର ଜୀବନୀଶକ୍ତିକୁ ଠାବ କରିବା, ମଣିଷ ମନର ଅବଚେତନ ସ୍ୱରର କ୍ରିୟା ପ୍ରତିକ୍ରିୟାକୁ ଭକ୍ତି ଜରିଆରେ ସର୍ଜନଶୀଳ ଦୃଷ୍ଟିଭଙ୍ଗୀ ସୃଷ୍ଟିକରେ । ଏହି ଅବସରରେ ଆମେ ଭାଗବତର ଗୁରୁ ପରମ୍ପରା ପ୍ରସଙ୍ଗକୁ ଅଧିକ ଗୁରୁତ୍ୱଦେବା ଜରୁରୀ ଅଟେ ।

ଓଡିଆ ଭାଗବତର ଏକାଦଶ ସ୍କନ୍ଧର ସପ୍ତମ ଅଷ୍ଟମ ଅଧ୍ୟାୟରେ ବର୍ଣ୍ଣିତ ଉଦ୍ଧବଙ୍କୁ ଶ୍ରୀଭଗବାନଙ୍କ ଉପଦେଶ ବର୍ଣ୍ଣିତ ହୋଇଛି। ଅବଧୂତଙ୍କ ଚବିଶଗୁରୁ ପ୍ରସଙ୍ଗ ଆମ ଆଲେଖ୍ୟର ମୂଳକଥାବସ୍ତୁ ।

ଯେ ଧର୍ମ ସଂସାର ରଖିବ ।
ସେ କାହିଁ ଶରଣ ପଶିବ ।।

ଏହି ପ୍ରଶ୍ନର ସମାଧାନ ଉଦ୍ଧବଙ୍କୁ ଉପଦେଶ ଦେବା ଛଳରେ ଗୁରୁ ପରମ୍ପରାରେ ସମାଧାନ କରାଯାଇଛି । ଉଦ୍ଧବ ଶ୍ରୀକୃଷ୍ଣଙ୍କ ସହ ଗମନ କରିବାକୁ ଇଚ୍ଛା କରିଛନ୍ତି । ଶ୍ରୀକୃଷ୍ଣ କହିଛନ୍ତି ମୋର ସ୍ୱଧାମ ଗମନପରେ କଳି ମାଡି ଆସିବ । ଲୋକମାନଙ୍କ ଆଚରଣରେ ପରିବର୍ତ୍ତନ ଘଟିବ । ହିଂସା ରାଗ ଦ୍ୱେଷ ବ୍ୟଭିଚାର ଅନ୍ୟାୟ ଅନୀତି ସମାଜରେ ବ୍ୟାପିଯିବ। ଶ୍ରୀକୃଷ୍ଣ କହିଛନ୍ତି ---

ଅଗମ୍ୟେ କରିବେ ଗମନ ।
ନିନ୍ଦିବେ ନିଗମ ବଚନ ।।
ଏଣୁ ହୋଇବେ ଅଳ୍ପାୟୁଷ ।
ପାପେ ସକଳେ ଯିବେ ନାଶ ।।

ଘୋର କଳିକାଳରେ କାହାରି ଶୁଦ୍ଧଜ୍ଞାନ ରହିବ ନାହିଁ । ଏ କଥା ଦେଖି ତୁମେ ସହି ପାରିବ ନାହିଁ । ତୁମେ ମୋ ସହିତ ଚାଲିଗଲେ ମୋର ଶାଶ୍ୱତବାଣୀକୁ ଲୋକ ପ୍ରଚାରପାଇଁ କିଏ ପ୍ରଚାର କରିବ । ଏଣୁ ତୁମକୁ ରହିବାକୁ ହେବ । ଯଯାତିଙ୍କ ପୁତ୍ର ମହାରାଜ ଯଦୁ ଏକଦା ଜଣେ ଅବଧୂତଙ୍କ ସାକ୍ଷାତ ଲାଭ କରିଥିଲେ । ଯିଏ ଅତ୍ୟନ୍ତ ଦିବ୍ୟ ଭାବୋଲ୍ଲାସରେ ମଗ୍ନ ହୋଇ ଇତଃସ୍ତତ ଭ୍ରମଣ କରୁଥିଲେ ଏବଂ ଠିକ ଯେପରି ଭୂତଗ୍ରସ୍ତ ମନୁଷ୍ୟ ସଦୃଶ ଦୁର୍ବୋଧ ଆଚରଣରେ ମତ୍ତ ହୋଇପଡ଼ିଥିଲେ । ରାଜା ସେହି ପୁଣ୍ୟବାନ ମନୁଷ୍ୟଟିକୁ ତାର ଇତଃସ୍ତତ ଭ୍ରମଣର ଏବଂ ଭାବ ତନ୍ମୟତାର କାରଣ ଜିଜ୍ଞାସା କରିଥିଲେ ଏବଂ ସେତେବେଳେ ଅବଧୂତ ତାର ଉତ୍ତରରେ କହିଥିଲେ ଯେ, ସେ ଚବିଶଜଣ ବିଭିନ୍ନ ଗୁରୁଙ୍କ ନିକଟରୁ ନାନା ପ୍ରକାର ଉପଦେଶ ଗ୍ରହଣ କରିଛନ୍ତି । ସେହି ଗୁରୁମାନେ ହେଲେ ପୃଥିବୀ, ବାୟୁ, ଆକାଶ, ଜଳ, ଅଗ୍ନି, ଚନ୍ଦ୍ର, ସୂର୍ଯ୍ୟ, କପୋତ, ଅଜଗର, ସମୁଦ୍ର, ପତଙ୍ଗ, ମଧୁକର, ଗଜ, ମଧୁହାରୀ, ମୃଗ, ମୀନ, ପିଙ୍ଗଳା ବେଶ୍ୟା, କୁରର, ବାଳକ, ବ୍ରାହ୍ମଣ କୁମାରୀ, ଶରକାରୀ, ସର୍ପ, ଉର୍ଣ୍ଣନାଭ ଓ କୁମ୍ଭାର ପୋକ । କାହାଠାରୁ କଣ ଶିକ୍ଷା ପ୍ରାପ୍ତ ତାହା ଉପରେ ଦୃଷ୍ଟିପାତ କରିବା ।

୧-ପୃଥିବୀ— କର୍ମ

କଷଣ ସହି ଧୀରେ।
ବଞ୍ଚଇ ପର ଉପକାରେ ।।
ଧନ୍ୟ ଜୀବନ ଏ ଜଗତେ ।
ଯେ ପ୍ରାଣ ଧରେ ପରହିତେ ।।

କର୍ମ ଫଳରୁ ପ୍ରାଣୀ ଦୁଃଖସୁଖ ସହେ। କିନ୍ତୁ ପୃଥିବୀ ନିର୍ବିକାରରେ କିଛି ଆପତ୍ତି ନକରି ସବୁ ଦୁଃଖସୁଖ ସହି ପରର ଉପକାର କରେ । ସେ ସର୍ବଂସହା । ଆମ୍ଭେ ତାହାଠାରୁ ଏହି କ୍ଷମା କରିବା ଦୀକ୍ଷା ଗ୍ରହଣ କରିଛୁ ।

୨--- ପବନ --

ମୁଁ ଏହା ପବନୁ ବିଚାରି ।
ଶିଖିଲି ଗୁରୁଶିକ୍ଷା କରି ।।
ଏଣୁ ପବନ ପ୍ରାୟ ହୋଇ ।
ସଙ୍ଗତେ ଥାଇ ନ ମିଶଇ ।।

ଶରୀରର ପ୍ରାଣବାୟୁ ହେଉ କି ବାହାରର ପବନ ହେଉ ଯେପରି ଅଦୃଶ୍ୟ ଭାବରେ ଶରୀର ରକ୍ଷାକରେ କିମ୍ବା ନାନା ଗନ୍ଧ ବହନକରି ସେଥିରେ ପ୍ରବୃତ୍ତ ନଥାଏ, ଆମ୍ଭେ ସେହିପରି ସଂସାରରେ ରହି ମଧ୍ୟ ସବୁଥିରେ ଉଦାସୀନ ରହୁ ।

୩-- ଆକାଶ —

ମୁଁ ଯେ ଆକାଶ ଗୁରୁ କରି ।
ଅବନୀ ମଧ୍ୟେ ଦେହ ଧରି ।।
ଆନନ୍ଦେ ଭ୍ରମଇ ସଂସାରେ ।
ସ୍ପରଶ ନ କରି କାହାରେ ।।

ଆକାଶ କାହାରିକୁ ସ୍ପର୍ଶ କରେ ନାହିଁ । ମାତ୍ର ଆତ୍ମାପରି ସର୍ବତ୍ର ବିଦ୍ୟମାନ।

୪— ଜଳ --

ମଧୁର ସୁରୁଚି ବଚନେ ।
ହରଷ କରି ସର୍ବଜନେ ।।

ଜଳର ନିର୍ମଳତା, ପବିତ୍ରତା, ଓ ମଧୁରତା ଗୁଣ ଆମପାଇଁ ଗ୍ରହଣୀୟ ।

୫— ଅଗ୍ନି --

ଅଗ୍ନି ଯେସନେ ସର୍ବଖାଇ ।
ବିଚାରେ ଗୁଣ ଦୋଷ ନାହିଁ ।।

ଅଗ୍ନି ସର୍ବ ଭକ୍ଷୀ । ତା ତେଜ ଲୁକ୍କାୟିତ ବା ପ୍ରକଟିତ ହେଲେ ହେଁ କେହି ପରାଭୂତ କରିପାରେ ନାହିଁ ।

୬— ଚନ୍ଦ୍ର --

ଏ ଅନୁଭବେ ଚନ୍ଦ୍ର ଚାହିଁ ।
ଭ୍ରମଇଁ ଗୁରୁଶିକ୍ଷା ପାଇ ।।

ଚନ୍ଦ୍ରର କ୍ଷୟବୃଦ୍ଧି ପକ୍ଷ ଅନୁସାରେ ଲୋକରେ ପ୍ରତିଭାତ ହୁଏ । ଶୁକ୍ଳପକ୍ଷରେ ଚନ୍ଦ୍ର ଅଛି, ମାତ୍ର କୃଷ୍ଣପକ୍ଷରେ ନାହିଁ, ଏହା ଭ୍ରମ ସୃଷ୍ଟିକରେ । ବାସ୍ତବିକ ଚନ୍ଦ୍ର ଏକ ହିଁ ରହିଥାଏ ।

୭--- ସୂର୍ଯ୍ୟ --

ଏ ଜୀବଆତ୍ମା ସର୍ବ ଦେହେ ।
ଇନ୍ଦ୍ରିୟ ରସେ ବଶ ନୋହୋ
ଏ ଅନୁମାନେ ମୋ ବିଚାର ।
ଏଣୁ ମୋ ଗୁରୁ ଦିବାକର ।।

ଅଖଣ୍ଡତା ଓ ଅଭିନ୍ନତା ଗୁଣ ଆତ୍ମାର । ସୂର୍ଯ୍ୟ ବାଷ୍ପରେ ଜଳ ଗ୍ରହଣକରି ବର୍ଷା ଆକାରରେ ତାକୁ ତ୍ୟାଗକରେ । ସେଥିରୁ କିଛି ଗ୍ରହଣ କରେ ନାହିଁ । ନିର୍ଲିପ୍ତ ଭାବ।

୮— କପୋତ --

ଦେଖ ମନୁଷ୍ୟ କଳେବର ।
କେବଳ ମୁକତିର ଦ୍ୱାର ।।
କପୋତ ପ୍ରାୟ ଏ ସଂସାରେ।
ମଜ୍ଜଇ ଘୋର ଅନ୍ଧକାରେ ।।
ଏ ରୂପେ ବୁଝିଲି ସଂସାର ।
ଏଣୁ କପୋତ ଗୁରୁ ମୋର ।।

ସଂସାରରେ କୁଟୁମ୍ବ ମୋହ ଦେଖାଦିଏ। ବ୍ୟାଧ ଜାଲରେ କପୋତ ଶିଶୁ ପଡିଥିବାର ଦେଖି ଅତ୍ୟନ୍ତ ମୋହ ବଶତଃ କପୋତ କପୋତୀ ଦୁଃଖରେ ଜାଲକୁ ଡେଇଁ ପ୍ରାଣ ଦେଇଦେଲେ ।

୯— ଅଜଗର ---

କର୍ମ କଷଣ ଦେହ ସହେ ।
ଅରଣ୍ୟେ ଅଜଗର ପ୍ରାୟେ ।।

ଅଜଗର ପାଇଲେ ଖାଏ, ନ ପାଇଲେ ଉପବାସ । ମଣିଷ ଅଜଗର ଠାରୁ ଖାଦ୍ୟ ଲାଳସା ତ୍ୟାଗ ଦୀକ୍ଷା ପ୍ରାପ୍ତି ହୁଏ ।

୧୦— ସମୁଦ୍ର --

ସେ ରୂପେ ଜାଣ ମୁହିଁ ମନେ।
ହାନି ବୃଦ୍ଧି ଭାବ ନ ଘେନେ ।

ସମୁଦ୍ର ଠାରୁ ପ୍ରଶାନ୍ତ ଭାବ, ବିଶାଳ ହୃଦୟ, ଅହଂକାର ଶୂନ୍ୟ ଶିକ୍ଷା ଆମେ ପ୍ରାପ୍ତ ହେଉ । ବର୍ଷାରେ ବଢ଼େ ନାହିଁ କି ଗ୍ରୀଷ୍ମରେ ଶୁଖେ ନାହିଁ ।

୧୧— ପତଙ୍ଗ ---

ତା ରୂପେ ନ କରିବ ସଙ୍ଗ ।
ଅନଳେ ଯେସନେ ପତଙ୍ଗ ।। ଅନଳ ଦେଖି ଆକୃଷ୍ଟ ହୋଇ ପ୍ରାଣ ଦିଏ । ସେ ରୂପେ ବିଷ୍ଣୁମାୟା ନାରୀ ରୂପରେ ଆକୃଷ୍ଟ କରି ନାନା ମରଣାନ୍ତକ ଯନ୍ତ୍ରଣା ଦିଏ ।

୧୨--- ମଧୁକର ---

ଧନେ ମୋ ନାହିଁ ପ୍ରୟୋଜନ ।
ଏଣୁ ଦରିଦ୍ର ମୋ ଜୀବନ ।।

ଭ୍ରମର ସବୁ ପୁଷ୍ପରେ ବସି କେବଳ ଅଳ୍ପଅଳ୍ପ ସାର ସଂଗ୍ରହ କରେ । ଆମେ ସର୍ବ ଶାସ୍ତ୍ରର ସାର ସଂଗ୍ରହ କରୁ । ମାତ୍ର ସମସ୍ତଙ୍କରୁ ଅଞ୍ଜଳିରେ ଭିକ୍ଷା ଗ୍ରହଣକରି ଉଦର ପୋଷୁ। ସଂଚୟ କରିବା ବର୍ଜନ କରୁ । ୧୩-- ଗଜ —

ଜଳେ ପାଷାଣ ପ୍ରାୟେ ମଜେ ।
ଗଜ ବନ୍ଧନ ଯେହ୍ନେ ଗଜେ ।।
ଏଣୁ କାମିନୀ ସଙ୍ଗ ତେଜି ।
ଜ୍ଞାନେ ବୁଲଇ ଚକ୍ଷୁ ବୁଜି।।

ହସ୍ତିନୀର ଚିତ୍ରପଟ ଦେଖି ହସ୍ତୀ କାମରେ ଆକୃଷ୍ଟ ହୋଇ ଗର୍ତ୍ତରେ ପଡି ବନ୍ଦୀ ହୁଏ । ଯତି ସମ୍ମୁଖରେ ସୁନ୍ଦରୀ ନାରୀ ଚିତ୍ରପଟ ରଖିଦେଲେ ସେ ଆକୃଷ୍ଟ ହୋଇ ବିପଦରେ ପଡେ ।

୧୪-- ମଧୁହାରୀ --

ଏ ରୂପେ ଗୃହୀ ଦୁଃଖ ପାଇ ।
ଅନ୍ନ ବ୍ୟଞ୍ଜନ ରଖେ ନେଇ ।।
ଅତିଥି ଆସି ଭୁଞ୍ଜେ ତାହା ।
ଏମନ୍ତେ ଗୁରୁ ମୋ ମଧୁହା ।।

ମହୁ ସଂଚୟ କରି ଅତିକଷ୍ଟରେ ମହୁମାଛି ରଖେ । ତାକୁ ଲୁଣ୍ଠନ କରି ଅନ୍ୟକେହି ଖାଇଥାଏ । ତେଣୁ ଆମ୍ଭେ କିଛି ସଂଚୟ କରିବା ବିଧି ନୁହେଁ ।

୧୫--- ମୃଗ --

ବନ୍ଦୀ ହୋଇଲେ କାମ ପାଶେ ।
ଶ୍ରବଣ ଇନ୍ଦ୍ରିୟ ଲାଳସେ ।।
ଏଣୁ ମୁଁ ମୃଗ ଗୁରୁ କରି ।
ଭ୍ରମଇ ଆଶା ଦୂର କରି ।।

ମୃଗ ଶବରର ସମ୍ମୋହନ ବଂଶୀଗୀତ ଶୁଣି ମୃଗ ତା ଜାଲରେ ପଡି ପ୍ରାଣ ଦିଏ । ଗ୍ରାମ୍ୟଗୀତ ବା ବିଷୟଭୋଗ ସମ୍ବନ୍ଧୀୟ ଆଲୋଚନାରେ ମନ ଆମର ନାହିଁ । ଋଷ୍ୟଶୃଙ୍ଗ ପରି ଜ୍ଞାନୀ ଯୋଗୀମୁନି ଜରତା ବେଶ୍ୟା ଜାଲରେ ପଡି ଯାଇଥିଲେ ।

୧୬---ମୀନ --

ଏ ବୋଲ ବୁଝିଣ ଯେ ପ୍ରାଣୀ ।
ଯେବେ ଜିହ୍ୱାକୁ ପାରେ ଜିଣି ।।
ତେବେ ଜିଣଇ ଇନ୍ଦ୍ରିଗଣ ।
ସେ ପ୍ରାଣୀ ନିଷ୍ଟେ ନାରାୟଣ ।।

ଜିହ୍ୱା ଲାଳସା ତ୍ୟାଗ କରିବା । ଜିହ୍ୱାର ଲୋଭ ସମ୍ଭାଳି ନପାରି ମାଛ ଯେପରି ବନଶୀର ଥୋପ ଗିଳି ମୃତ୍ୟୁମୁଖରେ ପଡେ ମନୁଷ୍ୟ ସେହିପରି ହୁଏ । ଜିହ୍ୱା ଲାଳସାକୁ ବର୍ଜନ କଲେ ଅନ୍ୟ ସବୁ ଇନ୍ଦ୍ରିୟକୁ ଜୟ କରିହେବ ।

୧୭-- ପିଙ୍ଗଳା ବେଶ୍ୟା —

ମର୍ତ୍ତ୍ୟ ମଣ୍ଡଳେ ଦେହବହି ।
ଦେବତା ହେଲେ ବି ମରଇ ।।

ଧନମୋହର ଦୂରାବସ୍ଥା । ପିଙ୍ଗଳା ବେଶ୍ୟା ଅଧିକ ଧନଲୋଭରେ ଜଣେ ଧନୀ ଗ୍ରାହକଙ୍କୁ ରାତିରେ ଆସିବାକୁ କହିଥିଲା । କମ ଧନ ଦେବାରୁ ଗ୍ରାହକଙ୍କୁ ଅଣଦେଖା କରିଥିଲା । ସାରା ରାତି ଉଜାଗର ରହି ଧନୀ ପୁରୁଷକୁ ଅପେକ୍ଷା କରିବା ସତ୍ତ୍ୱେ ସେ ନ ଆସିବାରୁ ତା ମନରେ ବୈରାଗ୍ୟ ଜାତ ହେଲା । ତେଣୁ ସମସ୍ତ ଧନସମ୍ପତ୍ତି ପରିତ୍ୟାଗକରି ନିଜର ଏତାଦୃଶ କର୍ମକୁ ଧିକ୍କାରକରି ବନକୁ ଯାଇ ସନ୍ନ୍ୟାସିନୀ ହୋଇଗଲା । ଶ୍ରୀକୃଷ୍ଣ ଭଜନରେ ମଜି ଅନ୍ତକାଳରେ କୃଷ୍ଣଦେହରେ ଲୀନ ହେଲା।

୧୮-- କୁରର ପକ୍ଷୀ --

ଏଣୁ ମୁଁ ତାର ଦୁଃଖ ଚାହିଁ ।
ତା ତହୁଁ ଗୁରୁଶିକ୍ଷା ପାଇ ।।

ଅପରିଗ୍ରହୀତା । ସଞ୍ଚାଣ ଭଲ ପକ୍ଷୀ ମାରିପାରେବୋଲି ଲୋକେ ତାକୁ ଘରେ ବନ୍ଦୀକରି ରଖନ୍ତି । ସେ ଯେତେ ପକ୍ଷୀମାରେ ତା ମାଲିକ ସବୁ ଖାଏ । ବିଚରା ତାର ପ୍ରାପ୍ୟ ନପାଇ ଜଳକା ହୋଇ ଅନାଇ ରହେ ।

୧୯--- ବାଳକ --

କିଛି ହିଁ ଚିନ୍ତା ନାହିଁ ତାର ।
ଏଣୁ ବାଳକ ଗୁରୁ ମୋର ।।

ଚିନ୍ତାମୁକ୍ତ । ମାନ ଅପମାନ ସବୁ ସମାନ। ଶିଶୁ ନିଶ୍ଚିନ୍ତରେ ନିଜେ ନିଜେ ଆନନ୍ଦରେ ଖେଳେ । ଗୁଣାତୀତ ବ୍ୟକ୍ତି ଶିଶୁଭଳି ସଂସାର ଚିନ୍ତା ନକରି ପରମାନନ୍ଦରେ ମଗ୍ନ ରହନ୍ତି । ୨୦-- ବ୍ରାହ୍ମଣ କୁମାରୀ --

ଏକାନ୍ତେ ଭ୍ରମୁଥାଇ ମୁହିଁ । କେବେ ହେଁ ସଙ୍ଗ ନ କରଇ ।।

ଏକାନ୍ତ ଭାବ । ବ୍ରାହ୍ମଣ କନ୍ୟା ରୋଳରେ ଧାନ କୁଟିବାବେଳେ ହାତରେ ଥିବା କଙ୍କଣ ଗୁଡ଼ିକ ଝୁଣୁଝୁଣୁ ଶବ୍ଦ କରିବାରୁ ଲଜ୍ଜିତା ହୋଇ ସବୁ କଙ୍କଣ କାଢିଦେଇ ଗୋଟିଏ ଗୋଟିଏ ରଖିବାରୁ ଆଉ ଶବ୍ଦ ହେଲାନାହିଁ ।

୨୧-- ଶରକାରୀ --

ତାର ନିକଟେ ରାଜା ଗଲା ।
ସେ ତାହା ଜାଣି ନ ପାରିଲା ।।
ଏଣୁ ତାହାର ତହୁଁ ଦେଖି ।
ମୁଁ ଏବେ ଗୁରୁଶିକ୍ଷା ଶିଖି ।।

ଏକାଗ୍ରତା । କମାର ଶର ତିଆରି କାମରେ ଏତେ ମନକୁ ଏକାଗ୍ର ଭାବରେ ଲଗାଇଥିଲା ଯେ ତା ପାଖ ଦେଇ ରାଜାଙ୍କ ପଟୁଆର ନାନା ବାଦ୍ୟ ବଜାଇଗଲେ ମଧ୍ୟ ସେ ଜାଣି ପାରିଲା ନାହିଁ । ତେଣୁ ହରିପାଦରେ ସେହିପରି ଏକାଗ୍ରତା ଦରକାର।

୨୨-- ସର୍ପ --

ଏଣୁ ଉରଗ ଗୁରୁ କରି ।
ଗୃହସ୍ଥ ଆଶ୍ରମ ନ କରି ।।

ଅନିଶ୍ଚିତତା । ସର୍ପ ଏକସ୍ଥାନରେ ଘରକରି ନ ରହି ବିଭିନ୍ନ ସ୍ଥାନରେ ରହେ । ଯୋଗୀ ଗୃହସ୍ଥାଶ୍ରମ ନ କରି ପୃଥିବୀ ପର୍ଯ୍ୟଟନ କରେ ।

୨୩--- ଉର୍ଣ୍ଣନାଭି —

ଏରୂପେ ସୃଷ୍ଟି ଲୀଳା କରି ।
ସଂସାରେ ଖେଳେ ନରହରି ।।

ଇଚ୍ଛାଶକ୍ତି । ବୁଢିଆଣୀ ନିଜ ଗର୍ଭରୁ ସୂତା ବାହାରକରି ରାତିରେ ଏକ ବିରାଟ ଜାଲ ତିଆରିକରି ସାରାରାତି ତା ଭିତରେ ଆନନ୍ଦରେ ବିହାର କରେ । ସକାଳ ହେଲେ ସେ ଜାଲକୁ ଆପଣା ଗର୍ଭରେ ଲୀନ କରିଦିଏ। ସେହିଭଳି ପରମାତ୍ମା ନିଜ ଇଚ୍ଛାରେ ବିରାଟ ସଂସାର ନିର୍ମାଣକରି ତା ମଧ୍ୟରେ ନାନା ଜୀବ ରୂପଧରି ଖେଳ କରେ ଓ ନିଜ ଇଚ୍ଛାରେ ସେ ସବୁ ନିଜ ଗର୍ଭକୁ କ୍ଷେପଣକରି ସଂହାର କରେ ।

୨୪-- କୁମ୍ଭାରପୋକ --

ମନୁଷ୍ୟ ଦେହେ ଦିବ୍ୟଜ୍ଞାନ ।
ଦେଖି ସନ୍ତୋଷ ଭଗବାନ ।।

ପ୍ରାଣ ପ୍ରୟାଣକାଳେ କୃଷ୍ଣ ଦର୍ଶନ । କୁମ୍ଭାରପୋକ କୀଟ ଧରିଆଣି ତା ବସାରେ ମାଟି ଲିପି ରଖିଦିଏ । ସମୟାନ୍ତେ ସେ କୀଟ କୁମ୍ଭାରପୋକ ରୂପ ଧାରଣକରି ଜନ୍ମ ନିଏ । କାରଣ ସେ କୀଟର ଜୀବନ ଗଲାବେଳେ ସେ କୁମ୍ଭାରପୋକକୁ ଦେଖି ପ୍ରାଣତ୍ୟାଗ କରିଥାଏ । ସେହିଭଳି ଯେଉଁବ୍ୟକ୍ତି ନିଜର ଅଭ୍ୟାସ ଓ ସାଧନା ବଳରେ ପ୍ରାଣ ଗଲାବେଳେ କୃଷ୍ଣରୂପ ଚିନ୍ତା କରିପାରିବ ସେ କୃଷ୍ଣଦେହରେ ମିଶିଯିବ । ଅନେକ ଜନ୍ମର ପୁଣ୍ୟଫଳରୁ ଏ ମାନବ ଶରୀର ମିଳିଛି । ଏହା ମୁକ୍ତିର ଶେଷ ପାହାଚ।

ଏହି କ୍ଷଣଭଙ୍ଗୁର ଅସ୍ଥାୟୀ ଭୌତିକ ଶରୀରଟି ଜନ୍ମ ଓ ମୃତ୍ୟୁର ଅଧୀନ ଅଟେ, ତାହା ଲକ୍ଷ୍ୟକରିବା ଫଳରେ ବୁଦ୍ଧିସମ୍ପନ୍ନ ମନୁଷ୍ୟ ଏ ଶରୀରପ୍ରତି ଆସକ୍ତ ହେବା ଅନୁଚିତ ଏବଂ ମାନବ ଜନ୍ମ ମାଧ୍ୟମରେ ଯେଉଁ ଦୁର୍ଲଭ ସୁଯୋଗ ମିଳିଛି, ତାକୁ ଜ୍ଞାନାନୁଶୀଳନ କାର୍ଯ୍ୟରେ ନିଯୁକ୍ତ କରି ଜୀବନର ସର୍ବୋଚ୍ଚ ଲକ୍ଷ୍ୟପ୍ରାପ୍ତିରେ ପ୍ରୟାସୀ ହେବା ଉଚିତ । ଏହିପରି ଭାବରେ ଭାଗବତରେ ଗୁରୁ ପରମ୍ପରା ବର୍ଣ୍ଣିତ ହୋଇଅଛି।

+ଅଧ୍ୟାପକ ଓଡିଆ ଭାଷା ଓ ସାହିତ୍ୟ ବିଭାଗ, ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟ, ନୀଳଗିରି, ବାଲେଶ୍ୱରଞ୍ଚ

# ସେ ସଖା ଆଉ ତାଙ୍କ ସଖୀ



ଅଲେଖ ଚନ୍ଦ୍ର ସାମଲ

ମହାପ୍ରଭୁଙ୍କ ଲୀଳା ଅନନ୍ତ। ସେ ଅନନ୍ତ ଚେତନାର ଆଧାର। ସେ ସମଗ୍ର ଜଗତର ସମଷ୍ଟିଭୁକ୍ତ ଚେତନାର ବିଗ୍ରହ। ଶ୍ରୀଜଗନ୍ନାଥ ନିଜସ୍ୱ ମହିମାରେ ବିରାଜିତ ମର୍ତ୍ତ୍ୟ ବୈକୁଣ୍ଠ ଉତ୍କଳର ଶ୍ରୀକ୍ଷେତ୍ର ପୁରୀଧାମରେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ବିଭିନ୍ନ ପୁରାଣରେ ଉଲ୍ଲେଖ ରହିଛି ସେ ଗୁଡ଼ିକ ହେଉଛି 'ବିଷ୍ଣୁ ପୁରାଣ', 'ନାରଦ ପୁରାଣ', 'ମତ୍ସ୍ୟ ପୁରାଣ', 'ଅଗ୍ନୀପୁରାଣ', 'ଗରୁଡ଼ ପୁରାଣ', 'କୂର୍ମ ପୁରାଣ', 'ବ୍ରହ୍ମପୁରାଣ' ପ୍ରମୁଖ। ଶ୍ରୀଜଗନ୍ନାଥ ଭାରତୀୟ ତତ୍ତ୍ୱ ଜ୍ଞାନର ବ୍ୟାପକ ଦୃଷ୍ଟିକୁ ଦର୍ଶନରେ ରୂପାନ୍ତର କରି ପିଣ୍ଡ ଓ ବ୍ରହ୍ମାଣ୍ଡର ପ୍ରଭେଦକୁ ପ୍ରଜ୍ଞାନରେ ପରିଣତ କରିଛନ୍ତି।

ସଖୀ ବା ସଖା ହେଉଛି 'ଭାବ'ର ପ୍ରତୀକ। ମଧ୍ୟ ଯୁଗୀୟ ସାହିତ୍ୟରେ ରାଧିକା, ଲଳିତା ଓ ବିଶାଖା ସଖୀ ଭାବ ଉପାସନାର ଚରିତ୍ର। ସେହିଭଳି ଶ୍ରୀମନ୍ଦିରରେ ମଧ୍ୟ ଏହି ସଖୀ ଭାବ ପ୍ରସ୍ଫୁଟିତ ହୋଇଛି। ବିଶିଷ୍ଟ ଶ୍ରୀଜଗନ୍ନାଥ ଗବେଷକ ଓ ଆଧ୍ୟାତ୍ମିକ ସାହିତ୍ୟ ଲେଖକ ଡ.ସୁରେନ୍ଦ୍ର କୁମାର ମିଶ୍ରଙ୍କ 'ଶ୍ରୀଜଗନ୍ନାଥ ଐତିହ୍ୟ ଶତକ' ପୁସ୍ତକର ତଥ୍ୟ ମୁତାବକ, ଶ୍ରୀମନ୍ଦିର ଜୟ ବିଜୟ ଦ୍ୱାର ଦେଇ ପୋଖରିଆରେ ପ୍ରବେଶ କଲେ ପାହାଚର ଡାହାଣ ପଟେ ରହିଥିବା ଘରଟି ପଲଙ୍କ ଘର ବା ଖଟଶେଷ ଘର। ଏହି ଘରେ ମହାପ୍ରଭୁଙ୍କ ଦୈନିକ ବ୍ୟବହୃତ ପଲଙ୍କ ଆଦି ଉପରେ ରହିଛି ଶୟନ ଘର। ଏଠାରେ ଆଷାଢ଼ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ଶୁକ୍ଳ ଏକାଦଶୀ ପର୍ଯ୍ୟନ୍ତ ଶୟନ ଠାକୁର ଶୟନ କରନ୍ତି। ଏହି ପଲଙ୍କ ଘର ଭିତରେ ତିନି ଜଣ ସଖୀଙ୍କର ଲାଳିତ୍ୟପୂର୍ଣ୍ଣ ପ୍ରସ୍ତର ମୂର୍ତ୍ତି ରହିଛି। ଏହା ବ୍ୟତୀତ ଜୟ ବିଜୟ ଦ୍ୱାରରୁ ପୋଖରିଆକୁ ଓହ୍ଲାଇବାର ଦ୍ୱିତୀୟ ପାହାଚ ପରେ ବାମ ପଟେ ଚାଙ୍ଗଡ଼ା ଘରେ ଦୁଇଜଣ ସଖୀ ରହିଥାନ୍ତି। ଏଠାରେ ମହାପ୍ରଭୁଙ୍କ ଲଗାପଟା ରୁହେ। ବେହରଣ ଦ୍ୱାରରୁ ଅଣସର ଘରକୁ ଯିବା ରାସ୍ତାରେ ଉତ୍ତରମୁହାଁ ହୋଇ ଜଣେ ସଖୀ ବିଦ୍ୟମାନ। ଅଣସର ଘରୁ କଳାହାଟ ଦ୍ୱାରକୁ ଯିବା ପୂର୍ବରୁ ଦୁଇ ପଟେ ପୂର୍ବ ମୁହାଁ ହୋଇ ରହିଛନ୍ତି ଦୁଇ ଜଣ ସଖୀ। ପ୍ରତିଦିନ ଏମାନଙ୍କୁ ମହାପ୍ରଭୁଙ୍କ ପୂଜା ପରେ ଫୁଲ ପ୍ରସାଦ ଦିଆଯାଏ। ବାହାରେ ଥିବା ତିନି ସଖୀଙ୍କୁ ଦଇତା ସେବକ 'ଅଣସର ଜଗୁଆଳ' ଅଭିହିତ କରନ୍ତି। ଗୁପ୍ତ ଉପାସନା ବେଳେ ଅଷ୍ଟ ସଖୀ ସେବାରେ ତନ୍ମୟ ହୋଇଯାନ୍ତି ବୋଲି ବିଶ୍ୱାସ ରହିଛି। ଡ.ମିଶ୍ରଙ୍କ କହିବା ମୁତାବକ, ଶ୍ରୀଜଗନ୍ନାଥ ଉପାସନାରେ ସଖୀ ଭାବ ପରମ୍ପରାର ନିର୍ଦ୍ଦିଷ୍ଟ ଐତିହାସିକ ପ୍ରମାଣ ଏଯାଏ ମିଳି ନାହିଁ। ମାତ୍ର ଏହାର ରହସ୍ୟ ଗଭୀର। ସଖୀ ହେଉଛି ଏକ ବୈଦିକ ଶବ୍ଦ। ମିତ୍ର ଅର୍ଥରେ ଋଗବେଦରେ ଏହା ବ୍ୟବହୃତ ହୋଇଛି ବୋଲି ସେ କହିଛନ୍ତି।

ଭକ୍ତି ଭାବନାରେ ଶ୍ରୀଜଗନ୍ନାଥ ହେଉଛନ୍ତି ଆମ ସମସ୍ତଙ୍କର ସଖା ଓ ସହୋଦର। ସେ ପ୍ରତ୍ୟେକ ଜୀବ ମଧ୍ୟରେ ଅବିନାଶୀ ଆତ୍ମା ଭାବରେ ବିଦ୍ୟମାନ। ମହାପ୍ରଭୁ ମାନବୀୟ ଲୀଳା କରି ଆମ ସମସ୍ତଙ୍କ ପ୍ରାଣର ଦେବତା ଭାବେ ସମସ୍ତଙ୍କୁ ରକ୍ଷା କରୁଛନ୍ତି। ଜୀବ ଆନନ୍ଦର ବିନ୍ଦୁ ହେଲାବେଳେ ଶ୍ରୀଜଗନ୍ନାଥଙ୍କ 'ସଖା ଚେତନା' ଆନନ୍ଦର ସିନ୍ଧୁ। ଲୌକିକ ଆନନ୍ଦ ବିଭକ୍ତ ହେଲେ ମଧ୍ୟ ସିନ୍ଧୁ ସହିତ ବିନ୍ଦୁ ଏକତ୍ୱ ରକ୍ଷା କଲାପରି ବ୍ରହ୍ମାନନ୍ଦସହିତ ଏକତ୍ୱ ରକ୍ଷା କରେ।

+ପୂର୍ବତନ ଡିଏଫଓ, ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ମୋ: ୯୪୩୭୨୫୭୧୨୩

କବିତା କୋଣାର୍କ

## ପ୍ରେମ ନଗରୀ ନା କଳଙ୍କିତ ନଗରୀ

ବିକାଶ ନାୟକ



ଆକାଶରେ ଚନ୍ଦ୍ରମା ସାଥେ
ଟିକି ଟିକି ତାରକା ପୁଞ୍ଜ
ସତେକି ଗଗନେ ପ୍ରସ୍ଫୁଟିତ
ହୋଇଛି କୃଷ୍ଣଚୂଡ଼ା ଫୁଲ ।
ଚନ୍ଦ୍ରମାର ଏହି ରୂପ କାନ୍ତି ଦେଖି
ଅକସ୍ମାତ ପାଦ ଯେ ଥାପିଲି
ପ୍ରେମାଶ୍ରିତ ନାଗରୀରେ ।
ଛଳନା ରୂପୀ ପ୍ରେମ ନଗରୀରେ
ନିୟନ୍ତ୍ରଣ ହରା ହୋଇ,
ପାଗଳ ପ୍ରେମିକ ପ୍ରାୟେ
ବୁଲିଲି ପ୍ରେମ ଅନେଶ୍ୱଣରେ ।
ନା ଅଛି ସ୍ନେହ, ପ୍ରେମ ଓ ମମତା
ଖାଲି ଅଛି ଏଠି ଛଳନାର ଗନ୍ତାଘର ।
ପ୍ରେମ ନାମେ ଏଠି ସଭିଏଁ ଛଳନାରେ ଲିପ୍ତ।
ବୋହୂଟିଏ ଏଠି ଶାଶୁ ଶଶୁରଙ୍କୁ
କରୁଥାଏ ହତାଦର
ଭାଇ ଟିଏ ଏଠି ଭାଇକୁ ଯେ ମାରି
କରୁ ଅଛି ରକ୍ତନଦୀ ସନ୍ତରଣ ।
କେତେଯେ ପ୍ରେମିକ ନାରୀ ପାଇଁ ଏଠି
ଦେଇଛନ୍ତି ନିଜକୁ ବଳି ।
ପୁଣି ଯେ କେତେ ପ୍ରେମିକ
ସାଜିଛନ୍ତି ଏଠି ପାଗଳ ଭଅଁର ।
ଏସବୁ ଦେଖି ମନହୁଏ ଆନ୍ଦଳିତ ।
କିଛି କ୍ଷଣ ଏକାନ୍ତରେ ବସି
ଭାବନାରେ ଯାଏ ହଜି
ସତେକି ଏହା ପ୍ରେମ ନଗରୀ
ନା ଏହା କଳଙ୍କିତ ନଗରୀ ।

+କଇଁପୁର,ଜାମଦା,
ମୟୂରଭଞ୍ଜ, ଓଡିଶା
ମୋ:୬୩୭୨୬୪୬୭୧୦

## ପ୍ରେମ

ରବୀନ୍ଦ୍ର କୁମାର ପାତ୍ର

ତ୍ୟାଗ ଆଉ ବଳିଦାନର
ମିଳିତ ମିଶ୍ରଣ ହିଁ ପ୍ରେମ
ଏକ ଦରଦ ହୃଦୟର
ଅକୁହା କାହାଣୀ ହିଁ ପ୍ରେମ
ସତରେ ପ୍ରେମ ଏକ ଶବ୍ଦ ନୁହେଁ
ଏକ ଅନୁଭବ
ପ୍ରେମ ଏକ କୋଇଲିର ସୁରିଲା
କୁହୁ ତାନ
କେତେବେଳେ ମିଠା ମଳୟତ
କେତେବେଳେ ତତଲା ଝାଂଜି
କେତେବେଳେ ବୁକୁ ଫଟା ଦହନ ତ
ଆଉ କେତେବେଳେ
ଚିତ୍ରକରର ରଙ୍ଗିଲା ତୁଳି...
କିଏ ପାଇଁ ସାରି ଦୁଃଖର ପାହାଡ଼ରେ
କିଏ ପୁଣି ଅନୁତାପର ଅନୁଚିନ୍ତାରେ
କିଏ ପାଇବା ପାଇଁ ପାଗଳ ସମାନ
ଆଉ କିଏ ହଁରେଇ ଦୁଃଖରେ...
ପ୍ରେମ କାହାକୁ ନୂଆ ବାଟ ଦେଖାଏ
ପୁଣି କାହା ବାଟ ବି ଓଗାଳେ
ପ୍ରେମ କାହାର ପରିଚୟ ହୁଏ ତ
ଆଉ କାହାର ପରିଚୟ ହରାଇ..
ତା ପରେ ବି ପ୍ରେମ ପାଗଳ ମୁଁ
ତୁମେ ଆଉ ସେମାନେ
ପ୍ରେମ ଏକ ମିଠା ଅନୁଭୂତିର
ମିଠା ଅନୁଭବ.....

+ଗୁଲନଗର
କେନ୍ଦ୍ରାପଡ଼ା...

## ଝିଅଟିଏ ବୋଲି
### ଝରଣା ବାରିକ



ଆଜିଯାଏ ଜମା ବୁଝି ମୁଁ ପାରୁନି
ଏମିତି କେମିତି ହୁଏ
ଶାଶୁ ଘରେ ଆସି ବୋହୂ ହେଲା ପରେ
ଝିଅଟି ବଦଳି ଯାଏ ।

ପରକୁ ଆପଣା କରି ନେଇ ସିଏ
ନିଜକୁ ବି ଯାଏ ଭୁଲି
କେବେ ସେ ଭାବେନି ମୁଁ ପର ଘରେ
କେମିତି ରହିବି ବୋଲି ।

ଲୁହକୁ ଲୁଚେଇ ହସୁଥାଏ ନିତି
ସତରେ ସେ ଭାରି ଖୁସି
ସବୁ କାମକରେ ଆସୁ କି ନ ଆସୁ
ରହେ ନାହିଁ କେବେ ବସି ।

ନିଜର ରକତେ ଜୀବନ୍ତ ପିତୁଳା
ଗଢେ କେତେ କଷ୍ଟ ସହି
ଦଶମାସ ଦୁଃଖ ଭୁଲିଯାଏ ପୁଣି
ତାକୁ କୋଳେ ଗଲେ ପାଇ ।

ପର ଝିଅ କହି ଶାଶୁଘରେ ଚଳେ
ପାଏ ନା ସେନେହ ଟିକେ
ନିଜ ଘରେ ସିଏ କୁଣିଆ ପରାଏ
ନିଜର ଭାଗ୍ୟକୁ ଲେଖେ ।

ଏମିତି ଜୀବନ ଲେଖିଛି ବିଧାତା
କିଏ ବା ନିଜର ହେବ !
ଆଖି ଲୁହ ସବୁ ପଣତରେ ପୋଛି
ଦିନ ତାର କଟି ଯିବ ॥

+ ସମଲ, ତାଳଚେର, ଅନଗୁଳ
ମୋ :୯୫୫୬୮୪୬୯୩୨

## କବି
### ସୁଜିତ କୁମାର ମିଶ୍ର



ମଞ୍ଚ ଅଭିନେତା ପରି
ଆଖିରେ ମିଛ ମାୟାର
କଜଳ ଲଗେଇ
କେହି କଣ ହୁଏ କବି ?

ନିରପେକ୍ଷତାକୁ ନିର୍ମମ ହତ୍ୟା କରି
ଗୋପନ ଅଭିପ୍ସାକୁ ଗୋଲାପୀ ପ୍ରେମର
ଅଭିସାର ମଣି
କବିଟିଏ କଣ କାହା ହୃଦୟରେ
ହୋଇପାରେ ଗାଆଁ ପାଖ ଅନ୍ତରଂଗ ନଈ ?
କବି କପଟୀ କଣ୍ଟା ନୁହେଁ
ସରଳ ନିର୍ଝରିଣୀର
ଲଳିତ ଗୀତ, ଆପଣାପଣର ମିଠାଛାଇ ।

ଅନ୍ତର ତା
କାଚକେନ୍ଦୁ ଜଳର
ଅନନ୍ତ ସ୍ୱଚ୍ଛତା ।

କବି କଳସୀର ସଞ୍ଚିତ ଉପଯୋଗୀ ମହୁ
ସେ ସଂସାରରେ ରହୁ କି ନରହୁ ।

ସେ ନିର୍ମାଣ କରେ ତା
ପ୍ରେରଣାର କଳା କୌଶଳରେ
ନୂତନ ଜିଜ୍ଞାସୁ ପିଢି,
ଦେଖାଏ ପ୍ରେମର ସରଣୀ,
ଶିଖାଏ ସର୍ଜନାର ସ୍ୱରଲିପି,
ଗଢିବାର ଅପୂର୍ବ କୋଣାର୍କ,
ସେଇଥିପାଇଁ ତ କବି
ଶ୍ରଦ୍ଧା ଚେତନାର ରାଷ୍ଟ୍ରୀୟ ଛବି ।

ମାଟିର ମଣିଷ କବି କଣ
କ୍ଷମତାର ହୀନ ଲାଳସାରେ
ମାଟିକୁ କରିପାରେ ଭାଗଭାଗ,
ଗୋଟିଏ ପବିତ୍ର ପୀଠରେ
କଣ ବୁଣି ପାରେ କଳଙ୍କର ରାଜନୀତି,
ଏ କେମିତିକା କବିତ୍ୱ
ଯାହା କୀଟ ପରି ଦଂଶିତ ଦହନର
ବିଛୁରିତ ଅମାରାତି,
କବି, ଓହ୍ଲାଇ ଆସ
ଏଠି ଅପେକ୍ଷାରେ ତୁମ ପ୍ରିୟ ଅନୁଗାମୀଗଣ,
ଭେଟିବାକୁ ତୁମ ମିଠା ସୃଜନର ରଙ୍ଗ ।

କବି ସଂସାରର ଚାରୁ ଚନ୍ଦ୍ରମା,
ସେ ଦେଖାଏ ଆଲୋକ
ପ୍ରତିଶ୍ରୁତିର ଅମ୍ଳାନ ଜ୍ୟୋତିରେ,
ଜଣେ ସ୍ୱାଭିମାନୀ ଲୌହ ପୁରୁଷ ସେ
ଯାତନାର କଷଣ ପଥରେ ,
ଧାର ଧାର ଲୁହ ବହିଯାଏ ସ୍ୱତଃ
ତା ଆଖିର ଉହାଡୁ
ମାନବିକତାର ମଧୁ ସ୍ପନ୍ଦନରେ ।

କବି କଣ ସ୍ୱାର୍ଥୀ ସୌଦାଗର
ଶବ୍ଦ ଭାବର ବଜାରୀକରଣରେ ?
କବି କଣ ଘରଭଙ୍ଗା ଘୋଡାମୁହାଁ,
ନିକୃଷ୍ଟ ଚିନ୍ତନଟିଏ ନେପଥ୍ୟରେ,
କବି ତ ନୀଳ ପ୍ରୀତିର ନାୟକ
ସମର୍ପଣର ପୂଜା ନୈବେଦ୍ୟରେ,
ସମତାର ଦୀପଶିଖାରେ ।

କବି ଦୁନିଆକୁ ସଜାଡିବାର
ଦିବ୍ୟତାର ଦିଗବାରେଣି,
କଣ ଅନ୍ତ ହେବ
ଆଜିଯାଏ ଲମ୍ବିଥିବା ତା
ଉଜୁଡା କାହାଣୀ ?

ସଭିଙ୍କ ସାଥିରେ ଗୋଟିଏ ରାସ୍ତାରେ
କବି ନୁହେଁ କି ଛଳନା ବୈରାଗ୍ୟ ?

+ ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ: ୭୬୮୩୮୬୭୭୪୨

## ଫୁଟପାଥର ଲୁହ
### ବିକାଶୀ ପ୍ରିୟଦର୍ଶିନୀ ରାଉତ



ସେ କେବଳ ଶରୀର ନୁହେଁ,
ସେ ଏ ସହରର ପଚାଯାଇଥିବା କ୍ଷତ।
ଖବରକାଗଜର ଅକ୍ଷର ଉପରେ
ଶୋଇଛି ତା'ର ଭୋକ,
ଆଉ ମୁଣ୍ଡ ଉପରେ ଆକାଶ ନୁହେଁ,
ଓହଳି ପଡିଛି ତୁମ ଉଦାସୀନତାର କଳା ଛାତ।

ଲାଲବତୀରେ ସେ ଭିକ ମାଗେନାହିଁ,
ସେ ତୁମ ବିବେକକୁ ବାଡେଇ ଦେଖେ।
ତୁମ ବନ୍ଦ କାଚ ଭିତରେ
ତା' ଆଙ୍ଗୁଠି ଛାପ ନୁହେଁ,
ଲାଗିଯାଏ ଗୋଟେ ଅଭିଶାପ।

ଡଷ୍ଟବିନ୍ ତା'ର ଥାଳି।
ତୁମ ଫିଙ୍ଗି ଦେଇଥିବା ଅଇଁଠା ରୁଟିରେ
ସେ ଖୋଜେ ଈଶ୍ୱରଙ୍କ ପ୍ରସାଦ।
କୁକୁର ସହ ଲଢେଇ କରି
ଜିତେ ଯେଉଁ ଗରାସ,
ତାହା ହିଁ ତା'ର ସ୍ୱାଧୀନତା ଦିବସ।

ବର୍ଷା ତାକୁ ଭିଜାଏ ନାହିଁ,
ଧୋଇଦିଏ ତୁମ ସଭ୍ୟତାର ମେକପ୍।
ଶୀତ ତାକୁ ମାରେ ନାହିଁ,
ଉଲଗ୍ନ କରିଦିଏ ତୁମ ମାନବିକତାର ଭଣ୍ଡାମି।
ଖରା ତା' ଦେହ ପୋଡେ ନାହିଁ,
ଜାଳିଦିଏ ତୁମ ଆଇନର କାଗଜ।

ତା'ର ନାଁ ପଚାର ନାହିଁ।
ନାଁ ଦେବାକୁ ତା'ର ମା' ନଥିଲା,
ଠିକଣା ଦେବାକୁ ବାପ ନଥିଲା,
ଆଧାର ଦେବାକୁ ସରକାର ନଥିଲା।
ତଥାପି ସେ ଅଛି,
ତୁମ ସ୍ମାର୍ଟସିଟିର ଛାତି ଉପରେ
ଗୋଟେ ଅଲିଭା ପ୍ରଶ୍ନଚିହ୍ନ ହୋଇ।

ତୁମେ ତା' ପାଖ ଦେଇ ଯିବା ବେଳେ
ନାକ ଟେକ, ଗାଡି ଗତି ବଢାଅ।
କାରଣ ତା' ଦୁର୍ଗନ୍ଧ ନୁହେଁ,
ତୁମକୁ ଡର ଲାଗେ ତା' ଆଖିକୁ ।
ସେଇ ଆଖି, ଯେଉଁଥିରେ ଲେଖା ହୋଇଛି
ତୁମ ବିକାଶର ରକ୍ତ ଇତିହାସ।

ସେ ଭିକାରି ନୁହେଁ,
ସେ ତୁମ ଗଣତନ୍ତ୍ରର ଅସଫଳ ସାକ୍ଷୀ।
ସେ ଅପରାଧୀ ନୁହେଁ,
ସେ ତୁମ ବ୍ୟବସ୍ଥାର ଜୀବନ୍ତ ଅଭିଯୋଗ।

ତୁମ ପକେଟର ଟଙ୍କା ତାକୁ ଦରକାର ନାହିଁ।
ଦରକାର ଖାଲି ଗୋଟେ ଉତ୍ତର,
ଏତେ ବଡ ମହଲ ଗଢିବା ପରେ ବି
କାହିଁକି ଜଣେ ମଣିଷ ପାଇଁ
ଚାରି ଫୁଟର ଜାଗା ନାହିଁ ?

+ବଡ଼ପଲ୍ଲୀ, ରାଜନଗର,
କେନ୍ଦ୍ରାପଡ଼ା

## ଅମୃତସ୍ୟ ପୁତ୍ରଃ
### ଚିନ୍ମୟ କୁମାର ପଣ୍ଡା



ଏଇନେ ମାଝି କହୁଥିଲା
ନା ହସ, ନା ଲୁହ
ଛାତିରେ ଅମାପ ଭର୍ତ୍ତି କୋହ,
ତୁମେ ଏବେ ମୋତେ
ଯାହା ମାଗୁଛ
ତାହା ତ ତୁମକୁ
ମାଗିଥିଲି ବହୁତ ଦିନରୁ।
ମୋତେ ଏପରି ଫେରାଇଛ
ଯେପରି ପଉଷର ଆକାଶରୁ
ମେଘ ଖଣ୍ଡ ।
ହଁ, ଜୀବନ ବୁକୁରେ ପ୍ରଞ୍ଜାର
କଡ଼ ଧରି ଆସିଲା ବେଳେ,
ମହାପ୍ରଳୟରେ ଭାସି ଯାଇପାରେ ଜୀବନ।
ମାଝି ଅନ୍ତହୀନ ଦିଗ୍‌ବଳୟକୁ

ଚାହିଁ କହିଲା...
ଉଠିପଡ଼ !
କେତେବେଳେ କିଛି ବି
ଘଟି ଯାଇପାରେ,
ଭାଙ୍ଗି ପଡ଼ିପାରେ ହିମଗିରି,
ସାଗର ତା' କୂଳ ଲଂଘିପାରେ,
ସମ୍ପର୍କର ବିଶ୍ୱାସ ବୃକ୍ଷରେ
କୃତଘ୍ନତାର ଗାଢ଼ କଳା
ଫୁଲ ଫୁଟିପାରେ।

ଆକସ୍ମିକ ବିଦ୍ୟୁତ୍ ବିଭ୍ରାଟରେ
ଜଳି ଯାଇପାରେ ଘର-ଦ୍ୱାର,
ପୁର - ପଲ୍ଲୀ....
ହଁ -ହଁ !
କିନ୍ତୁ ମନେରଖ !
ସକାଳ ହେବ, ନିଶ୍ଚେ ହେବ।
ତମସା ଯିବ କଟି,
ବେଦନାର ଗହନ
ସ୍ରୋତ ସାମ୍ନାରେ
ସାନ୍ତ୍ୱନା ଓ ଧୈର୍ଯ୍ୟର ବେଭଙ୍ଗ ପର୍ବତ...
ତୁମେ ନୁହଁ ଏକ ବିବିକ୍ତ ଶୂନ୍ୟତା
ନିଜ ସ୍ୱଭାବେ ନିଜେ ହିଁ ପୂର୍ଣ୍ଣତା।
ଏହି କ୍ଷଣେ ଉଠିପଡ !
କେତେବେଳେ ବଦଳି ଯାଇପାରେ
ଜୀବନର ସଂଜ୍ଞା ଓ ସ୍ୱରୂପ ...
କାରଣ, ତୁମେ ଅମୃତସ୍ୟ ପୁତ୍ର !

+ ମାଟି ବୈକୁଣ୍ଠ, ମଥୁରା, କଳାହାଣ୍ଡି

## ମିଛ ପ୍ରଶଂସାରେ କି ଲାଭ
### ଦୀନବନ୍ଧୁ ପୋଇ

ପ୍ରଶଂସା ଏମିତି ଅଛି ଶବ୍ଦଟିଏ
ମିଛ ହେଉକି ସେ ସତ
ପାଇଗଲେ କିଏ ଯାହାଠାରୁ ସିଏ
ଭାବେ ତାକୁ ବଡ ମିତ
ଜାଣିବାରେ ଥାଏ ଦୋଷ
ପ୍ରକୃତ ମିତକୁ ହେଲେ ଜାଣିବାକୁ
ଲାଗେ ବରଷ ବରଷ ।

ଉଦାରତା ଗୁଣ ଦେଖି ସିଏ ଜାଣ
ଟେକି ଟେକି କହୁଥାଏ
ଲକ୍ଷ୍ୟ ହାସଲରେ ପହଞ୍ଚି ପାରିଲେ
ଆଉ ସେ ଧରା ନଦିଏ
ସରିଗଲେ ତୁମ ଦୟା
ତୁମନାମେ ନିନ୍ଦା ବାଜଣା ବଜାଇ
ବିସ୍ତାରିବ ତାର କାୟା ।

ସତ୍ୟପଥେ ଚାଲ ଭଲ କାମ କର
ଉପଦେଶ କେତେ ଦେବ
ମିଛ ମାୟା ଏଇ ମଣିଷ ଜୀବନେ
କହେ କିଏ କଣ ନେବ
ହରି ନାମ ଏବେ ଗାଇ
ମାଳିକୁ ପକାଇ ଚନ୍ଦନ ଲଗାଇ
ଧାର୍ମିକ ହୁଏ ଦେଖାଇ ।

ଯିଏ ଦିନେ ଆସି ପାଖେ ହସି ବସି
ଭଲ ତୁମେ କହୁଥିଲା
ସିଏ ବି ଦୂରେଇ କହିହେଉଥିବ
ଏଡେ ଅମଣିଷ ଥିଲା
ଯେବେ ଏହା ଥରେ ଶୁଣ
ମିଛ ପ୍ରଶଂସାରେ କିଲାଭ ରହିଛି
ପ୍ରଶଂସା କାରୀଠୁ ଜାଣ ।

କାହାଠାରୁ ନିନ୍ଦା ପ୍ରଶଂସା ପାଇକି
ମିଳିବନି କିଛି ଲାଭ
ସମୟ କହିବ ଠିକ ଭୁଲ କଣ
ଏ ଭରସା ରଖିଥିବ
ପଥିକ କଥାକୁ ଭାବ
ଯେଉଁ ଗଛଠାରୁ ଛାଇ ପାଇ ବସେ
ତାକୁ ହିଁ ଟେକା ମାରିବ ।

+ଗୋରଡାପାଳ, କରମୁଳ
ଢେଙ୍କାନାଳ,
ମୋ: ୯୯୩୮୮୦୨୪୧୨

## ଅନନ୍ୟା
### ରବି କୁମାର ମହାନ୍ତି



ସିଏ ଯେତିକି ଦିଶେ ଉପରକୁ
ତା ଠୁଁ ଢେର୍ ବେଶୀ
ଲୁଚି ଥାଏ ଭିତରେ
କାହା ଦାୟରେ , କାହା କଥାରେ
ସିଏ ଏକା ଜାଣେ
ଯେତିକି କୁହା ଯାଇଥାଏ ତା କଥା
ତା ଠୁଁ କାହିଁ କେତେ ତା
ବାଟ ଝୁଣ୍ଟା ପ୍ରସବ ବେଦନା
ଛପି ଥାଏ ତା ନମ୍ର ଛାତି କୋଣେ

ମେଘ ଉଠେଇଲେ ଆକାଶରେ
ସିଏ ପ୍ରଲୁ ହୁଏ ସିନା
ମୃଦୁ ମାଦକତାରେ ,
ତା ଅନେକ ଆଗରୁ ତ
ବତୁରି ଯାଇଥାଏ ସେ
କେତେ ସହସ୍ର ବାର
କାହା ଶ୍ରଦ୍ଧା ଓ ବିଶ୍ୱାସକୁ ଗଜୁରେଇବା ପାଇଁ
ତା ଓଦା ଆଖି ପଚାରେ
କିଏ ଦେଖେ ଏ ମହା ଯାଗତିକ ମାୟାର
କରୁଣ ଚିତ୍ରକୁ
କିଏ ନଦେଖିବାର ପଣରେ
ମିଛଟାରେ ମହୀୟାନ ବୋଲି ତାକୁ
ଜଗତ ଜୀତାର ମୁକୁଟ ପିନ୍ଧାଏ
ତା ଆଭୂମ ମଥାରେ

ଯେତିକି ତା ଛବିର ଦୃଶ୍ୟ ସମ୍ଭାର
ବିଜୁଳିର ସମ
ଦିଶି ଯାଏ ପ୍ରତିଟି ଅନାସକ୍ତ
ଉଦାର ସକାଳେ
ସେତିକି କଣ ଯଥେଷ୍ଟ ଗୋଟେ
ମହାନ୍ ମହାକାବ୍ୟର ଆଦ୍ୟ ପର୍ବ ପାଇଁ ?
ଯେଉଁ ବେଦନାକ୍ତ ହସ ଧାରେ
ନହସି ପଡେ ତା
କଅଁଳ ଓଠରେ , କେଉଁ ବର୍ଷା ରାତି
ପାହାନ୍ତି ବେଳରେ
ସେତିକିରେ କଣ ଲେଖି ହୁଏ ସେ
ଇଚ୍ଛାମତୀ ଦେବୀଟିଏ ଅବା
ଇର୍ଷା ଉଲ୍ଲାସୀ ନଇଟେ କି ନାହିଁ ?

ପବନ ବହିଲେ ପତ୍ର ମାନେ ଗୀତ ଗାଆନ୍ତି
ଲାଜରେ
ଏକଥା ସଭିଏଁ ଜାଣନ୍ତି
ମହାକାଳର ଇଶାରାରେ ମଳୟ ବହିଲେ ବି
ପ୍ରଳୟ ପୟୋଧି ଜଳେ
ପଦ୍ମ ପାଖୁଡାଟେ କାହୁଁ ଭାସି ଆସେ ବୋଲି
ସଭିଏଁ କହନ୍ତି
ଖରା ଆସି ହାତ ଧରି ଡ଼ାକିଲେ
ଅଙ୍କୁରିତ ନୁଆ ବୀଜ

ସରାଗ ରେ ଖେଳେ ବୋଲି
ମାଟି ଅଗଣାରେ
ସଭିଏଁ ଦେଖନ୍ତି
ଅଥଚ ସିଏ କେବେ ଅନ୍ତସତ୍ତ୍ୱା ହେଲେ
କାହା ଅଭିଶାପର ନିର୍ଦ୍ଦୟ ଭ୍ରୂଣରେ
ତାକୁ
ଯୁଗ ଅବା ଯାତନାର ସାଦା କାଗଜରେ
ପଥରେ ପଥ ଅବଳା ବୋଲି
ଲେଖି ଦେଇ
କେହି ନିଜକୁ ମହାନ ମଣନ୍ତି

ତା ବିଳାପ ର ନାଁ ହସ
ତା ତ୍ୟାଗର ନାଁ ମାତୃତ୍ୱ
ତା ଲୁହ ର ନାଁ ସଂସାରର ମାଳତୀ କୁଞ୍ଜରେ
ସୁଖ ର ନିତ୍ୟ ରାହାସ
ଯେତିକି ମାଡେ ସେ,ତା ଠାରୁ
ଢେର ବେଶୀ ଛିଡେ
ଅନନ୍ୟା ସେ
ଲୋଡ଼ିବା ପଣ ଠୁଁ ଖୁବ୍ ବେଶୀ
ନିଜ ଭିତରେ ଏକୁଟିଆ ଥାଏ ସେ
କିଏ ଶୁଣେ,
କିଏ ତା ଦରଦୀ ବ୍ୟଥାର ଅସ୍ପଷ୍ଟ ଗୁଞ୍ଜନ କୁ
ମାଟିରେ ମମତାର ଉତ୍ତରଣ ବୋଲି
ଅମୃତର ମହାମନ୍ତ୍ର ସୁରେ
ସମର୍ପି ଦିଏ ନିଜକୁ
ତା ଅଦୃଶ୍ୟ ଚରଣେ

+ ମାତୃନୀଡ
କମାରିଆ, ଭଦ୍ରକ
ମୋ : ୭୦୬୪୭୭୮୨୪୭

## ବିଧର୍ମୀ
### ଗଜାନନ ମିଶ୍ର

ହଁ କହିପାର,
ବିଧର୍ମୀ ମତେ !

ଆକାଶକୁ ମାନିଛି
ମୁଁ ମୋର ଇଷ୍ଟ।
ମାଟି ଯେପରି ମୋର
ମାତାଙ୍କ କୋଳ !

ନାଇଁ କିଛି ଦୁଃଖ,
ସୁଖୀ ମୁଁ ପବନ ସହିତ,
ସୁଖୀ ମୁଁ ସୂର୍ଯ୍ୟଙ୍କ ନୂଆ ରଶ୍ମିରେ।

ପାଣି, ପାଣି ହୋଇ
ବହିଯିବାକୁ ଚାହେଁ ମୁଁ
ପାହାଡରେ ପଡିଆରେ।

ମୋର ମୁଁ ଅଛି
ଗଛ ହୋଇ ଘାସ ହୋଇ।

+ତପୋବନ, ଟିଟିଲାଗଡ, ବଲାଙ୍ଗିର
ମୋ: ୯୪୩୭୩୬୬୬୪୪

## ଭିଟା ମାଟି
### କ୍ଷଣପ୍ରଭା ମହାନ୍ତି



ମୋ ଗାଁ ମଝିରେ କାହିଁ କେତେ କାଳୁ
ଚାହିଁ ରହିଚି ମୋ ପ୍ରିୟ ଭିଟା ମାଟି ।
ମୋ ବୋଉର ଗୋବର ଲିପା ଅଗଣାରେ
ପାଦ ଥାପି ଦିଅନ୍ତି ମହାମାୟୀ ଲକ୍ଷ୍ମୀ ।

ଏଠି ନିତି ଶୁଭେ ଜୀବନ ଭଗ୍ନାଂଶର ଓଁକାର,
ମୋ ଛଣ ଛପର କୁଡ଼ିଆରୁ
ନିତି ଓହ୍ଲାଇ ଥାଏ ସକାଳ।

ମୋ ଭିଟା ମାଟିରେ ଥିବା ଗଛ ସବୁ
ପାଲଟି ଯାଆନ୍ତି ମନ୍ତ୍ର ମଗ୍ନ ଋଷି,
ଏଠି ଲେସି ହୋଇ ଅଛି ପିଢ଼ି ପିଢ଼ି ଖୁସି।

ସେ ମୋ ଶୈଶବ, କୈଶୋର, ଯୌବନର
ମୂକ ସାକ୍ଷୀ, ମୋ ପିତୃ ପୁରୁଷଙ୍କ
ଅବ୍ୟକ୍ତ ଆସକ୍ତି ।

ଏଠି ଅଛି ମାଟି ଓ ମମତାର ମହାର୍ଘ୍ୟ
ଆକର୍ଷଣ, ଶିଖାଇଥିଲା ମୋତେ ମାତୃଭୂମିର
ପ୍ରୀତି, ଆଉ ଅଗାଧ ଆଗ୍ରହ।

ସାଇତି ଅଛି କାହିଁ କେତେ ପିଢ଼ିର ଆଶୀର୍ବାଦ,
ମୋ ବାପା ଆଉ ଜେଜେ ବାପାଙ୍କ
ଥାକ ଥାକ ବିଶ୍ୱାସ ପୋଥି
ମୋ ଭିଟା ମାଟି।

ଏଠି ବାଟ ଭାଙ୍ଗି ବାହୁଡ଼ି ଯାଆନ୍ତି
ଅଭେଦ୍ୟ ଅହଙ୍କାର ସବୁ, ପାଦ ଥାପି ଥିଲେ,
ସ୍ନେହ ଓ ସହାନୁଭୂତିର ଦୂତ ସବୁ ।

ମୁଠା ମୁଠା ଯନ୍ତ୍ରଣାକୁ ଗର୍ଭସ୍ଥ କରିଚି
ଅନେକ ଅପାସୋରା ଅସମ୍ପୂର୍ଣ୍ଣ ତାକୁ
ମୁକ୍ତି ଦେଇଚି ମୋ ଭିଟା ମାଟି ।

+ନୀଳାଦ୍ରି ନଗର, ଖଣ୍ଡଗିରି

## ଶେଷ ପାହାଚର ମଣିଷ
### ବୃନ୍ଦାବନ ପ୍ରଧାନ



ଫେରିବାର ଖୁବ୍ ଆଶା ଥିଲେ ବି
ସେ ତ ଫେରିପାରେନି ପଛକୁ
ସେଦିନ ଆସିବ ଆସିବ ଗୋ ସଖି
ଯିବାକୁ ହେବ ମତେ ଆଗକୁ।
କରିଥିବା ଭଲମନ୍ଦ କାମ ସବୁତକ
ଉଙ୍କି ମାରୁଥାଏ ମନ ଭିତରେ
ଏଇ ଜୀବନ କ୍ଷଣିକ ସମୟେ
ସରିଯାଏ କେତେ ଦିନ ଅବା ବର୍ଷରେ।
କେତେ ଆଶା କେତେ କେତେ ଉଦ୍ଦିପନା
କେତେ ପର୍ବ କେତେ ପର୍ବାଣୀ
ଦେଖିଛି ଶୁଣିଛି ନାଟକ କବିତା
ଆଉ ଅନେକ ସୁନ୍ଦର କାହାଣି ।
ମା' ର ପଣତ କାନି ବାପା ପାଖରେ

ଭାଇ ଭଉଣୀର ଅଳି ଅର୍ଦ୍ଦଳି
ସତେ ତ ଏ ମନ କେବେ ବି
ପାରେନା ଭୁଲି ଗୋ ପାରେନା ଭୁଲି।
ସ୍ତ୍ରୀ, ପୁଅ, ଝିଅ, ନାତିନାତୁଣୀ
ସବୁ ମାୟା ମୋହ ଏ ସଂସାର
ଛାଡ଼ିବାକୁ ହେବତ ଦିନେ ନା ଦିନେ
ସତେ ଛାତିରେ ରଖି ପଥର ।

+ବାଉଲସିଂହା, ଭଟଲି, ବରଗଡ଼

## ଏଇତ ଜୀବନ
### ଜେନା ପ୍ରଦୀପ



ଜୀବନ ବାଟରେ ପଡୁଥାଏ କେବେ
ନିଦାଘର ନିଆଁ ଝରି
କାଳବୈଶାଖୀ ଆସି ସେ ତାତିକୁ
ଦିଏ ଉପଶମ କରି।

କେତେବେଳେ ଆମ ଜୀବନ ଯାତ୍ରା
ଶୁଷ୍କ ନିରସ ଲାଗେ
ସେଇ ଯାତ୍ରାରେ କେବେ ଏ ମଣିଷ
ଅନେକ ସୁଖ ଭୋଗେ।

ଧରିଣ ଧୈର୍ଯ୍ୟ କରିଲେ କାର୍ଯ୍ୟ
ସଫଳତା ଦିଏ ଧରା
ମହତ ଲକ୍ଷ୍ୟ ରଖଇ ଯେ ଜନ
ହୁଏନାହିଁ ଦିଗହରା।

ଜୀବନ ସତରେ ହସ ଓ କାନ୍ଦର
ଫେଣ୍ଟାଫେଣ୍ଟି ଏକ ଗପ
ବୁଝି ଏ କଥାକୁ ଚଳିବା ଜୀବନେ
କରିବାନି ମନସ୍ତାପ।

+ ଲକ୍ଷ୍ମୀପାଦ, ପ୍ଲଟ ନଂ ୩ଇ ୧୦୧୮
ସେକ୍ଟର ୧୩, ମର୍କତନଗର(ସିଡିଏ)
କଟକ,
ମୋ - ୯୯୩୮୫୨୦୩୭୧

# ଭାରତୀୟ ମଜଦୁର ସଂଘର ଜିଲ୍ଲା ସମ୍ମିଳନୀ ଓ କାର୍ଯ୍ୟକର୍ତ୍ତା ଚୟନ ସମାବେଶ

ରାଇରଙ୍ଗପୁର, ୮/୦୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ ରାଇରଙ୍ଗପୁର ମ୍ୟୁନିସିପାଲିଟି ପିସିଏମ୍ କଲ୍ୟାଣ ମଣ୍ଡପ ଠାରେ ଭାରତୀୟ ମଜଦୁର ସଂଘ(ବିଏମଏସ)ର ମୟୂରଭଞ୍ଜ ଜିଲ୍ଲା ସମ୍ମିଳନୀ ଓ କାର୍ଯ୍ୟକର୍ତ୍ତା ଚୟନ ସମାବେଶ ଅନୁଷ୍ଠିତ ହୋଇଯାଇଛି । ସଭା ପ୍ରାରମ୍ଭରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯିବା ପରେ ଶ୍ରମିକ ଗୀତ ଗାନ କରାଯାଇଥିଲା । ଏହାପରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ ସରସ୍ୱତୀ ଟୁଡୁ କରିଥିଲା ବେଳେ ମୁଖ୍ୟବକ୍ତା ଭାବେ ମୟୂରଭଞ୍ଜ - କେଉଁଝର ପ୍ରଭାରୀ ଡାକ୍ତର ମହାନ୍ତ, ବିଶିଷ୍ଟ ସମ୍ମାନୀୟ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିଗମାନନ୍ଦ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ମନୋରମା ବେହେରା ଓ ଅଡିଟର ରତିରଂଜନ ବେହେରା ପ୍ରମୁଖ ଯୋଗଦାନ କରିଥିଲେ । ସ୍ତମ୍ଭକାର ଲଳିତ କୁମାର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ । ବି ଏମ୍ ଏସ୍ ର ଜିଲ୍ଲା ସମ୍ପାଦକ ବୋଧି ରଜତ ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ କୋଷାଧ୍ୟକ୍ଷ ନିଳେନ୍ଦ୍ରୀ ପାତ୍ର ବାର୍ଷିକ ଆୟବ୍ୟୟ ହିସାବ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୨୬ଟି ବ୍ଲକରୁ ଅଙ୍ଗନୱାଡି ୱାର୍କର ଓ ସହାୟିକା, ଆଶାକର୍ମୀ, ପାଚିକା, ଖଣିଖାଦନ, ଶିଳ୍ପ, ଅସଂଗଠିତ କ୍ଷେତ୍ରର ଶ୍ରମିକ, କୃଷିଶ୍ରମିକ ମାନଙ୍କର ବିଭିନ୍ନ ସମସ୍ୟାକୁ ଗତିଶୀଳ କରିବା ନିମନ୍ତେ ଭାରତୀୟ ମଜଦୁର ସଂଘ ଏକମାତ୍ର ଅଣରାଜନୈତିକ ଶ୍ରମିକ ସଂଗଠନ, ଯିଏ କି ସମାଜର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବ୍ୟକ୍ତି ଠାରୁ ଆରମ୍ଭ କରି ସବୁ ଶ୍ରେଣୀ ବର୍ଗ ପାଇଁ ନିସ୍ୱାର୍ଥପର ଭାବେ କାର୍ଯ୍ୟ କରିଥାଏ ବୋଲି ମୁଖ୍ୟବକ୍ତା କହିଥିଲେ । ଆଗାମୀ ମାସରେ ଅଙ୍ଗନୱାଡି ଓ ଆଶାକର୍ମୀଙ୍କର ଜିଲ୍ଲା ସମ୍ମିଳନୀ କରିବାର ନିଷ୍ପତ୍ତି ଗ୍ରହଣ କରାଯାଇ ତାରିଖ ଧାର୍ଯ୍ୟ କରିବେ ବୋଲି ଆଲୋଚନା ହୋଇଥିଲା । ଜିଲ୍ଲାରେ ଲୁହାଖଣି, ବିଦ୍ୟୁତ୍ ଶ୍ରମିକ, ଭୂମି, ସମସ୍ତ ଭିତ୍ତିଭୂମି ଥାଇ ମଧ୍ୟ ବୃହତ ଶିଳ୍ପ କରିବାର ପ୍ରବଳ ଦାବୀ ସହ ରେଲୱେ କାର୍ଯ୍ୟକୁ ତ୍ୱରାନିତ କରି କେଉଁଝରେ ଓ ବାଙ୍ଗିରିପୋଷି ସହ ଯୋଡିବା କାର୍ଯ୍ୟ ଖୁବ୍ ଶିଘ୍ର କରିବାକୁ ଦାବୀ ହୁଏ । ରାଇରଙ୍ଗପୁରକୁ ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପାଇଁ ମଧ୍ୟ ଦାବୀ ହୁଏ । ଏ ସମସ୍ତ ଦାବୀ ପୂରଣ ହେଲେ ମୟୂରଭଞ୍ଜର ଅର୍ଥନୈତିକ ଉନ୍ନତି ସାଧିତ ହୋଇପାରିବ ବୋଲି ଶ୍ରମିକ ନେତା ନିଗମାନନ୍ଦ ବକ୍ତବ୍ୟ ରଖିଥିଲେ । ପ୍ରତ୍ୟେକ ବ୍ଲକର ବିଏମ୍ ଏସ୍ କମିଟୀ ଗଠନ କରାଯାଇ ସମସ୍ତ ସଂଗଠନର କାମକୁ କିପରି ଭଲଭାବେ କାର୍ଯ୍ୟ ହେବ, ସେନେଇ ଯୋଜନା କରାଯାଇଛି । ଜିଲ୍ଲାର ସମସ୍ତ କର୍ମକର୍ତ୍ତାଙ୍କୁ ବିଭିନ୍ନ ବ୍ଲକ ପ୍ରଭାରୀ ଦାୟିତ୍ୱ ମଧ୍ୟ ଦିଆଯାଇଛି । ସଭାକାର୍ଯ୍ୟ ପରେ ନୂତନ କାର୍ଯ୍ୟକର୍ତ୍ତାଙ୍କ ନାମ ବି ଏମ୍ ଏସ୍ ରାଜ୍ୟ ଉପସଭାପତି ଡାକ୍ତର ମହାନ୍ତ ଘୋଷଣା କରିଥିଲେ କ୍ଷ। ସେମାନେ ହେଲେ ଉପଦେଷ୍ଟା ହେମଲତା ମିଶ୍ର ଓ ସରସ୍ୱତୀ ଟୁଡୁ, ସଭାପତି ବୋଧିରଜତ ମହାନ୍ତ, କାର୍ଯ୍ୟକାରୀ ସଭାପତି ରବି ନାରାୟଣ ମିଶ୍ର, ଉପସଭାପତି ରିନା ରଥ (କରଂଜିଆ), ଲଳିତା ବିନ୍ଧାଣୀ (ରାଇରଙ୍ଗପୁର) (ନିର୍ମାଣ ଶ୍ରମିକ), ଚିତ୍ତ ରଂଜନ ମୁଖୀ (ଉଦଳା), ସୁକାନ୍ତି ସାହୁ (ବାରିପଦା), ସଂଗଠନ ସଂପାଦକ ନିଗମାନନ୍ଦ ପଟ୍ଟନାୟକ, ସହ ସଂଗଠନ ସଂପାଦକ କୂଳ ତିଳକ ମହାନ୍ତ (ବାରିପଦା), ସପାଦକ ମେଘରାୟ ମେଘରାୟ ମାର୍ଣ୍ଡି, ସହସଂପାଦକ ଆରତୀ ସୋରେନ (ଉଦଳକ୍ଷ), ଦେବାଶିଷ ନାଏକ (ବାରିପଦା), ବିଣାପାଣୀ ଗାଗରାଇ (ରାଇରଙ୍ଗପୁର), ସୁକାନ୍ତି ପାତ୍ର (ରାଇରଙ୍ଗପୁର), ଅଡିଟର ରତି ରଂଜନ ବେହେରା, କୋଷାଧ୍ୟକ୍ଷ ନିଳେନ୍ଦ୍ରି ପାତ୍ର, କାର୍ଯ୍ୟାଳୟ ସଂପାଦକ ଜୟନ୍ତ କୁମାର ବେହେରା, ମିଡିଆ ପ୍ରମୁଖ ଶ୍ୟାମଳେନ୍ଦୁ ପରିଡା (ରାଇରଙ୍ଗପୁର) ତଥା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଅଲେଖ ସେଠୀ, ନବୀନ ବେହେରା, ଅନୁପମା ଦାସ, ସୁମନ କୁମାର ମହାନ୍ତ, ମନୋରମା ବେହେରା ଓ ସଲମା ହେମ୍ବ୍ରମ ପ୍ରମୁଖଙ୍କୁ ଚୟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୨୬ ଟି ବ୍ଲକ୍ ରୁ ବିଭିନ୍ନ ସଂଗଠନରୁ ୨ ଶହରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥାଇ ସର୍ବଶେଷରେ ମନ୍ଦିରରୁ ଆସିଥିବା ପ୍ରସାଦ ସେବନ କରିଥିଲେ । ଏଥିରେ ମେଘରାୟ ମାର୍ଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ । ସଭାକାର୍ଯ୍ୟ ଶେଷରେ ରାଇରଙ୍ଗପୁର ସହରସ୍ଥ ବିଶିଷ୍ଟ ସାମ୍ବାଦିକ ଭାବେ ତୁଷାରକାନ୍ତ ମହାନ୍ତ, ପ୍ରଦୀପ ମହାନ୍ତ, ପ୍ରସନ୍ନ କୁମାର ଷଡଙ୍ଗୀ, ଉତ୍ତମ ରାମ ଓ ଶ୍ୟାମଳେନ୍ଦୁ ପରିଡାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ବ୍ୟତୀତ ୨୬ଟି ବ୍ଲକ ଓ ୪ଟି ମ୍ୟୁନିସିପାଲଟି, ଏନ ଏ ସି ରେ ୩୦ ଜଣ ପ୍ରଭାରୀ ନିଯୁକ୍ତି ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଲିଟୁ ମହାନ୍ତ, ଗଙ୍ଗା ଚରଣ ଦିଗି, ଝୋଶକେତନ ମହାନ୍ତ ଓ ସଂଗଠନ ମିଡିଆ ପ୍ରମୁଖ ଶ୍ୟାମଳେନ୍ଦୁ ପରିଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବଲାଙ୍ଗୀରରେ ଅଧ୍ୟାପକ ମଂଚ ଗଠିତ: ସୁରେଶ ଚନ୍ଦ୍ର ଷଡ଼ଙ୍ଗୀ ସଭାପତି ଓ ରତିକାନ୍ତ ନାଏକ ସଂପାଦକ ମନୋନୀତ

ବଲାଙ୍ଗୀର, ୮/୦୬ (ନି.ପ୍ର): ବଲାଙ୍ଗୀର ସ୍ଥିତ ଯାଦବ ଭବନ ଠାରେ ସନ୍ଧ୍ୟାରେ ପ୍ରାକ୍ତନ ପ୍ରାଧ୍ୟାପକ ରାମ ଶରଣ ହୋତାଙ୍କ ସଭାପତିତ୍ୱରେ ଜିଲ୍ଲାସ୍ତରୀୟ ଅଧ୍ୟାପକ ମଂଚ ଗଠନ ନେଇ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଜିଲ୍ଲାର ସରକାରୀ ମହାବିଦ୍ୟାଳୟ ଯୁକ୍ତ ଦୁଇ, ଯୁକ୍ତ ତିନି, ଅନୁଦାନ ପ୍ରାପ୍ତ ୪୪୮ ବର୍ଗ, ୬୬୨ ବର୍ଗ ତଥା ଅଣ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ସହ ଅବସର ଗ୍ରହଣ କରି ସାରିଥିବା ଅଧ୍ୟାପକ, ଅଧ୍ୟାପିକା ଯୋଗ ଦେଇଥିଲେ । ସାମୁହିକ ଦୃଷ୍ଟିରୁ ଜିଲ୍ଲାରେ ଅବସ୍ଥାପିତ ଅଧ୍ୟାପକ, ଅଧ୍ୟାପିକାଙ୍କ ସମସ୍ୟା ବିଷୟକ ଚର୍ଚ୍ଚା ଆଲୋଚନା ପାଇଁ ପୂର୍ବରୁ ଏଭଳି କୌଣସି ସଂଘ ଗଠିତ ହୋଇ ନଥିବାରୁ ଉକ୍ତ ସଭାରେ ଏକ ନୂତନ ଅଧ୍ୟାପକ ମଂଚ ଗଠନର ରୂପରେଖ ସ୍ଥିରୀକୃତ କରାଯାଇଥିଲା । ଅଧ୍ୟାପକ କବିରାଜ ଭୋଇଙ୍କ ପ୍ରସ୍ତାବ କ୍ରମେ ଡ. ସୁରେଶ ଚନ୍ଦ୍ର ଷଡଙ୍ଗୀ ଙ୍କୁ ସଭାପତି, ଅଧ୍ୟାପକ ନାରାୟଣ ମିଶ୍ର, ଉପ-ସଭାପତି ଅଧ୍ୟାପକ ରତିକାନ୍ତ ନାଏକ ସଂପାଦକ, ପ୍ରମୋଦ କୁମାର ବଡପଣ୍ଡା , ସହ ସଂପାଦକ ଡ. ଜଗନ୍ନାଥ ସାହୁ କୋଷାଧ୍ୟକ୍ଷ ଓ ଛବିଳ ବଗର୍ତ୍ତୀ, କବିରାଜ ଭୋଇ, ରମେଶ ଚନ୍ଦ୍ର ପ୍ରଧାନୀ, ଶିବ ଶଙ୍କର ଉଦ୍ଗାତା, ପୁରୁଷୋତମ ଭଞ୍ଜ, ଦିବାକର ପୋଡ ସଭ୍ୟ ଭାବରେ ମନୋନୀତ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡ. କୌତୁକ ପନ୍ଦର, ରାଧେଶ୍ୟାମ ସିଂ ସେନାପତି, ପ୍ରମୋଦ କୁମାର ବରାଡ଼, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ରମେଶ ଚନ୍ଦ୍ର ସିଂଦେଓ, ଦଧିବାମନ ପଧାନ, ସତ୍ୟ ନାରାୟଣ ବଗର୍ତ୍ତୀ, ହେମନ୍ତ ସାହୁ, ରବିନ୍ଦ୍ର ସେଠ ପ୍ରମୁଖ ଯୋଗ ଦେଇଥିଲେ।

# ଶୀତଳ ଷଷ୍ଠୀ ନିମନ୍ତେ ଲୋକନାଥେଶ୍ୱରଙ୍କ ନିର୍ବନ୍ଧ ସମ୍ପନ୍ନ

ଭୁବନ, ୮/୦୬ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ଭୁଷଳ ଗ୍ରାମର ଲୋକନାଥେଶ୍ୱର ମହାଦେବ ଓ ଦେବୀ ପାର୍ବତୀଙ୍କ ବିବାହ ଉତ୍ସବ ଶୀତଳ ଷଷ୍ଠୀ ଉପଲକ୍ଷେ ପତରପେଣ୍ଡି ବା ନିର୍ବନ୍ଧ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଅରବିନ୍ଦ ପାଣିଗ୍ରାହୀ ଓ ପୁଷ୍ପିତା ପାଣିଗ୍ରାହୀ ବର ପିତା, ମାତା ସାଜିଥିଲେ ଓ ନିର୍ବନ୍ଧ ସାମଗ୍ରୀକୁ ମନ୍ଦିର ପରିସରକୁ ଅଣାଯାଇଥିଲା । ରୋଷ ପଟୁଆରରେ ସାମଗ୍ରୀକୁ କନ୍ୟା ଘର ମାନସ ରଞ୍ଜନ ପଣ୍ଡା ଓ ମଧୁସ୍ମିତା ପଣ୍ଡାଙ୍କ ଘରକୁ ନିଆଯାଇଥିଲା । ସେଠାରେ ନିର୍ବନ୍ଧ କାର୍ଯ୍ୟ ସମାପନ କରାଯାଇ ନିମନ୍ତ୍ରଣ ପତ୍ର ଲାଗି କରାଯାଇଥିଲା । ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

# ଝାରସୁଗୁଡ଼ାରେ ହେବ ଓୟୁଜେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ: ପ୍ରସ୍ତୁତି ନେଇ ଜିଲ୍ଲା ଶାଖାର ରଣନୀତି

ଝାରସୁଗୁଡ଼ା, ୮/୦୬ (ନି.ପ୍ର): ଓଡ଼ିଶା ସାମ୍ବାଦିକ ୟୁନିୟନ (ଓୟୁଜେ) ଝାରସୁଗୁଡ଼ା ଜିଲ୍ଲା ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର ବ୍ରଜରାଜନଗର ସ୍ଥିତ ଏମସିଏଲ ଗେଷ୍ଟ ହାଉସରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ଉପନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସଂଗଠନର ସୁଦୃଢ଼ୀକରଣ, ସଦସ୍ୟ ସକ୍ରିୟତା ବୃଦ୍ଧି ଏବଂ ଆଗାମୀ କାର୍ଯ୍ୟପନ୍ଥା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ବୈଠକରେ ଗୃହୀତ ମୁଖ୍ୟ ନିଷ୍ପତି ଅନୁଯାୟୀ, ଆସନ୍ତା ଅଗଷ୍ଟ ୧୫ରୁ ୩୦ ତାରିଖ ମଧ୍ୟରେ ଝାରସୁଗୁଡ଼ାସ୍ଥିତ ନବ ଦାସ ଅଡିଟୋରିୟମ୍ ରେ ଓୟୁଜେର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଆୟୋଜନ କରାଯିବ । ଦୁଇ ଦିନିଆ ଏହି କାର୍ଯ୍ୟକ୍ରମକୁ ସଫଳ ଭାବେ ସମ୍ପନ୍ନ କରିବା ପାଇଁ ସମସ୍ତ ସଦସ୍ୟ ସର୍ବସମ୍ମତି କ୍ରମେ ମତ ପ୍ରକାଶ କରିଥିଲେ । ଏହି ସମ୍ପର୍କରେ ରାଜ୍ୟ କମିଟିକୁ ବିଧିବଦ୍ଧ ଭାବେ ଅବଗତ କରାଯିବ ବୋଲି ନିଷ୍ପତି ହୋଇଛି । ଜିଲ୍ଲା ସାଧାରଣ ସମ୍ପାଦକ ଭରତ ପାତ୍ର ସଙ୍ଗଠନର ବିଭିନ୍ନ ସମସ୍ୟା, କାର୍ଯ୍ୟକଳାପ ଓ ଭବିଷ୍ୟତ ଯୋଜନା ସମ୍ପର୍କରେ ବିସ୍ତୃତ ସୂଚନା ଉପସ୍ଥାପନ କରିଥିଲେ । ସଙ୍ଗଠନକୁ ଅଧିକ ସକ୍ରିୟ ଓ ଶକ୍ତିଶାଳୀ କରିବା ଉପରେ ବୈଠକରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ପ୍ରାରମ୍ଭରେ ସଦସ୍ୟ ପ୍ୟାରିଲାଲ ଶ୍ରୀବାସ୍ତବ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ଅଜୟ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

# ଅବିଭକ୍ତ କୋରାପୁଟ ଜିଲ୍ଲାରେ ବଢୁଛି ଅନ୍‌ଲାଇନ୍ ଜୁଆ ଖେଳ: ସଚେତନତା ଜରୁରୀ

ଜୟପୁର, ୮/୦୬ (ନି.ପ୍ର): ଅବିଭକ୍ତ କୋରାପୁଟ ଜିଲାରେ ଅନ୍ ଲାଇନ୍ ଗେମ୍ ପିଲାଠାରୁ ବୁଢ଼ାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପାଗଳ କରିଛି । ଅନ୍ ଲାଇନ ଖେଳ ଆକୃଷ୍ଟ କରୁଛି । ଅନ ଲାଇନ ଜୁଆ ଖେଳ ହାରି କୋରାପୁଟର ଜଣେ ଯୁବକ ମୃତ୍ୟୁବରଣ କରିଥିବା ଜଣାଯାଇଛି । ବର୍ତ୍ତମାନ ଖରା ଛୁଟି ଥିବାରୁ ମୋବାଇଲ ବ୍ୟବହାର ବଢିଛି । କଂପ୍ୟୁଟର ବା ମୋବାଇଲରେ ଖେଳାଯାଉଥିବା ଯେ କୌଣସି ଖେଳ ଯେ ଜୁଆଠାରୁ କୌଣସି ଗୁଣରେ କମ୍ ନୁହେଁ ଏକଥା ସମସ୍ତ ଜାଣନ୍ତି; ମାତ୍ର ଖେଳୁଛନ୍ତି । ପ୍ରଯୁକ୍ତିବିଦ୍ୟା ଆମ ଜୀବନକୁ ବହୁତ ସହଜ କରିଦେଇଛି ; କିନ୍ତୁ ପ୍ରଯୁକ୍ତିର ସୁଫଳ ତୁଳନାରେ ଏହାର ବିପରୀତ ଫଳ ଆମକୁ ଅଧିକ ବିପଦରେ ପକାଉଛି । ଅନ୍ ଲାଇନ ଗେମ୍ ଗୁଡ଼ିକ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟାର ଏମିତି କଳା ଦୁନିଆ ଯାହା ପ୍ରଥମେ ଆମର ଯୁବପିଢିଙ୍କ ଗଳାରେ ଫାଶ ହୋଇଥିଲା । ଏବେ ଏହା ସମାଜର ସବୁବର୍ଗର ଲୋକଙ୍କୁ ନିଜର ଅକ୍ତିଆରକୁ ନେଲାଣି । ପ୍ରାରମ୍ଭରେ ଏହି ଖେଳଗୁଡ଼ିକ କେବଳ ମନୋରଞ୍ଜନ ପାଇଁ ଖେଳାଯାଏ; କିନ୍ତୁ ଏହା ଧୀରେ ଧୀରେ ଏକ ନିଶାରେ ପରିଣତ ହୁଏ । ପିଲା ଏବଂ ଯୁବକମାନେ ଦିନରାତି ମୋବାଇଲ୍ କିମ୍ବା କମ୍ପ୍ୟୁଟରରେ ଖେଳ ଖେଳିବାରେ ବ୍ୟସ୍ତ ରହନ୍ତି । ଏହା କେବଳ ସେମାନଙ୍କ ପାଠପଢ଼ା ଓ ବୃତିକୁ ପ୍ରଭାବିତ କରେନାହିଁ, ବରଂ ଏହାଦ୍ୱାରା ସେମାନଙ୍କର ମାନସିକ ଏବଂ ଶାରୀରିକ ସାସ୍ଥ୍ୟ ମଧ ଖରାପ ହେବାକୁ ଲାଗେ । ଅବିଭକ୍ତ କୋରାପୁଟ ଜିଲାର ଗାଁ ଗହଳି ଯୁଆଡେ ଗଲେ ପିଲାମାନେ ମୁହଁ ତଳକୁ କରି ମୋବାଇଲରେ କ'ଣସବୁ କରୁଛନ୍ତି । ଦଳଦଳ ହୋଇ ପିଲାଏ ବସିଥିବେ ମାତ୍ର କେହି କାହା ସହିତ କଥା ହେଉନଥିବେ । ନିଜ ନିଜ ମୋବାଇଲରେ ମୁଣ୍ଡମାଡି ଦେଇଥିବେ । ଏମାନଙ୍କ ମଧ୍ୟରୁ ଅଧିକାଂଶ ଅନ୍ ଲାଇନ୍ ଗେମ୍ ହିଁ ଖେଳିଥାନ୍ତି । ଆଗରୁ ଅନ୍ ଲାଇନ ଖେଳଗୁଡିକରେ ବିଭିନ୍ନ ଚ୍ୟାଲେଞ୍ଜ ମିଳୁଥିଲା ଯାହାକୁ ଖେଳାଳି ସମ୍ମୁଖୀନ ହୋଇ ନିଶାଗ୍ରସ୍ତ ଭାବେ ଖେଳୁଥିଲା । ଏବେ ଏସବୁରେ ଯୋଡି ହୋଇଯାଇଛି ଟଙ୍କା । ଅଧିକାଂଶ ଖେଳରେ ଟଙ୍କା ବିନିଯୋଗ କରି ଖେଳିବାର ବିକଳ୍ପ ଅଛି । ତେବେ ଟଙ୍କା ବିନିଯୋଗ କରି ଖେଳାଯାଉଥିବା ଖେଳଗୁଡିକ ନୂଆ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏମିତି ଖେଳଗୁଡ଼ିକରେ ଅନେକ ଯୁବକ ହଜାର ହଜାର ଟଙ୍କା ହରାଉଛନ୍ତି ଏବଂ ଅନେକ ସମୟରେ ଋଣରେ ବୁଡ଼ିଯାଇ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଉଛନ୍ତି । ଏହି ଖେଳରେ ଜିତି ଲାଭବାନ ହେବା ବ୍ୟକ୍ତିଙ୍କ ପ୍ରତିଶତ ଅତି କମ ହୋଇଥିବା ବେଳେ ଶହଶହ ଯୁବକ ନିଜର ପୁଞ୍ଜି ହରାଇ ଭବିଷ୍ୟତକୁ ଅନ୍ଧକାରକୁ ଠେଲି ଦେଉଛନ୍ତି । ଏହି ଖେଳଗୁଡ଼ିକ ପିଲାମାନଙ୍କୁ ସାମାଜିକ ଜୀବନରୁ ଦୂରେଇ ନେଉଛି । ଅନ୍ ଲାଇନ ଗେମ୍ ରେ ବୁଡ଼ି ରହୁଥିବା ପିଲାଏ ଘର ପରିବାର ଲୋକଙ୍କ ସହ ମିଶନ୍ତି ନାହିଁ, ସମାଜରେ କ'ଣ ଘଟୁଛି ସେଥିରେ ସେମାନଙ୍କ ରୁଚି ନଥାଏ, ସେମାନେ ଏକାକୀତ୍ୱର ଶିକାର ହୁଅନ୍ତି ଏବଂ ମାନସିକ ଚାପ ମଧ୍ୟରେ ରହିଥାନ୍ତି । ମନସ୍ତତ୍ୱବିତ୍ ମାନଙ୍କ ମତରେ ଅନ୍ ଲାଇନ ଗେମ୍ ଏକ ଅଦୃଶ୍ୟ ନିଶା । ଏହି ନିଶା ଡ୍ରଗ ଠାରୁ ମଧ ମାରାତ୍ମକ । କାରଣ ଏଥିରୁ ବାହାରିବା ସହଜ ନୁହେଁ । ଆଉ ଏକ ଗୁରୁତର ବିଷୟ ହେଲା ଏହି ଗେମ୍ ରେ ପ୍ରାୟତଃ ପିଲାମାନେ ହାରିଥାନ୍ତି ଓ ନିଜର ଅର୍ଥ, ସମୟ ଓ ମାନସିକ ଶାନ୍ତି ହରାଇଥାନ୍ତି । ହେଲେ ଏ କଥା ସେମାନେ କାହା ଆଗରେ କହିନଥାନ୍ତି । ଏମିତିକି ଲକ୍ଷ ଲକ୍ଷ ଟଙ୍କା ହାରି ଥାନ୍ତି । ସେମାନଙ୍କର ଏହି ନୀରବତାର ସୁଯୋଗ ନେଇ ଅନ୍ ଲାଇନରେ ବେଆଇନ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି । ଗେମିଂ ଆପ୍ ଚଳାଉଥିବା କମ୍ପାନୀଗୁଡ଼ିକ ପ୍ରଥମେ ଯୁବପିଢ଼ିଙ୍କୁ ଜିତିବାର ପ୍ରତିଶ୍ରୁତି ଦେଇ ପ୍ରଲୋଭିତ କରନ୍ତି । କିଛି ମନସ୍ତତ୍ୱବିତ୍ ଙ୍କ ମତରେ ଏହି ଖେଳଗୁଡ଼ିକ ଏକ ନିଶା ପରି କାମ କରେ । ଟିକିଏ ଜିତିବା ଦ୍ୱାରା ପ୍ରାରମ୍ଭରେ ଜଣେ ବ୍ୟକ୍ତିଙ୍କ ମସ୍ତିଷ୍କରେ ଏକ ବିଶେଷ ପ୍ରକାରର ହରମୋନ ସୃଷ୍ଟି ହୁଏ ଯାହା ତାଙ୍କୁ ବାରମ୍ବାର ଖେଳିବାକୁ ପ୍ରେରଣା ଦିଏ । ପରେ ଏମିତି ଗୋଟେ ଅବସ୍ଥା ଆସେ ଯେତେବେଳେ ପିଲାଟି ଖେଳରୁ କୌଣ ସି ଆନନ୍ଦ ପାଉନଥିଲେ ବି ନିଶାଗ୍ରସ୍ତ ହୋଇ ଖେଳିଥାଏ । ତେଣୁ ପ୍ରଶାସନ ତରଫରୁ କଲେଜ, ବିଦ୍ୟାଳୟରେ ସେଚେତନତା କଲେ ଏହାକୁ କମାଯାଇ ପାରିବ ବୋଲି ମତ ପ୍ରକାଶ ପାଇଛି ।

# ମହିଳା ଅସ୍ମିତା ସାଇକେଲ ଲିଗ୍ ଅନୁଷ୍ଠିତ

ଭଦ୍ରକ, ୮/୦୬ (ନି.ପ୍ର): ଭଦ୍ରକ ଜିଲ୍ଲା କ୍ରିଡା ସଂଘ ଆନୁକୂଲ୍ୟରେ ମହିଳା ଅସ୍ମିତା ସାଇକେଲ ଲିଗ୍ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗୀତା ଟି ଉପରବାଗୁରାଇ ସ୍ଥିତ ଡଗମୁଣ୍ଡ ରୋଡରେ ୫୬ ଜଣ ମହିଳା ଆଥିଲେଟ୍ ଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ରୂପେ ଡେପୁଟୀ କଲେକ୍ଟର ତଥା କ୍ରିଡା ଅଧିକାରୀ ଦେବଦତ ମହାପାତ୍ର ଯୋଗ ଦେଇ ଖେଳାଳୀ ସହିତ ନିଜେ ସାଇକେଲ ଚଲାଇ , ଖେଳାଳୀ ମାନଙ୍କର ଉତ୍ସାହ ବଢାଇବା ସହିତ ମନକୁ ଦୃଢ କରିଥିଲେ । ପରିଶେଷରେ ବିଭିନ୍ନ ବର୍ଗରେ ବିଜୟୀ ହୋଇଥିବା ଆଥଲେଟ୍ ମାନଙ୍କୁ ପଦକ ଓ ମାନପତ୍ର ପ୍ରଦାନ କରିଥିଲେ । ଏଥି ନିମନ୍ତ ଭଦ୍ରକ ଜିଲ୍ଲା କ୍ରିଡା ସଂଘ ର ସଂପାଦକ ଧିରେନ୍ ପଲାଇ ସହ ସଂପାଦକ ଅତିଶ ବେହେରା ଶୁଭେଚ୍ଛା ଜଣାଇବା ସହିତ ଶୁଭକାମନା କରିଥିଲେ । ଏହି ପ୍ରତିଯୋଗିତାଟି ସଂଗ୍ରାମୀ ଦେବୀଦତ ନାୟକ , ରବି ନାରାୟଣ ଓଝା ,ରାଜେଶ କୁମାର ନାୟକ ,ମନୋଜ କୁମାର ସାହୁ , ଅସିତ ଦାସ , ସୂର୍ଯ୍ୟକାନ୍ତ ରାଉଳ ,ଅଶ୍ୱିନୀ ନାୟକ, ଦିପେଶ ନାୟକଙ୍କ ତତ୍ୱାବଧାନରେ ସମାପ୍ତ ହୋଇଥିଲା ।

# ସ୍କୁଲ ପିଲାଙ୍କ କ୍ଲାସରୁମରେ ଏବେ ନିର୍ବାଚନ ପାଠଶାଳା: ମାଲକାନଗିରିରେ ଭୋଟରଙ୍କୁ ସଚେତନ କରୁଛି ଜିଲ୍ଲା ପ୍ରଶାସନ

ମାଲକାନଗିରି, ୮/୦୬ (ନି.ପ୍ର): ଆଗାମୀ ନିର୍ବାଚନକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ମାରାଥନ ପ୍ରସ୍ତୁତି ଆରମ୍ଭ ହୋଇଛି । ଆଜି ଜିଲ୍ଲାର ବିଭିନ୍ନ ବ୍ଲକରେ ବଡ଼ ଧରଣର ସମୀକ୍ଷା ବୈଠକ ସହ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୧୪୭-ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ତଥା ଇଆରଓ ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ମାଥିଲି ବ୍ଲକ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା । ଏଥିରେ ଭୋଟର ତାଲିକାଭୁକ୍ତ ଫର୍ମ ବଂଟନ ଓ ସ୍ପେଶାଲ ଇନଫରମେସନ ରେଜିଷ୍ଟ୍ରେସନ ର ଅଗ୍ରଗତି ସମୀକ୍ଷା କରାଯିବା ସହ କ୍ଷେତ୍ର କର୍ମଚାରୀଙ୍କ ସମସ୍ତ ସନ୍ଦେହ ଦୂର ପାଇଁ ଏକ ଡ଼ାଉଟ୍ କ୍ଲିଓର ସେସନ୍ କରାଯାଇଥିଲା । ଏହି ବୈଠକରେ ମାଥିଲି ବିଡିଓ, ସହକାରୀ ଜିଲ୍ଲାପାଳ ନିର୍ବାଚନ ଓ ନୋଡାଲ ଅଫିସରମାନେ ସାମିଲ ଥିଲେ । ଅନ୍ୟପଟେ ଚିତ୍ରକୋଣ୍ଡା ବ୍ଲକରେ ନିର୍ବାଚନ କାର୍ଯ୍ୟରେ ଅବହେଳାକୁ ବରଦାସ୍ତ କରାଯାଇନାହିଁ । ଯେଉଁ ବୁଥ ସ୍ତରୀୟ ଅଧିକାରୀ ଏବଂ ସୁପରଭାଇଜର ମାନଙ୍କର ପ୍ରଦର୍ଶନ ୫୦ ପ୍ରତିଶତରୁ କମ୍ ରହିଥିଲା, ସେମାନଙ୍କୁ ନେଇ ଚିତ୍ରକୋଣ୍ଡା ବିଡିଓ, ତହସିଲଦାର ଏବଂ ଅତିରିକ୍ତ ତହସିଲଦାର ଏକ କଡ଼ା ଆଭିମୁଖ୍ୟ ସହ ସମୀକ୍ଷା କରିଛନ୍ତି ଏବଂ କାର୍ଯ୍ୟରେ ତୁରନ୍ତ ସୁଧାର ଆଣିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । ଭୋଟରମାନଙ୍କୁ ସଚେତନ କରିବା ପାଇଁ ୧୪୬-ମାଲକାନଗିରି ନିର୍ବାଚନ ମଣ୍ଡଳୀର ଉପ ଜିଲ୍ଲାପାଳ ତଥା ଇଆରଓ ସ୍ୱୟଂ ମଇଦାନକୁ ଓହ୍ଲାଇଛନ୍ତି । ଆଜି ମାଲକାନଗିରିର ଏକ୍ସ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ବି.ବି.ଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଚୁନାବ ପାଠଶାଳା ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ଭୋଟର ପଞ୍ଜୀକରଣ ଏବଂ ଗଣତନ୍ତ୍ରରେ ସେମାନଙ୍କ ଅଧିକାର ବିଷୟରେ ଶିକ୍ଷା ଦିଆଯାଇଛି ।

# ଜୁନ୍ ୧୨ରୁ ଆରମ୍ଭ ହେବ ଏମ୍‌ସିଏଲ - ବିଏମ୍‌ଆର୍‌ସି କାର୍ଡିଆକ କେୟାର ହସ୍ପିଟାଲର ଓପିଡି: ସ୍ଥିତି ସମୀକ୍ଷା କଲେ ଜିଲ୍ଲାପାଳ

ଝାରସୁଗୁଡା, ୮/୦୬ (ନି.ପ୍ର): ଆସନ୍ତା ଜୁନ୍ ୧୨ ତାରିଖରୁ ଏମ୍ ସି ଏଲ - ବି ଏମ୍ ଆର୍ ସି କାର୍ଡିଆକ କେୟାର ହସ୍ପିଟାଲର ବର୍ହିବିଭାଗ ସେବା କାର୍ଯ୍ୟକ୍ଷମ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ହସ୍ପିଟାଲ ପରିସର ଗସ୍ତ କରି ଚାଲୁ ରହିଥିବା ବିଭିନ୍ନ ନିର୍ମାଣ ଓ ଆନୁଷଙ୍ଗିକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ତଦାରଖ କରିଛନ୍ତି । ହସ୍ପିଟାଲକୁ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଉଛି । ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ହସ୍ପିଟାଲର ବିଭିନ୍ନ ୱାର୍ଡ, ଓପିଡି କାଉଂଟର ଏବଂ ଚିକିତ୍ସା ଉପକରଣ ସ୍ଥାପନ କାର୍ଯ୍ୟର ସମୀକ୍ଷା କରିବା ସହ ଏହାକୁ ଆହୁରି ତ୍ୱରାନ୍ୱିତ କରିବାକୁ କହିଛନ୍ତି । ସ୍ୱାସ୍ଥ୍ୟ ସେବା ଯେପରି ସୁରୁଖୁରୁରେ ଆରମ୍ଭ ହୋଇପାରିବ, ସେଥିପାଇଁ ବିଭିନ୍ନ ବିଭାଗ ମଧ୍ୟରେ ଉତମ ସମନ୍ୱୟ ରକ୍ଷା କରିବାକୁ ସେ ଗୁରୁତ୍ୱ ଦେଇଛନ୍ତି । ଏହି ଅତ୍ୟାଧୁନିକ ହସ୍ପିଟାଲ ଆରମ୍ଭ ହେବା ଦ୍ୱାରା ସ୍ଥାନୀୟ ଅଂଚଳର ହୃଦରୋଗୀମାନେ ବିଶେଷ ଭାବେ ଉପକୃତ ହୋଇପାରିବେ । ଏହି ଗସ୍ତ ସମୟରେ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ।

# ଭଦ୍ରକରେ ଜଳବାୟୁ-ସହନଶୀଳ ୱାସ୍ ପଦକ୍ଷେପ ଉପରେ ଶିକ୍ଷଣ ଓ ଅନୁଭୂତି ବିନିମୟ କର୍ମଶାଳା

ଭଦ୍ରକ, ୮/୦୬ (ନି.ପ୍ର): ଜଳବାୟୁ ପରିବର୍ତନ ଓ ପ୍ରାକୃତିକ ବିପର୍ଯ୍ୟୟ ପରିପ୍ରେକ୍ଷୀରେ ଜଳ, ପରିମଳ ଓ ସ୍ୱଚ୍ଛତା (ୱାସ୍) ବ୍ୟବସ୍ଥାକୁ ଅଧିକ ସହନଶୀଳ ଓ ସ୍ଥାୟୀ କରିବା ଉଦ୍ଦେଶ୍ୟରେ ୱାଟରଏଡ୍ ଇଣ୍ଡିଆ ପକ୍ଷରୁ ହରିଶ ଏବଂ ବିନା ଶାହା ଫାଉଣ୍ଡେସନ୍‌ର ସହଯୋଗରେ ଭଦ୍ରକରେ ଏକ "ଜଳବାୟୁ-ସହନଶୀଳ ୱାସ୍ ପଦକ୍ଷେପ ଉପରେ ଶିକ୍ଷଣ ଓ ଅନୁଭୂତି ବିନିମୟ କର୍ମଶାଳା" ଆୟୋଜିତ ହୋଇଥିଲା । ଏହି କର୍ମଶାଳାରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୱାଟରଏଡ୍ ଦ୍ୱାରା ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଜଳବାୟୁ-ସହନଶୀଳ ୱାସ୍ ପଦକ୍ଷେପଗୁଡ଼ିକର ପ୍ରଶଂସା କରିଥିଲେ । ବିଶେଷକରି ଘୂର୍ଣ୍ଣିଝଡ଼ ଆଶ୍ରୟସ୍ଥଳ ଭାବେ ଚିହ୍ନଟ ବିଦ୍ୟାଳୟଗୁଡ଼ିକରେ ଜଳବାୟୁ-ସହନଶୀଳ ୱାସ୍ ଭିତିଭୂମି ନିର୍ମାଣ, ଉଚ୍ଚ ଭିତିରେ ନଳକୂପ ସ୍ଥାପନ, ଧୂସର ଜଳ ପରିଚାଳନା ବ୍ୟବସ୍ଥା, ବର୍ଷାଜଳ ସଂଗ୍ରହ ଓ ସଂଚୟ ଢାଂଚା ଏବଂ ସମୁଦାୟ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ଭଳି ଉଦ୍ୟମଗୁଡ଼ିକୁ ସେ ସ୍ୱାଗତ କରିଥିଲେ । ଜିଲ୍ଲା ସ୍ୱଚ୍ଛତା ପରାମର୍ଶଦାତା ରୀତାରାଣୀ ନାୟକ ସମୁଦାୟ ସ୍ତରରେ କଠିନ ବର୍ଜ୍ୟବସ୍ତୁ (ସଲିଡ୍ ୱେଷ୍ଟ) ପରିଚାଳନାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ୱାଟରଏଡ୍‌ର ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜକ ଜିତେନ୍ଦ୍ର କୁମାର ନାୟକ ୱାସ୍ ଭିତିଭୂମିର ଦୀର୍ଘସ୍ଥାୟୀତ୍ୱ ପାଇଁ ଏହାର ନିୟମିତ ପରିଚାଳନା ଓ ରକ୍ଷଣାବେକ୍ଷଣ ର ଗୁରୁତ୍ୱ ଉପରେ ଜୋର ଦେଇଥିଲେ । ସେ କହିଥିଲେ ଯେ, କେବଳ ଭିତିଭୂମି ନିର୍ମାଣ କଲେ ହେବ ନାହିଁ, ବରଂ ଏହାର ସଠିକ୍ ବ୍ୟବହାର, ନିୟମିତ ମରାମତି ଏବଂ ସମୁଦାୟର ସକ୍ରିୟ ଅଂଶଗ୍ରହଣ ମାଧ୍ୟମରେ ଏହାକୁ ଦୀର୍ଘ ସମୟ ଧରି କାର୍ଯ୍ୟକ୍ଷମ ରଖାଯାଇପାରିବ । ଏହା ଦ୍ୱାରା ସୁରକ୍ଷିତ ଜଳ, ପରିମଳ ଓ ସ୍ୱଚ୍ଛତା ସେବାର ସ୍ଥାୟୀ ସୁବିଧା ସୁନିଶ୍ଚିତ ହେବ । ଏହି କର୍ମଶାଳାରେ ୱାଟରଏଡ୍‌ର କାର୍ଯ୍ୟକ୍ରମ ସଂଯୋଜିକା ଶ୍ରଦ୍ଧା ଦାସ ଏବଂ ଜିଲ୍ଲା ସଂଯୋଜିକା ଭାଗ୍ୟବତୀବାଳା ସୁବୁଦ୍ଧିଙ୍କ ସହିତ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ଶିକ୍ଷା ବିଭାଗର ବିଭିନ୍ନ ସରକାରୀ ଅଧିକାରୀ, ସମୁଦାୟସ୍ତରୀୟ ଗ୍ରାମ ଜଳ ଓ ପରିମଳ ସମିତି ର ସଦସ୍ୟ, ସମମନସ୍କ ଅନୁଷ୍ଠାନମାନଙ୍କର ପ୍ରତିନିଧି, ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ମହିଳା ଜଳ ଫୋରମର ସଦସ୍ୟମାନେ ଯୋଗଦେଇଥିଲେ । ଅଂଶଗ୍ରହଣକାରୀମାନେ ଜଳବାୟୁ-ସହନଶୀଳ ୱାସ୍ ପଦକ୍ଷେପର ସ୍ଥାୟୀତ୍ୱ, ପରିଚାଳନା ଓ ସମୁଦାୟର ଭୂମିକା ସମ୍ପର୍କରେ ଆଲୋଚନା କରିବା ସହିତ ନିଜ ଅଭିଜ୍ଞତା ଓ ଶିକ୍ଷା ବିନିମୟ କରିଥିଲେ । ଏହି ପଦକ୍ଷେପ ଜିଲ୍ଲାରେ ନିରାପଦ ଜଳ, ପରିମଳ ଓ ସ୍ୱଚ୍ଛତା ସେବାର ସ୍ଥାୟୀତ୍ୱ ବୃଦ୍ଧି କରିବା ସହ ଜଳବାୟୁଜନିତ ବିପର୍ଯ୍ୟୟ ସମୟରେ ବିଦ୍ୟାଳୟ ଓ ସମୁଦାୟଗୁଡ଼ିକର ସହନଶୀଳତାକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା ପ୍ରକାଶ କରାଯାଇଥିଲା । ଜଳ ସେବା ଚ୍ୟାରିଟେବଲ ଫାଉଣ୍ଡେସନ୍, ଯାହା ୱାଟରଏଡ୍ ଇଣ୍ଡିଆ ଭାବେ ଭାରତରେ କାର୍ଯ୍ୟ କରୁଛି, ପ୍ରାୟ ଚାରି ଦଶନ୍ଧି ଧରି ନିରାପଦ ପାନୀୟ ଜଳ, ପରିମଳ ଏବଂ ଅତ୍ୟାବଶ୍ୟକ ୱାସ୍ (ଜଳ, ପରିମଳ ଓ ସ୍ୱଚ୍ଛତା) ସେବାର ସୁଲଭତା ବୃଦ୍ଧି କରିବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଆସୁଛି । ୱାଟରଏଡ୍ ଇଣ୍ଡିଆ, ବିଶ୍ୱସ୍ତରୀୟ ୱାଟରଏଡ୍ ନେଟୱାର୍କର ଏକ ଅଂଶ ଏବଂର୍ତ୍ତମାନ ଏହା ଭାରତରେ ଓଡିଶା ସହିତ ୧୦ଟି ରାଜ୍ୟରେ ନିଜର କାର୍ଯ୍ୟକ୍ରମ ପରିଚାଳନା କରୁଛି ।

# ନାନ୍ଦୀମୁଖର ଅନ୍ତଃସ୍ୱର ପୁସ୍ତକର ଲୋକାର୍ପଣ

ଭଦ୍ରକ, ୮/୦୬ (ନି.ପ୍ର): ପ୍ରତ୍ୟକ ପୁସ୍ତକର ମୁଖବନ୍ଧ ଠିକ ବିବାହ ଉତ୍ସବର ନାନ୍ଦୀମୁଖ ଭଳି । ପତ୍ରିକା ବା ଯେ କୌଣସି ବହିର ସମ୍ପାଦକୀୟ ମୁଖବନ୍ଧ ଗୁଡିକ ବେଶ ଚିନ୍ତା ଓ ଚେତନା ଉଦ୍ରେକକାରୀ ସାରସ୍ୱତ ପ୍ରସଙ୍ଗର ଅବତାରଣା କରିଥାଏ । ସେ ଦୃଷ୍ଟିରୁ କୈଳାସ ଚନ୍ଦ୍ର ପଣ୍ଡାଙ୍କ ସଂକଳିତ ଗଦ୍ୟ ସଂକଳନ ନାନ୍ଦୀମୁଖର ଅନ୍ତଃସ୍ୱର ସାରସ୍ୱତ ଜଗତକୁ ଏକ ଭିନ୍ନ ଅବଦାନ ବୋଲି ଆଜି ପ୍ରେମ ପୃଥିବୀ ପରିବାର ଓ ଟାଇମପାସ ଆୟୋଜିତ ପୁସ୍ତକ ପର୍ବରେ ମତ ପ୍ରକାଶ ପାଇଛି । ଆରଡ଼ିଛକ ସ୍ଥିତ ପ୍ରେମନଗର ଠାରେ ଆୟୋଜିତ କଥାକାର ପବିତ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ, ପ୍ରାବନ୍ଧିକ ଡ଼. ବ୍ରଜମୋହନ ମିଶ୍ର ମୁଖ୍ୟବକ୍ତା, ସାହିତ୍ୟାନୁରାଗୀ କର୍ନେଲ ଶରତ ମହାପାତ୍ର ସମ୍ମାନିତ ବକ୍ତା, ଡ଼. ପ୍ରମୋଦ କୁମାର ନାୟକ ସମୀକ୍ଷକ ଭାବେ ଯୋଗଦାନ କରିଥିଲେ । ଟାଇମପାସର ପ୍ରକାଶକ ତଥା ଲେଖକ ସରୋଜ ବଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ତ୍ୟାଗଭୂମିର ସଭାପତି ଅଜୟ ନାୟକ ସ୍ୱାଗତ ସମ୍ଭାଷଣ ଏବଂ କବୟିତ୍ରୀ ସଂଯୁକ୍ତା ବଳ ଅତିଥି ପରିଚୟ ପ୍ରଦାନ କରିଥିଲେ ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ସମ୍ବଲପୁର, ୮/୦୬ (ନି.ପ୍ର): ସମ୍ବଲପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ପ୍ରାଧିକରଣର ଜିଲ୍ଲା ଅଧକ୍ଷ ତଥା ଜିଲ୍ଲା ଦୌରା ଜଜ ପ୍ରଜ୍ଞା ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ଓ ସମ୍ବଲପୁର ବନ ବିଭାଗ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ଆୟୋଜନ କରାଯାଇଥିଲା । ଏହି ଅବସରରେ ପୋତାପାଲି ଓ ସାନସିଂହାରୀ ଠାରେ ବ୍ୟାପକ ବୃକ୍ଷରୋପଣ କରାଯାଇଥିଲା । ବାୟୁ ପ୍ରଦୂଷଣ ରୋକିବା ଉପରେ ଏକ ଆଲୋଚନାଚକ୍ର ମଧ୍ୟ ଆୟୋଜିତ ହୋଇଥିଲା । ବିଶେଷ କରି କଳକାରଖାନା ରୁ ନିର୍ଗତ ଧୂଆଁ ରୁ ଯେପରି ଭାବରେ ବାୟୁ ପ୍ରଦୂଷଣ ହେଉଛି, ତାକୁ କିପରି ଭାବରେ ରୋକା ଯାଇପାରିବ, ତା ' ଉପରେ ଆଲୋଚନା ହୋଇଥିଲା । ଏହି ପରିପେକ୍ଷୀରେ ବନ ବିଭାଗ ପକ୍ଷରୁ ରେଞ୍ଜ ଅଧିକାରୀ ଅମିତ କୁମାର, ଆଇନ ସେବା ପ୍ରାଧିକରଣର ସଚିବ ସୁକୁମାର ମହାନ୍ତି ତଥା ଅନ୍ୟ ଅଧିକାରୀ ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ ।

# ଭତ୍ତା ନାହିଁ କି ଚାଉଳ ନାହିଁ: ଭିନ୍ନକ୍ଷମ ଶିଶୁ କନ୍ୟାକୁ ସାଙ୍ଗରେ ନେଇ ଦୁଃଖରେ ଦିନ କାଟୁଛନ୍ତି ଦିନ ମଜୁରିଆଙ୍କ ପରିବାର

ଉଦଳା, ୦୮/୬ (ନି.ପ୍ର): ଯେ ହେଉଛି ବଡ଼ସାହି ବ୍ଲକର ସୁହାଗପୁରା ପଂଚାୟତ ଅନ୍ତର୍ଗତ ପାଳସା ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ନିମୁ କିସ୍କୁ ଓ ତାଙ୍କର ସହଧର୍ମିଣି ମାଇନ କିସ୍କୁ ଏବଂ ଦୁଇଜଣ ପିଲାପିଲିଙ୍କୁ ମିଶାଇ ପରିବାରର ମୋଟ ୪ଜଣ ସଦସ୍ୟ ଅଛନ୍ତି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଏହି ପରିବାରଟି ଖାଦ୍ୟ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ବଂଚିତ ଅଛନ୍ତି । ସେହିପରି ତାଙ୍କର ଜ୍ୟେଷ୍ଠ କନ୍ୟା 'ସୁନିତା'ଙ୍କୁ ବର୍ତ୍ତମାନ ବୟସ ୧୦ ବର୍ଷ ଛୁଇଁଲା । ପରିବାର ଲୋକଙ୍କ କହିବା ଅନୁସାରେ 'ସୁନିତା' ପିଲାଦିନେ ସବୁ ପ୍ରକାର ଟିକା ନେବା ସହିତ ପୋଲିଓ ଖାଇଥିଲେ । ସେ ସମୟରେ ସମ୍ପୂର୍ଣ୍ଣ ସୁସ୍ଥ ମଧ ଥିଲେ । କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବରେ ପରେ ସେ ପୋଲିଓରେ ଆକ୍ରାନ୍ତ ହେବା ସହ ଭିନ୍ନକ୍ଷମ ପାଲଟିଗଲେ । ଭାରତ ପୋଲିଓ ମୁକ୍ତ ବୋଲି ସ୍ଲୋଗାନ ଦିଆଯାଉଥିବା ବେଳେ 'ସୁନିତା'ଙ୍କୁ କେନ୍ଦ୍ର କରି ସ୍ଥାନୀୟ ଅଂଚଳରେ ଏପରି ଏକ ଚର୍ଚ୍ଚା ସମସ୍ତଙ୍କୁ ଚକିତ କରିଛି । ଡ଼ାକ୍ତର ସୁନିତାଙ୍କୁ ୮୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଛନ୍ତି । କିନ୍ତୁ ସେ ସାମାଜିକ ସୁରକ୍ଷା ଯୋଜନାରେ ଏ ପର୍ଯ୍ୟନ୍ତ ଭତା ପାଇପାରି ନାହାଁନ୍ତି । ଏହିପରି ଭିନ୍ନକ୍ଷମ ଶିଶୁ କନ୍ୟାକୁ ସାଙ୍ଗରେ ନେଇ ଉକ୍ତ ଦିନମଜୁରିଆଙ୍କ ପରିବାର ଖୁବ୍ ଦୁଃଖ ଓ ଯନ୍ତ୍ରଣା ମଧ୍ୟରେ ଦିନ ବିତାଇବାକୁ ବାଧ୍ୟ ହେଉଛନ୍ତି । ଏ ବାବଦରେ ଏହି ପରିବାରର ଲୋକେ ଗଣମାଧ୍ୟମକୁ ଜଣାଇବା ସହ ଭତା ଓ ଚାଉଳ ଯୋଗାଇ ଦେବାକୁ ସରକାରଙ୍କୁ ଅନୁରୋଧ ଜଣାଇଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ପଞ୍ଚଲିଙ୍ଗେଶ୍ୱର ପୀଠରେ ଦୋକାନଗୃହ ବଣ୍ଟନରେ ଚଞ୍ଚକତା

## ଲିଷ୍ଟରେ ଆସିଲା ଅଣଦୋକାନୀଙ୍କ ନାଁ, ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଦୋକାନୀ




ନୀଳଗିରି, ୦୮/୬ (ନି.ପ୍ର): ଉତ୍ତର ଓଡିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ପୀଠର ବିକାଶ କାର୍ଯ୍ୟ ଜାରିରହିଛି ।୧୨୦ ଜଣ ଦୋକାନୀ ଉକ୍ତ ପୀଠ ନିକଟରେ ଦୋକାନଗୃହ କରି ନିଜର ଗୁଜୁରାଣ ମେଣ୍ଟାଉଥିଲେ । ହେଲେ ପୀଠର ବିକାଶ ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ସେମାନଙ୍କ ଦୋକାନ ଗୁଡିକୁ ଭଙ୍ଗାଯିବା ପାଇଁ ନୋଟିସ କରାଯିବା ସହ ସେମାନଙ୍କ ନିମନ୍ତେ ଅତ୍ୟାଧୁନିକ ମାର୍କେଟ କମ୍ପ୍ଲେକ୍ସ ପ୍ରସ୍ତୁତ କରାଯାଇଥିଲା । ପ୍ରାଥମିକ ପର୍ଯ୍ୟାୟରେ ୯୯ ଟି ଗୃହ ନିର୍ମାଣ କରାଯାଇଥିବା ଆଗାମୀ ଦିନରେ ୨୧ ଟି ଦୋକାନ ଗୃହ ନିର୍ମାଣ ହେବାର ସୂଚନା ରହିଛି । ହେଲେ ଏହି ୯୯ ଟି ଗୃହ ପ୍ରଦାନ ନିମନ୍ତେ ଉପଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଏକ ଲିଷ୍ଟ ପ୍ରସ୍ତୁତ କରାଯାଇ ଦୋକାନୀଙ୍କ ନାମ ପଞ୍ଜୀକୃତ କରାଯାଇଥିଲା । ହେଲେ ଯେଉଁ ଲିଷ୍ଟ ଅଣ ଦୋକାନୀଙ୍କ ନାମ ରହିଥିବା ଅଭିଯୋଗ କରିଛନ୍ତି ପଞ୍ଚଲିଙ୍ଗେଶ୍ୱର ଦୋକାନ କମିଟିର ସଦସ୍ୟମାନେ । କିଛି ଅଣଦୋକାନୀ ସରକାରୀ ଅଧିକାରୀ ଓ ନେତାମାନଙ୍କୁ ହାତ କରି ସେମାନଙ୍କ ନାମ ପଞ୍ଜୀକୃତ କରିଥିବା ଅଭିଯୋଗ କରିଛନ୍ତି ଦୋକାନୀ କମିଟିର ସଦସ୍ୟମାନେ । ଆଜି ଉକ୍ତ ସଦସ୍ୟ ମାନେ ସଠିକ୍ ତଦନ୍ତ କରି ଲିଷ୍ଟ ପରିବର୍ତ୍ତନ କରାଯିବା ସହ ଉଚିତ ଦୋକାନୀଙ୍କୁ ଦୋକାନ ଗୃହ ପ୍ରଦାନ କରିବା ଦାବୀ କରି ନୀଳଗିରି ଉପ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ଏନେଇ ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ଉଚିତ ତଦନ୍ତ କରିବା ସହ ଦୋକାନ କମିଟି ସହ ଆଲୋଚନା କରି ଲିଷ୍ଟ କରାଯିବ ବୋଲି କହିଛନ୍ତି ।

# ଆମ୍ ଆଦମୀ ପାର୍ଟି ଇଣ୍ଡି ମେଂଟରେ ନାହିଁ: ସଞ୍ଜୟ ସିଂହ

ନୂଆଦିଲ୍ଲୀ, ୦୮/୬ : ଆମ୍ ଆଦମୀ ପାର୍ଟି (ଏଏପି) ର ରାଜ୍ୟସଭା ସାଂସଦ ସଞ୍ଜୟ ସିଂହ କହିଛନ୍ତି ଯେ ଏଏପି ଏବେ ଇଣ୍ଡି ମେଂଟରେ ନାହିଁ । ଆପ୍ ଆଜିର ବୈଠକରେ ଯୋଗ ଦେବ ନାହିଁ । ରାଜ୍ୟସଭା ସଦସ୍ୟ ସଞ୍ଜୟ ସିଂହ ସୋମବାର ଦିନ ଏକ ବୟାନରେ ଇଣ୍ଡି ବ୍ଲକର ବୈଠକ ଉପରେ କହିଛନ୍ତି ଯେ, ଦଳ ବିଷୟରେ, ଆପ୍ ପୂର୍ବରୁ ସ୍ପଷ୍ଟ କରିସାରିଛି ଯେ ଏହା ଇଣ୍ଡି ମେଂଟର ଅଂଶ ନୁହେଁ । ଏହି ସମୟରେ, ସଞ୍ଜୟ ସିଂହ କଂଗ୍ରେସକୁ ସମାଲୋଚନା କରି କହିଛନ୍ତି ଯେ, ତାମିଲନାଡୁରେ ପରିବର୍ତିତ ରାଜନୈତିକ ସମୀକରଣ ମଧ୍ୟରେ ଦ୍ରାବିଡ଼ ମୁନେତ୍ର କଡ଼ଗମକୁ ବିଶ୍ୱାସକୁ ନ ନେଇ ଅଭିନେତା ବିଜୟଙ୍କ ଦଳ 'ତାମିଲଗା ଭେଟ୍ରି କଡ଼ଗମ'କୁ କଂଗ୍ରେସ ସମର୍ଥନ କରୁଥିବାରୁ ଦୁଇ ଦଳ ମଧ୍ୟରେ ସମ୍ପର୍କ ତିକ୍ତ ହୋଇଛି ।

# ବୟସ୍କ-ମିତ୍ର ସହର ଭୁବନେଶ୍ୱର - ପ୍ରକଳ୍ପ 'ରାହା' ପ୍ରସ୍ତୁତି ଆରମ୍ଭ

## ଛନ୍ଦା ମିଶ୍ର, ଶ୍ରୁତକୀର୍ତ୍ତି ତ୍ରିପାଠୀ, ଶ୍ୱେତା ରାଉତ ପ୍ରକଳ୍ପ ସମ୍ପର୍କସାରଥୀ




ଭୁବନେଶ୍ୱର, ୦୮/୬ (ନି.ପ୍ର): ଭୁବନେଶ୍ୱର ସହରରେ ବୟସ୍କ ନାଗରିକଙ୍କ ମଙ୍ଗଳ ଓ ସମ୍ମାନଜନକ ଜୀବନ ପାଇଁ ବୟସ୍କ ସମର୍ପିତ ବୋଉ ଫାଉଣ୍ଡେସନ୍ ଟ୍ରଷ୍ଟ ଆଜି ତା'ର ମହତ୍ୱପୂର୍ଣ୍ଣ ଦୂରଦର୍ଶୀ ପ୍ରକଳ୍ପ 'ରାହା' ର କାର୍ଯ୍ୟକାରିତା ଘୋଷଣା କରିଛି । ଏହି ପ୍ରକଳ୍ପ ଭୁବନେଶ୍ୱରର ବୟସ୍କଙ୍କୁ ସାମାଜିକ ଅନ୍ତର୍ଭୁକ୍ତି, ସକ୍ରିୟ ଅଂଶଗ୍ରହଣ, ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ସହାୟତା ଏବଂ ସମ୍ମାନଜନକ ଜୀବନ ପ୍ରଦାନ କରିବା ଲକ୍ଷ୍ୟ ରଖିଛି । ଜନପ୍ରତିନିଧି, ସମାଜ ନେତା ଏବଂ ବୟସ୍କଙ୍କୁ ପ୍ରତ୍ୟେକ ପର୍ଯ୍ୟାୟରେ ସାମିଲ୍ କରି ଏହା ଅତ୍ୟନ୍ତ ଅଂଶଗ୍ରହଣମୂଳକ ଓ ସୁସଂଗଠିତ ପଦ୍ଧତିରେ ଆଗେଇବା ଆରମ୍ଭ କରିଛି ଆଜିଠାରୁ । 'ରାହା" ପ୍ରକଳ୍ପର କାର୍ଯ୍ୟକାରିତା ଖସଡ଼ା ଅନୁଯାୟୀ ବୋଉ ଫାଉଣ୍ଡେସନ ର ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ପ୍ରକଳ୍ପ 'ରାହା' ର ସମ୍ପର୍କସାରଥୀ ଭୂମିକା ନିର୍ବାହ ନିମନ୍ତେ ତିନିଜଣ ଜନପ୍ରିୟ ସମାଜଧର୍ମୀ ସୃଜନଶୀଳା ମହିୟସୀ ଶ୍ରୀମତୀ ଛନ୍ଦା ମିଶ୍ର , ଶ୍ରୀମତୀ ଶ୍ରୁତକିର୍ତ୍ତୀ ତ୍ରିପାଠୀ ଏବଂ ଶ୍ରୀମତୀ ଶ୍ୱେତା ରାଉତ ଙ୍କୁ ବୋଉ ଫାଉଣ୍ଡେସନ ଦାୟିତ୍ୱ ସମର୍ପଣ କରିଛି ଏବଂ ତାଙ୍କ ସହିତ ତାଙ୍କ ଭୂମିକା ବିଷୟରେ ବିସ୍ତୃତ ଆଲୋଚନା କରାଯାଇଛି । ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଉ ଫାଉଣ୍ଡେସନ ପ୍ରତିଷ୍ଠାତା ଅତିଶ ମହାନ୍ତି, ସହପ୍ରତିଷ୍ଠାତା ସସ୍ମିତା ଦାଶ, ବରିଷ୍ଠ ଆଇନଜୀବୀ ମଧୁମାଧବ ଜେନା, ଶିକ୍ଷାବିତ ତଥା ବିଶିଷ୍ଟ ଲେଖକ ଡ଼ଃ. ରଜନୀରଞ୍ଜନ, ବୋଉ ଫାଉଣ୍ଡେସନ ଉପଦେଷ୍ଟା କବିତା ମହାନ୍ତି, କେଦାର ପୃଷ୍ଟି । ପରେ ଭୁବନେଶ୍ୱରର ନିର୍ବାଚିତ ଜନପ୍ରତିନିଧିଙ୍କ ସହ ଆଲୋଚନା କରାଯିବ ଏବଂ ପ୍ରତ୍ୟେକ ୱାର୍ଡରୁ ଅଣରାଜନୈତିକ, ସାମାଜିକ ଚେତନାସମ୍ପନ୍ନ ଓ ଚିନ୍ତାଶୀଳ ୫ ଜଣ ବୟସ୍କ ପ୍ରତିନିଧିଙ୍କୁ ଚୟନ କରାଯିବ । ଜୁନ୍ ୩୦ ତାରିଖରେ ଗୀତଗୋବିନ୍ଦ ସଦନରେ ବିଏମସି କର୍ପୋରେଟର, ମେୟର, ପୁଲିସ ଓ ତିନି ବିଧାୟକଙ୍କ ସହ ଏକ ବୃହତ୍ ପରାମର୍ଶ କର୍ମଶାଳା ଆୟୋଜିତ ହେବ । ଏହା ପରେ ବୟସ୍କ ପ୍ରତିନିଧିଙ୍କ ସହ ସମ୍ପର୍କ ସ୍ଥାପନ, ପରାମର୍ଶ କୋର କମିଟି ଓ ପରିଚାଳନା କମିଟି ଗଠନ କରାଯିବ । ପ୍ରକଳ୍ପର ଭବ୍ୟ ଉଦଘାଟନ ଅକ୍ଟୋବର ୧ ତାରିଖ ଅନ୍ତର୍ଜାତୀୟ ବୟସ୍କ ଦିବସ ଦିନ ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱରରେ ହେବ । "ରାହା କେବଳ ଏକ ପ୍ରକଳ୍ପ ନୁହେଁ, ଏହା ବୟସ୍କଙ୍କ ପାଇଁ ଏକ ସମ୍ମାନଜନକ ଓ ଯତ୍ନଶୀଳ ସମାଜ ଗଢ଼ିବାର ଏକ ଆନ୍ଦୋଳନ । ବୟସ୍କଙ୍କୁ ଆରମ୍ଭରୁ ସାମିଲ୍ କରି ଆମେ ଏକ ଦୀର୍ଘସ୍ଥାୟୀ, ସମାଧାନମୂଳକ ଓ ସମଗ୍ର ସମାଜ ପାଇଁ ଉପଯୋଗୀ ମଡେଲ୍ ତିଆରି କରିବାକୁ ଚାହୁଁଛୁ ବୋଲି ବୋଉ ଫାଉଣ୍ଡେସନ ପ୍ରକାଶ କରିଛି । ଫାଉଣ୍ଡେସନ୍ ସମାଜର ସମସ୍ତ ବର୍ଗ, ଯୁବକ, ବୃତ୍ତିଗତ ବ୍ୟକ୍ତି ଓ ନାଗରିକଙ୍କୁ ଏହି ମହତ୍ୱପୂର୍ଣ୍ଣ କାର୍ଯ୍ୟରେ ସହଯୋଗ କରିବାକୁ ଆହ୍ୱାନ କରିଛି । ଫାଉଣ୍ଡେସନ୍‌ର ବୟସ୍କମିତ୍ର ସହର ନିମନ୍ତେ ପ୍ରମୁଖ ଉଦ୍ୟମ ଓ କାର୍ଯ୍ୟକ୍ରମ ମଧ୍ୟରୁ , ଜରୁରୀକାଳୀନ ସେବା ଏବଂ ଆଶ୍ୱାସନା ପ୍ରଦାନ କରୁଥିବା ଏକ ସମର୍ପିତ "୨୪ ଘଣ୍ଟିଆ ବୟସ୍କ ହେଲ୍ପ ଲାଇନ୍", ନିଃସଙ୍ଗତାରେ ବାସ କରୁଥିବା ବୟସ୍କଙ୍କ ପାଇଁ "ଦ୍ୱାରସ୍ଥ ଜରୁରୀ ଔଷଧ ,ଖାଦ୍ୟ ଓ ସ୍ୱାସ୍ଥ୍ୟ ଯାଞ୍ଚ ସେବା", ସମବୟସ୍କଙ୍କ ସହିତ ପୁରୁଣା ସ୍ମୃତି ଆଦାନ-ପ୍ରଦାନ ହସଖୁସି ,ଗପସପ ନିମନ୍ତେ ସହରର ବିଭିନ୍ନ ଜଣବସତି ସଡକ କଡ଼ରେ 'ବୟସ୍କ ଆଡ୍ଡା' ସ୍ଥାପନ ଏବଂ ପରିଚାଳନା ଓ ସ୍ୱତନ୍ତ୍ର ଭାବେ ବୟସ୍କମନସ୍କ ପରିକଳ୍ପିତ ମନୋରଞ୍ଜନ ଏବଂ ସାଂସ୍କୃତିକ ନିୟମିତ କାର୍ଯ୍ୟକ୍ରମ "ରାହା"ଅନୁଷ୍ଠିତ କରାଯିବ ।

# ପୁରୀରେ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟରର ଜରୁରୀ ଅବତରଣ

ଭୁବନେଶ୍ୱର, ୦୮/୬ (ନି.ପ୍ର): ପୁରୀରେ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟରର ଜରୁରୀ ଅବତରଣ କରିଛି । ସୋମବାର ଅପରାହ୍ନରେ ପୁରୀ ସମଙ୍ଗ ବସ୍ ଷ୍ଟାଣ୍ଡରେ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟରଜରୁରୀ ଅବତରଣ କରିଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୟୂରଭଞ୍ଜରୁ କାର୍ଯ୍ୟକ୍ରମ ସାରି ଭୁବନେଶ୍ୱର ଫେରୁଥିବା ବେଳେ ଭୁବନେଶ୍ୱରରେ କାଳବୈଶାଖୀ ବର୍ଷା ଓ ପବନ ଯୋଗୁଁ ମୁଖ୍ୟମନ୍ତ୍ରୀଙ୍କୁ ନେଇ ଆସୁଥିବା ହେଲିକପ୍ଟରଟି ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ କରିପାରିନଥିଲା । ପରେ ପାଇଲଟ୍ ହେଲିକପଟରକୁ ପୁରୀ ଆଡେ ଡାଇଭର୍ଟ କରି ନେଇଥିଲେ । ପୁରୀର ସମଙ୍ଗ ବସ୍ ଷ୍ଟାଣ୍ଡ ନିକଟ ହେଲିପ୍ୟାଡରେ ଜରୁରୀ ଅବତରଣ କରିଥିଲା ମୁଖ୍ୟମନ୍ତ୍ରୀଙ୍କ ହେଲିକପଟର । ମୁଖ୍ୟମନ୍ତ୍ରୀଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମଧ୍ୟ ଉକ୍ତ ହେଲିକପ୍ଟରରେ ଥିଲେ । ପୁରୀରେ ମୁଖ୍ୟମନ୍ତ୍ରୀଙ୍କ ହେଲିକପଟର ଲାଣ୍ଡିଂ ପରେ ମୁଖ୍ୟମନ୍ତ୍ରୀ ସର୍କିଟ୍ ହାଉସ୍ କୁ ଯାଇଥିଲେ ।

# ରଜରେ ଜୀ ସାର୍ଥକର ବଡ଼ ଭେଟି: ଆସନ୍ତା ଜୁନ୍ ୧୪ ତାରିଖ ସନ୍ଧ୍ୟା ୬:୩୦ରୁ ଦେଖନ୍ତୁ ସୁପରହିଟ୍ ଚଳଚ୍ଚିତ୍ର 'ଡେଲିଭରି ବୟ ୨'




ଭୁବନେଶ୍ୱର, ୦୭/୬ (ନି.ପ୍ର): ରଜ ଓ ଓଡ଼ିଆ ସିନେମାର ସମ୍ପର୍କ ବହୁତ ପୁରୁଣା । ଏହି ଗଣପର୍ବର ମାହୋଲକୁ ଆହୁରି ଜମେଇବା ପାଇଁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଜୀ ସାର୍ଥକ ଏକ ବଡ଼ ଧମାକା କରିବାକୁ ଯାଉଛି । ଆସନ୍ତା ଜୁନ୍ ୧୪ ତାରିଖ 'ପହିଲି ରଜ' ସନ୍ଧ୍ୟା ୬ଟା ୩୦ ମିନିଟରେ ଚ୍ୟାନେଲରେ ପ୍ରସାରିତ ହେବ ଚଳିତ ବର୍ଷର ସବୁଠାରୁ ପ୍ରତିକ୍ଷିତ କ୍ରାଇମ୍-ଥ୍ରୀଲର ସିକ୍ୱେଲ 'ଡେଲିଭରି ବୟ ୨' । ସତ୍ୟ ଓ ମିଥ୍ୟାର ଅସ୍ପଷ୍ଟ ଗାର ଭିତରେ ଛନ୍ଦି ହୋଇପଡ଼ିଥିବା ଏକ ଜୀବନର କାହାଣୀକୁ ନେଇ ଗତିଶୀଳ ଏହି ସିନେମାଟି ଓଡ଼ିଆ ଦର୍ଶକଙ୍କୁ ଟିଭି ପରଦାରେ ବାନ୍ଧି ରଖିବାରେ ସଫଳ ହେବ ବୋଲି ଦୃଢ ଆଶା କରାଯାଉଛି । ଅଶ୍ୱିନ ତ୍ରିପାଠୀଙ୍କ ନିର୍ଦ୍ଦେଶନା ଏବଂ ଜେଆରଏମ ଓ ରୋଜାଲିନ ମହାନ୍ତିଙ୍କ ପ୍ରଯୋଜନାରେ ନିର୍ମିତ ଏହି ଚଳଚ୍ଚିତ୍ରଟି ପ୍ରେକ୍ଷାଳୟରେ ଦର୍ଶକଙ୍କ ମନ ଜିତିଥିଲା । ସମାଜର ଏକ ସମ୍ବେଦନଶୀଳ ଦିଗ ଉପରେ ଆଧାରିତ, ମିଛ ସାମ୍ବାଦିକତା ଏବଂ ଗଣମାଧ୍ୟମର ଅଯଥା ଚାପ କିଭଳି ଜଣେ ନିରୀହ ମଣିଷର ଜୀବନକୁ ଛାରଖାର କରିଦିଏ, ତାହା ଏଥିରେ ବେଶ୍ ନିପୁଣ ଭାବେ ଦେଖାଯାଇଛି । ଅର୍ଚ୍ଚିତା ସାହୁ ଏବଂ ବୁଦ୍ଧାଦିତ୍ୟ ମହାନ୍ତିଙ୍କ ଭଳି ଦିଗ୍ଗଜ କଳାକାରଙ୍କ ଦମଦାର ଅଭିନୟ ସିନେମାକୁ ଏକ ନୂଆ ଦିଗ ଦେଇଥିଲା । ମୁଖ୍ୟକଳାକାର ଭାବରେ ଶୈଳେନ୍ଦ୍ର ସାମନ୍ତରାୟ, ପ୍ରିୟମ୍ବଦା, ଶ୍ରୀତମ ଦାସ ଓ ପୁପିନ୍ଦର ସିଂଙ୍କ ସହ ସନ୍ତୁ ନିଜେ ଓ ଶକ୍ତି ବରାଳ ଭଳି କଳାକାରଙ୍କ ଉପସ୍ଥିତି ଏହାକୁ ଆହୁରି ଆକର୍ଷଣୀୟ କରିଥିଲା । ଏହି ଶୁଭ ଅବସରରେ ଜୀ ସାର୍ଥକ ଓଡ଼ିଆର ମୁଖ୍ୟ ଚ୍ୟାନେଲ ଅଫିସର ରାହୁଲ ରାଓ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, 'ଓଡ଼ିଶାର ସବୁଠାରୁ ପ୍ରିୟ ଏବଂ ପାରମ୍ପରିକ ଗଣପର୍ବ 'ରଜ' ଉପଲକ୍ଷେ ମୁଁ ସମସ୍ତ ଓଡ଼ିଆ ଦର୍ଶକଙ୍କୁ ଆମ ଚ୍ୟାନେଲ ପକ୍ଷରୁ ଅନେକ ଅନେକ ଶୁଭେଚ୍ଛା ଓ ସ୍ନେହ ଜଣାଉଛି । ରଜର ଏହି ଆନନ୍ଦ ଉଲ୍ଲାସ ଭିତରେ ଆପଣମାନଙ୍କ ମନୋରଞ୍ଜନକୁ ଦ୍ୱିଗୁଣିତ କରିବା ପାଇଁ ଆମେ ନେଇଆସୁଛୁ 'ଡେଲିଭରି ବୟ ୨' । ମୋର ଅନୁରୋଧ, ଆପଣମାନେ ସପରିବାର ଏହି ରୋମାଞ୍ଚକର ଫିଲ୍ମଟିକୁ ଦେଖନ୍ତୁ ଏବଂ ଓଡ଼ିଶାର ନିଜସ୍ୱ ପର୍ବକୁ ଆମ ସହିତ ଧୂମଧାମରେ ପାଳନ କରନ୍ତୁ ।' ପହିଲି ରଜ ସନ୍ଧ୍ୟାକୁ ଟିଭି ପରଦା ସାମ୍ନାରେ ରୋମାଞ୍ଚଭରା କରିବା ପାଇଁ 'ଡେଲିଭରି ବୟ ୨' ଏକ ଉତ୍କୃଷ୍ଟ ମାଧ୍ୟମ ହେବ ବୋଲି କହିଛନ୍ତି ଚଳଚ୍ଚିତ୍ରର ଟିମ୍ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ମୟୂରଭଞ୍ଜରେ ବିକାଶର...

ଏହି ପ୍ରକଳ୍ପଗୁଡ଼ିକ ଫଳରେ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ସୁଧାର ଆସିବ, ଯାହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ପ୍ରକାଶ ପାଇଛି । ଏହି ବିଶାଳ ବିକାଶମୂଳକ କାର୍ଯ୍ୟକ୍ରମ ମଧ୍ୟରେ ୨୮୨ କୋଟିରୁ ଅଧିକ ଟଙ୍କା ମୂଲ୍ୟର ୨୧ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ ୧୪୯ କୋଟିରୁ ଅଧିକ ଟଙ୍କା ମୂଲ୍ୟର ୧୮ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରାଯାଇଛି । ବିଶେଷ ଭାବେ ପ୍ରାୟ ୧୦୦ କୋଟି ଟଙ୍କା ବିନିଯୋଗରେ ନିର୍ମିତ ୮୩ଟି ପାନୀୟ ଜଳ ପ୍ରକଳ୍ପ ଆଜି ଉଦ୍‌ଘାଟିତ ହୋଇଛି, ଯାହା ଦ୍ୱାରା ଏହି ସବୁ ଅଞ୍ଚଳରେ ଦୀର୍ଘ ଦିନର ପାନୀୟ ଜଳ ସମସ୍ୟା ଦୂର ହେବ ଏବଂ ଜନସାଧାରଣଙ୍କ ଦୈନନ୍ଦିନ ଜୀବନରେ ବ୍ୟାପକ ସୁଧାର ଆସିବ । ଏହି ସମସ୍ତ ପ୍ରକଳ୍ପ ଜିଲ୍ଲାବାସୀଙ୍କୁ ସମସ୍ତ ମୌଳିକ ସେବା ଯୋଗାଇଦେବାରେ ସହାୟକ ହେବ । ଏହି ସାର୍ବଜନୀନ ବିକାଶ କାର୍ଯ୍ୟକ୍ରମ ମଧ୍ୟରେ ସବୁଠାରୁ ପ୍ରମୁଖ ଆକର୍ଷଣ ଥିଲା ୬୫୦ ଶଯ୍ୟା ବିଶିଷ୍ଟ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲର ନୂତନ ବିଲ୍‌ଡିଂର ଲୋକାର୍ପଣ । ଏହି ଅତ୍ୟାଧୁନିକ ବହୁମୁଖୀ ଚିକିତ୍ସାଳୟ କେବଳ ବାରିପଦା କିମ୍ବା ମୟୂରଭଞ୍ଜ ଜିଲ୍ଲା ନୁହେଁ, ବରଂ ସମଗ୍ର ଉତ୍ତର ଓଡ଼ିଶା ଏବଂ ଏହାର ପଡ଼ୋଶୀ ଅଞ୍ଚଳର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ନୂଆ ବିପ୍ଳବ ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ପ୍ରାୟ ୨୫୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଆଧୁନିକ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଙ୍ଗ୍ ହସ୍ପିଟାଲ ଉତ୍ତର ଓଡ଼ିଶାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରକଳ୍ପମାନଙ୍କ ମଧ୍ୟରୁ ଗୋଟିଏ । ଆଧୁନିକ ସୁବିଧା, ଉନ୍ନତ ନିଦାନ ସେବା, ବିଶେଷଜ୍ଞ ଚିକିତ୍ସା ବିଭାଗ, ଗୁରୁତର ଚିକିତ୍ସା ସୁବିଧା, ଜରୁରୀକାଳୀନ ସେବା ଏବଂ ଉନ୍ନତ ଶିକ୍ଷାଦାନ ଭିତ୍ତିଭୂମି ସହିତ ଏହି ହସ୍ପିଟାଲ ଅଞ୍ଚଳର ସ୍ୱାସ୍ଥ୍ୟସେବାକୁ ଅନେକ ଗୁଣରେ ଶକ୍ତିଶାଳୀ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ନୂତନ ଟିଚିଙ୍ଗ୍ ହସ୍ପିଟାଲ କେବଳ ମୟୂରଭଞ୍ଜର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବ ନାହିଁ, ବରଂ ପଡ଼ୋଶୀ ଜିଲ୍ଲା, ପଡ଼ୋଶୀ ରାଜ୍ୟ ଏବଂ ଆଖପାଖର ଜନଜାତି ଅଞ୍ଚଳର ରୋଗୀମାନଙ୍କୁ ମଧ୍ୟ ବହୁଳ ଭାବେ ଉପକୃତ କରିବ । ବୃଦ୍ଧି ପାଇଥିବା ଶଯ୍ୟା ସଂଖ୍ୟା, ବିଶେଷଜ୍ଞ ଚିକିତ୍ସା ସୁବିଧା ଏବଂ ଅତ୍ୟାଧୁନିକ ଭିତ୍ତିଭୂମି ଯୋଗୁ ଏହା ଉତ୍ତର ଓଡ଼ିଶାର ଏକ ପ୍ରମୁଖ ରେଫରାଲ୍ ସେଣ୍ଟର ଭାବେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଯେଉଁ ଉନ୍ନତ ଚିକିତ୍ସା ସେବା ପାଇଁ ପୂର୍ବରୁ ଲୋକମାନଙ୍କୁ ଦୂର ସହରକୁ ଯିବାକୁ ପଡୁଥିଲା, ସେହି ସେବା ଏବେ ଘର ନିକଟରେ ଉପଲବ୍ଧ ହେବ, ଯାହାଦ୍ୱାରା ରୋଗୀଙ୍କ ପରିବାରର ଆର୍ଥିକ ଓ ଶାରିରୀକ କଷ୍ଟ ଦୂର ହେବା ସହିତ ସଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା ସୁବିଧା ମିଳିପାରିବ । ମୟୂରଭଞ୍ଜ ଜିଲ୍ଲାରେ ବହୁ ସଂଖ୍ୟାରେ ଜନଜାତି ଭାଇ ଭଉଣୀ ବାସ କରୁଥିବାରୁ କମ୍ୟୁନିଟି ହେଲ୍‌ଥ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟସେବା, ଜନସ୍ୱାସ୍ଥ୍ୟ ଗବେଷଣା ଏବଂ ଜନଜାତି ବର୍ଗଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ ଏହି ମେଡିକାଲ କଲେଜ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ ଦୃଢ ଆଶା ବ୍ୟକ୍ତ କରିଛନ୍ତି । ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆୟୁଷ୍ମାନ ଭାରତ- ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ରାଜ୍ୟର ୧.୩୦ କୋଟି ପରିବାରର ୩.୪୬ କୋଟି ବ୍ୟକ୍ତିଙ୍କୁ ଦେଶର ବିଭିନ୍ନ ନାମିଦାମୀ ସରକାରୀ ଓ ବେସରକାରୀ ହସ୍ପିଟାଲରେ ମାଗଣାରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି । ବର୍ତ୍ତମାନର ସରକାର ଆସିବାର ମାତ୍ର ୨୦ ମାସ ମଧ୍ୟରେ ଯାଜପୁର, କନ୍ଧମାଳ ଓ ତାଳଚେରରେ ୩ଟି ନୂଆ ମେଡିକାଲ କଲେଜ କାର୍ଯ୍ୟକ୍ଷମ କରାଯାଇଛି । ଗତ ଫେବୃଆରୀ ମାସରେ ନବରଙ୍ଗପୁରରେ ମେଡିକାଲ କଲେଜ ସ୍ଥାପନ ପାଇଁ ଶୁଭ ଦିଆଯାଇଥିବା ବେଳେ ଖୁବ୍ ଶୀଘ୍ର ଢେଙ୍କାନାଳ, ଜଗତସିଂହପୁର ଓ ଭଦ୍ରକରେ ମଧ୍ୟ ମେଡିକାଲ କଲେଜ ସ୍ଥାପନ ହେବ । ସେହିପରି ଆୟୁଷ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ଗଜପତି, ମାଲକାନଗିରି, ରାୟଗଡାରେ ୩ଟି ନୂଆ ଆୟୁର୍ବେଦିକ ମେଡିକାଲ କଲେଜ ସହିତ ନୟାଗଡ ଓ ନୂଆପଡାରେ ୨ଟି ନୂଆ ହୋମିଓପାଥିକ ମେଡିକାଲ କଲେଜ ଖୋଲିବା ପାଇଁ ପଦକ୍ଷେପ ନିଆଯାଉଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିଦର୍ଶନ କରି ଡାକ୍ତରୀ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ସହିତ କଥା ହୋଇଥିଲେ । ମେଡିକାଲ କଲେଜର ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଡାକ୍ତରୀ କେବଳ ଏକ ବୃତ୍ତି ବା ଜୀବିକା ନୁହେଁ, ଏହା ଏକ ପବିତ୍ର ଈଶ୍ୱରୀୟ ବ୍ରତ । ସମାଜ ଡାକ୍ତରମାନଙ୍କୁ 'ଭଗବାନଙ୍କ ଦ୍ୱିତୀୟ ରୂପ' ଭାବେ ଗ୍ରହଣ କରିଥାଏ, କାରଣ ଜନ୍ମ ଓ ମୃତ୍ୟୁ ମଧ୍ୟରେ ଜୀବନକୁ ସୁରକ୍ଷିତ ରଖିବାର ଦାୟିତ୍ୱ ସେମାନଙ୍କ ହାତରେ ଥାଏ । ଡାକ୍ତରଙ୍କ ଷ୍ଟେଥୋସ୍କୋପ୍ ଏବଂ କଲମରେ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବାର ଅସୀମ ଶକ୍ତି ରହିଛି ଏବଂ ମୁମୂର୍ଷୁ ରୋଗୀର ଆଖିରୁ ଲୁହ ପୋଛିବା ହିଁ ଜଣେ ଚିକିତ୍ସକଙ୍କ ଜୀବନର ସବୁଠାରୁ ବଡ଼ ସଫଳତା । ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ ମହାନ ସମାଜ ସଂସ୍କାରକ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ତ୍ୟାଗ ଓ ଆଦର୍ଶକୁ ମନେ ପକାଇଥିଲେ । ସେ କହିଥିଲେ ଯେ ମୟୂରଭଞ୍ଜ ହେଉଛି ସରଳ ଓ ନିଷ୍କପଟ ଜନଜାତି ଭାଇଭଉଣୀଙ୍କ ମାଟି । ତେଣୁ ଏହି ଅନୁଷ୍ଠାନରୁ ଶିକ୍ଷାଲାଭ କରୁଥିବା ଭବିଷ୍ୟତର ଡାକ୍ତରମାନେ ପାଠପଢ଼ା ଶେଷ କରିବା ପରେ ସମାଜର ସବୁଠାରୁ ଶେଷ ଧାଡ଼ିରେ ଥିବା ଗରିବ, ଦଳିତ, ଅବହେଳିତ ଏବଂ ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକଙ୍କ ସେବାକୁ ନିଜର ପ୍ରଥମ କର୍ତ୍ତବ୍ୟ ଭାବେ ଗ୍ରହଣ କରିବା ଉଚିତ । ସନାତନ ସଂସ୍କୃତିର 'ସେବା ହିଁ ପରମ ଧର୍ମ' ବାର୍ତ୍ତାକୁ ଦୋହରାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରକୃତ ଡାକ୍ତରୀ ଶିକ୍ଷା ହେଉଛି ବିଜ୍ଞାନ ଓ କାରୁଣ୍ୟର ଏକ ଅପୂର୍ବ ସମନ୍ୱୟ । ଆଧୁନିକ ମେଡିକାଲ ଯନ୍ତ୍ରପାତି ରୋଗୀର କଷ୍ଟ ବୁଝିପାରେ ନାହିଁ, ମାତ୍ର ଡାକ୍ତରଙ୍କ ମୁହଁର ମିଠା କଥା ଓ ସହାନୁଭୂତିପୂର୍ଣ୍ଣ ବ୍ୟବହାର ରୋଗୀକୁ ଆନ୍ତରିକ ସୁସ୍ଥତା ପ୍ରଦାନ କରେ । ଡାକ୍ତରୀ ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମକୁ ପ୍ରଶଂସା କରିବା ସହ ସେମାନେ ଓଡ଼ିଶାକୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଦେଶର ଶ୍ରେଷ୍ଠ ରାଜ୍ୟ ଭାବେ ଗଢ଼ିବାର ପ୍ରଧାନ ସାରଥୀ ହେବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି । ସମାରୋହରେ ଯୋଗ ଦେଇ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା କରି କହିଛନ୍ତି ଯେ, 'ମୟୂରଭଞ୍ଜ ଜିଲ୍ଲାର ପ୍ରଗତି ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ସବୁବେଳେ ହାତଖୋଲି ସାହାଯ୍ୟର ହାତ ବଢ଼େଇଛନ୍ତି । ତାଙ୍କରି ଦୂରଦୃଷ୍ଟି ଓ ନିରନ୍ତର ସହଯୋଗ ଯୋଗୁଁ ହିଁ ଆଜି ମୟୂରଭଞ୍ଜ ବିକାଶର ଏକ ନୂଆ ଶିଖରରେ ପହଞ୍ଚି ପାରିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ସ୍ୱାସ୍ଥ୍ୟ ଭିତ୍ତିଭୂମିର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ ଦେଇ କହିଛନ୍ତି, ଜିଲ୍ଲାବାସୀଙ୍କୁ ଶ୍ରେଷ୍ଠ ଚିକିତ୍ସା ସେବା ଯୋଗାଇଦେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ୬୫୦ ଶଯ୍ୟା ବିଶିଷ୍ଟ ପଣ୍ଡିତ ରଘୁନାଥ ମୁର୍ମୁ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟକୁ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ କରାଯିବା ଦ୍ୱାରା ମୟୂରଭଞ୍ଜର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଏକ ବଡ଼ ବଳ ମିଳିବ । ଏହି ନୂତନ ହସ୍ପିଟାଲ ଆଗାମୀ ଦିନରେ ସମଗ୍ର ଉତ୍ତର ଓଡ଼ିଶାର ସ୍ୱାସ୍ଥ୍ୟ ମାନଚିତ୍ର ବଦଳାଇ ଦେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ସାଂସଦ ଶ୍ରୀ ନବ ଚରଣ ମାଝୀ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଉଦଳା ବିଧାୟକ ଶ୍ରୀଯୁକ୍ତ ଭାସ୍କର ଚନ୍ଦ୍ର ମଢେଇ, ବାରିପଦା ବିଧାୟକ ଶ୍ରୀଯୁକ୍ତ ପ୍ରକାଶ ସୋରେନ୍, ସାରସକଣା ବିଧାୟକ ଶ୍ରୀ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଶ୍ରୀ ଜଲେନ ନାଏକ, ବାଙ୍ଗିରିପୋଷୀ ବିଧାୟିକା ସୁଶ୍ରୀ ସଞ୍ଜଲି ମୁର୍ମୁ, କରଞ୍ଜିଆ ବିଧାୟକ ଶ୍ରୀ ପଦ୍ମଚରଣ ହାଇବୁରୁ, ବଡ଼ସାହି ବିଧାୟକ ଶ୍ରୀ ସନାତନ ବିଜୁଳି ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡଃ ବୁଦ୍ଧାନ ମୁର୍ମୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଗୌରବ ବଢ଼ାଇଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ୍ ଏହି ମେଗା ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

## ଭିଜିଲାନ୍ସ ଜାଲରେ ...

ବିଲ୍ ପାସ୍ କରାଇବା ବଦଳରେ ସେ ଜଣେ ବ୍ୟକ୍ତିଙ୍କ ଠାରୁ ୩୫ ହଜାର ଟଙ୍କା ଲାଞ୍ଚନେଉଥିଲେ । ପ୍ରିୟଙ୍କା ଜେନା ୩୫ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ସମୟରେ ହିଁ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ।

## ଦିଲ୍ଲୀରେ ଇଣ୍ଡି ...

ଯୁବବର୍ଗଙ୍କୁ ଫୋକସ୍ କରି ମେଣ୍ଟ ଏକ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରିଛି । ଖଡ଼ଗେ କହିଛନ୍ତି, ଜାତୀୟ ରାଜନୀତିର ସମୀକ୍ଷା କରିବା ପାଇଁ ଏବଂ ରଣନୀତିରେ ସମନ୍ୱୟ ରକ୍ଷା କରିବା ପାଇଁ ମେଣ୍ଟ ସହଯୋଗୀମାନେ ପ୍ରତି ୨ ମାସରେ ଥରେ ବୈଠକ କରିବେ । ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ ମେଣ୍ଟ ଏହାର ରଣନୀତିକୁ ଅଧିକ ସୁଦୃଢ଼ କରିବ । ବିରୋଧୀ ଦଳ ନେତାଙ୍କ ଅଫିସ୍‌ରେ ନିୟମିତ ଭାବେ ସମସ୍ତ ମେଣ୍ଟ ସହଯୋଗୀଙ୍କର ବୈଠକ ହେବ । ବୈଠକ ପରେ କଂଗ୍ରେସ ବିରୋଧୀ ଦଳ ନେତାମାନଙ୍କର ଏକ ଫଟୋ ସେୟାର କରିବା ସହ ଏହାର କ୍ୟାପ୍ସନ୍ ରଖିଛି 'ୟୁନାଇଟେଡ୍ ୱି ଷ୍ଟାଣ୍ଡ' । ଇଣ୍ଡି ମେଣ୍ଟ ନେତାମାନେ ମଧ୍ୟ ମେଣ୍ଟରେ ଏକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଆଜି ବୈଠକରେ ଶିବସେନା ୟୁବିଟି ନେତା ଉଦ୍ଧବ ଠାକ୍‌ରେ ଓ ଜେଏମ୍ଏମ୍ (ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା)ର ହେମନ୍ତ ସୋରେନ ଉପସ୍ଥିତ ନ ଥିଲେ । କିନ୍ତୁ ସେମାନେ ଭର୍ଚୁଆଲ ଭାବେ ବୈଠକରେ ଯୋଗ ଦେଇଥିଲେ ।

## ପାଣ୍ଡିଆନଙ୍କ ପ୍ଲାନ ଫେଲ୍ ...

ପଶ୍ଚିମବଂଗରେ ମମତା କ୍ଷମତାରୁ ଯିବା ପରେ ତୃଣମୂଳ କଂଗ୍ରେସର ଚିହ୍ନ ତାଙ୍କ ପାଖରେ ଥିଲେ ବି ବିଦ୍ରୋହୀ ବିରୋଧୀ ଦଳ ନେତା ହୋଇଛନ୍ତି । ୨୦ରୁ ଅଧିକ ସାଂସଦ ଦଳ ଛାଡିବା ନେଇ ଚର୍ଚ୍ଚା ହେଉଛି । ଆଗାମି ଦିନରେ ମମତାଙ୍କ ହାତରୁ ଦଳ ଖସିଯିବା ଆଶଙ୍କା କରାଯାଉଛି । ପଡୋଶୀ ରାଜ୍ୟରେ ଘଟୁଥିବା ଏହି ରାଜନୈତିକ ହଲଚଲ ନବୀନଙ୍କ ପାଇଁ ସତର୍କ ଘଣ୍ଟି ହୋଇଛି ।

## ଲକଡାଉନରେ ନିଟ୍-ୟୁଜି ପ୍ରଶ୍ନପତ୍ର ...

ସାରା ଦେଶର ୫୫୧ଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ଓଡ଼ିଶାରେ ୨୭ଟି ସହରରେ ୧୩୨ଟି ପରୀକ୍ଷା କେନ୍ଦ୍ର କରାଯାଇଛି । ରାଜ୍ୟରୁ ମୋଟ୍ ୫୬ ହଜାର ୯୮୩ ଜଣ ପରୀକ୍ଷାର୍ଥୀ ଅଛନ୍ତି । ତେବେ ଶିକ୍ଷାବିତଙ୍କ କହିବା କଥା କେବଳ ତତ୍କାଳିକ ହେବା ପରିବର୍ତ୍ତେ ସରକାର ଦୀର୍ଘସ୍ଥାୟୀ ସୁରକ୍ଷା ବ୍ୟବସ୍ଥା ଉପରେ ଚିନ୍ତା କରିବା ଦରକାର । ପରୀକ୍ଷାର୍ଥୀମାନେ ଏକଜାମ୍ ସେଣ୍ଟରରେ ଦିନ ୧୧ଟା ୩୦ ରୁ ୧୨ଟା ୩୦ ମଧ୍ୟରେ ରିପୋର୍ଟ କରିବେ । ଅପରାହ୍ନ ଗୋଟାଏ ୩୦ ପରେ କାହାରିକୁ ପ୍ରବେଶ ଅନୁମତି ମିଳିବ ନାହିଁ ।

# କମିଲା ସୁନା-ରୂପା ଦର

ନୂଆଦିଲ୍ଲୀ, ୮ ଜୁନ (ହି.ସ), ୦୮/୬ (ନି.ପ୍ର): ଆଜି ପ୍ରାରମ୍ଭିକ କାରବାର ସମୟରେ ଘରୋଇ ସୁନା ବଜାରରେ ସାମାନ୍ୟ ହ୍ରାସ ପରିଲକ୍ଷିତ ହେଉଛି । ଦେଶର ସରାଫା ବଜାରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ହ୍ରାସ ଯୋଗୁ ଆଜି ୧୦ ଗ୍ରାମ ପିଛା ୧,୫୨,୭୨୦ ଟଙ୍କା ସ୍ତରରେ କାରବାର ହେଉଛି, ଯାହା ୧୦ ଗ୍ରାମ ପିଛା ୧,୫୪,୯୦୦ ଟଙ୍କା ରହିଛି । ଏଥି ସହିତ ଆଜି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୧୩୯,୯୯୦ ଟଙ୍କା ରୁ ୧୪୧,୯୯୦ ଟଙ୍କା ମଧ୍ୟରେ ବିକ୍ରି ହେଉଛି । ରୂପା ଦର ମଧ ହ୍ରାସ ପାଇଥିବାରୁ ଆଜି ଦିଲ୍ଲୀ ସରାଫା ବଜାରରେ ଏହି ମୂଲ୍ୟବାନ ଧାତୁ କିଲୋଗ୍ରାମ ପିଛା ୨,୬୪,୯୦୦ ଟଙ୍କାରେ ବିକ୍ରି ହେଉଛି । ଦିଲ୍ଲୀରେ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ୧୦ ଗ୍ରାମ ପିଛା ୧,୫୨,୮୭୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୧୦ ଗ୍ରାମ ପିଛା ୧,୪୦,୧୪୦ ଟଙ୍କା ରହିଛି ।

ମଙ୍ଗଳବାର, ଜୁନ୍ ୦୯, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଲାଂଚ ମାଗିବା ଅଭିଯୋଗରେ ସହକାରୀ ରାଜସ୍ୱ ନିରୀକ୍ଷକ ନିଲମ୍ବିତ

ଭୁବନେଶ୍ୱର, ୦୮/୬ (ନି.ପ୍ର): ସମ୍ବଲପୁର ସଦର ତହସିଲ୍ ଅନ୍ତର୍ଗତ ସଦର୍ - ୪ ଆରଆଇ ସର୍କଲର ସହକାରୀ ରାଜସ୍ୱ ନିରୀକ୍ଷକ ସୁରେନ୍ଦ୍ର ସା'ଙ୍କୁ ନିଲମ୍ବିତ କରାଯାଇଛି । ନିଲମ୍ବନ ସମୟ ମଧ୍ୟରେ ଶ୍ରୀ ସା' କୁଚିଣ୍ଡା ଉପଜିଲ୍ଲାପାଳଙ୍କ ଅଧୀନରେ ସଦର ମହକୁମା ମୁଖ୍ୟାଳୟରେ ଅବସ୍ଥାପିତ ହେବେ ଏବଂ ଉପରିସ୍ଥ ଅଧିକାରୀଙ୍କ ଅନୁମତି ବିନା ମୁଖ୍ୟାଳୟ ଛାଡ଼ିବେ ନାହିଁ ବୋଲି ନିର୍ଦ୍ଦେଶ ଜାରି କରାଯାଇଛି । ସୂଚନାଯୋଗ୍ୟ ଯେ, ତହସିଲରେ ପ୍ରମାଣପତ୍ର ଯୋଗାଇ ଦେବା ପାଇଁ ସହକାରୀ ନିରୀକ୍ଷକ ତିନିହଜାର ଟଙ୍କା ଦାବି କରୁଥିବାର ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ଏ ସମ୍ପର୍କିତ ଆପାତତଃ ତଥ୍ୟ ପରିପ୍ରେକ୍ଷୀରେ ଶ୍ରୀ ସୁରେନ୍ଦ୍ର ସା'ଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯିବା ନିମନ୍ତେ ସମ୍ବଲପୁର ଜିଲ୍ଲାପାଳ ନିର୍ଦ୍ଦେଶ ଜାରି କରିଛନ୍ତି ।

ପ୍ରକାଶ ଥାଉକି, କିଛି ଦିନ ପୂର୍ବରୁ ହିଁ ଶିକ୍ଷାନୁଷ୍ଠାନରେ ନାମଲେଖା ନିମନ୍ତେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆବେଦିତ ପ୍ରମାଣପତ୍ର ତ୍ୱରିତ ପ୍ରଦାନ କରିବା ନିମନ୍ତେ ରାଜସ୍ୱ ବିଭାଗ ପକ୍ଷରୁ ସମସ୍ତ ତହସିଲକୁ ନିର୍ଦ୍ଦେଶ ଜାରି କରାଯାଇଥିଲା । ଏ ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଗୁରୁତ୍ୱାରୋପ କରିବା ସହ ନାମଲେଖା ନିମନ୍ତେ ପ୍ରମାଣପତ୍ର ପ୍ରଦାନରେ କୌଣସି ବି ଛାତ୍ରଛାତ୍ରୀଙ୍କୁ ଯେପରି ଅସୁବିଧା ନ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ଗୁରୁତ୍ୱାରୋପ କରିବା ସହ ରାଜସ୍ୱ ବିଭାଗରେ କୌଣସି ପ୍ରକାର ଦୁର୍ନୀତି ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ । ଏ ନେଇ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ମଧ୍ୟ ଚିଠି ଲେଖି ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଦୁର୍ନୀତି ବିରୋଧରେ ରାଜସ୍ୱ ବିଭାଗ ଶୂନ୍ୟ ସହନଶୀଳତା ଆପଣାଇବାରେ ସର୍ବଦା ବଦ୍ଧପରିକର ରହିଛି ।

# ଭଦ୍ରକରେ ଏସ୍ଆଇଆର ପ୍ରକ୍ରିୟାରେ ଉଲ୍ଲେଖନୀୟ ଅଗ୍ରଗତି: ୮୪.୭୪ ପ୍ରତିଶତ ଭୋଟରଙ୍କ ନିକଟରେ ପରିଗଣନା ଫର୍ମ ବଣ୍ଟନ ସମ୍ପନ୍ନ



ଭଦ୍ରକ, ୦୮/୬ (ନି.ପ୍ର): ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଅନ୍ତର୍ଗତ ଭଦ୍ରକ ଜିଲ୍ଲାରେ ପରିଗଣନା ଫର୍ମ ବଣ୍ଟନ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟର ସମୁଦାୟ ୧କୋଟି ୯୮ଲକ୍ଷ ୯୭ହଜାର ୩୩୧ଜଣ ଅର୍ଥାତ ମୋଟ ଭୋଟରର ୫୯.୫୭ପ୍ରତିଶତ ଭୋଟରଙ୍କୁ ସଫଳତାର ସହ ପରିଗଣନା ଫର୍ମ ବଣ୍ଟନ କରାଯାଇ ସାରିଛି ।ଜିଲ୍ଲାରେ ମୋଟ ୧୨,୮୪,୬୧୮ଜଣ ମତଦାତା ଥିବା ବେଳେ ସେମାନଙ୍କ ମଧ୍ୟରୁ ୮୪.୭୪ ପ୍ରତିଶତ ମତଦାତାଙ୍କୁ ପରିଗଣନା ଫର୍ମ ବଣ୍ଟନ କରାଯାଇଛି । ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଭଦ୍ରକ ଜିଲ୍ଲାର ୪୫-ବାସୁଦେବପୁର ବିଧାନସଭା କ୍ଷେତ୍ର ଅନ୍ତର୍ଗତ ତିହିଡ଼ି ବ୍ଲକର ବିଭିନ୍ନ ବୁଥ ପରିଦର୍ଶନ କରିଥିଲେ ଇଆରଓ- ତଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବି ନାରାୟଣ ସାହୁ । ପରିଦର୍ଶନ ସମୟରେ ସେ ବୁଥ ସ୍ତରରେ ଚାଲିଥିବା ଫର୍ମ ବଣ୍ଟନ, ମତଦାତାଙ୍କ ସହ ସମନ୍ୱୟ ଏବଂ ବିଏଲ୍ଓମାନଙ୍କ ଦ୍ୱାରା କରାଯାଉଥିବା ଘରକୁ ଘର ଯାଇ ସଚେତନତା ଓ ତଥ୍ୟ ସଂଗ୍ରହ କାର୍ଯ୍ୟର ସମୀକ୍ଷା କରିଥିଲେ । ସମସ୍ତ ଯୋଗ୍ୟ ମତଦାତାଙ୍କ ନିକଟରେ ପହଞ୍ଚି ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମାପ୍ତ କରିବା ସହ ମତଦାତାମାନଙ୍କୁ ସହଯୋଗ କରିବାକୁ ସେ ସମ୍ପୃକ୍ତ ଅଧିକାରୀ ଓ ବିଏଲ୍ଓମାନଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍ଓ)ମାନେ ଘରକୁ ଘର ବୁଲି ଫର୍ମ ବଣ୍ଟନ ଓ ସଂଗ୍ରହ କାର୍ଯ୍ୟ କରୁଛନ୍ତି । ଅବଶିଷ୍ଟ ମତଦାତାଙ୍କ ନିକଟରେ ମଧ୍ୟ ଶୀଘ୍ର ଫର୍ମ ପହଞ୍ଚାଇବା ସହ ୨୮ ଜୁନ୍ ୨୦୨୬ ସୁଦ୍ଧା ସମସ୍ତ ଫର୍ମ ସଂଗ୍ରହ କରିବାକୁ ପ୍ରଶାସନ ଲକ୍ଷ୍ୟ ରଖିଛି । ଜିଲ୍ଲା ପ୍ରଶାସନ ସମସ୍ତ ଯୋଗ୍ୟ ମତଦାତାଙ୍କୁ ବିଏଲ୍ଓଙ୍କୁ ସହଯୋଗ କରିବା, ପରିଗଣନା ଫର୍ମ ଯଥାଶୀଘ୍ର ପୂରଣ କରି ଦାଖଲ କରିବା ଏବଂ ନିଜର ନାମ ଭୋଟର ତାଲିକାରେ ସୁନିଶ୍ଚିତ କରିବାକୁ ଅନୁରୋଧ କରିଛି । ମତଦାତାମାନେ ଚାହିଁଲେ ଅନଲାଇନ୍ ମାଧ୍ୟମରେ ମଧ୍ୟ ଫର୍ମ ଦାଖଲ କରିପାରିବେ । ଭୋଟର ତାଲିକାରେ ନାମ ସାମିଲ, ସଂଶୋଧନ କିମ୍ବା ଏହି ସମ୍ପର୍କିତ ଯେକୌଣସି ଜନସାଧାରଣ ସୂଚନା ଓ ସହାୟତା ପାଇଁ ନିର୍ବାଚନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ମାଗଣା ହେଲ୍ପଲାଇନ ନମ୍ବର ୧୯୫୦ କୁ କଲ୍ କରି ସବିଶେଷ ସୂଚନା ପାଇପାରିବେ ।

## ୯ ଜୁଲାଇରେ ହାଓଡ଼ା-ପୁରୀ ଶତାବ୍ଦୀ ଏକ୍ସପ୍ରେସ୍ ବାତିଲ୍

ଭୁବନେଶ୍ୱର, ୦୮/୬ (ନି.ପ୍ର): ଲିଙ୍କ୍ ଟ୍ରେନ୍ ବିଳମ୍ବ ହେତୁ, ଟ୍ରେନ୍ ନମ୍ବର ୧୨୨୭୮ ପୁରୀ-ହାଓଡ଼ା ଶତାବ୍ଦୀ ଏକ୍ସପ୍ରେସ୍ ୯ ଜୁଲାଇରେ ବାତିଲ ରହିବ । ସେହିପରି, ଟ୍ରେନ୍ ନମ୍ବର ୧୨୨୭୭ ହାଓଡ଼ା-ପୁରୀ ଶତାବ୍ଦୀ ଏକ୍ସପ୍ରେସ୍ ମଧ୍ୟ ୯ ଜୁଲାଇରେ ବାତିଲ ରହିବ । ଯାତ୍ରୀମାନଙ୍କୁ ଉପରୋକ୍ତ ପରିବର୍ତ୍ତନ ଗୁଡ଼ିକ ପ୍ରତି ଧ୍ୟାନ ଦେବାକୁ ଏବଂ ସେହି ଅନୁସାରେ ସେମାନଙ୍କର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଅପଡେଟ୍ ହୋଇଥିବା ଟ୍ରେନ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ ଜାତୀୟ ଟ୍ରେନ୍ ତଦନ୍ତ ପ୍ରଣାଳୀ ପରିଦର୍ଶନ କରିପାରିବେ କିମ୍ବା ସରକାରୀ ରେଳ ତଦନ୍ତ ସେବା ବ୍ୟବହାର କରିପାରିବେ ।

# ସମ୍ବାଦକୁ ବର୍ଷ ବର୍ଷ ଧରି ସାଇତି ରଖିବାରେ ଗଳ୍ପ ହିଁ ନେଇଥାଏ ପ୍ରମୁଖ ଭୂମିକା : ପ୍ରମିଳା ପଣ୍ଡା




ଉଦଳା, ୦୮/୬ (ନି.ପ୍ର): ଆମ ସୁନାଚାନ୍ଦ ଜାତୀୟ ଶିଶୁ ସାହିତ୍ୟ ସଂସ୍ଥାନ ଓ ରାଷ୍ଟ୍ରଭାଷା ସାହିତ୍ୟ ସଂସ୍କୃତି ଏକାଡ଼େମି, ଓଡ଼ିଶା ତରଫରୁ ମିଳିତ ଭାବରେ ଚଳିତ ଜୁନ ୭ ତାରିଖ ରବିବାର ଦିନ ବଡ଼ସାହିସ୍ଥିତ ବିବେକାନନ୍ଦ ବିହାର ( ବାଣିପୀଠ) ଠାରେ ରାଜ୍ୟସ୍ତରୀୟ ଶିଶୁ ଗଳ୍ପ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କର୍ମଶାଳାରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ଆଜିର ସମ୍ବାଦ କାଲି ସାହିତ୍ୟରେ ପରିଣତ ହୋଇଥାଏ । କାଳକ୍ରମେ ଏହା ଗଳ୍ପର ରୂପ ନେଇ ଜନମାନସରେ ବର୍ଷ ବର୍ଷ ଧରି ବଂଚି ରହିଥାଏ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମାସିକ ପତ୍ରିକା 'ସମୟର ଚକ୍ର'ର ପ୍ରକାଶକ ସର୍ବେଶ୍ୱର ଜେନା, କବି ଅଭୟ ଦାସ, କବୟିତ୍ରି ପ୍ରତିମା ପଣ୍ଡା, ସାହିତ୍ୟିକ ଅଶ୍ୱିନି କୁମାର ଶତପଥି, ତ୍ରିଲୋଚନ ଗୁରୁ, ସତ୍ୟବ୍ରତ ମିଶ୍ର ଓ ନିଶାମଣି ରାଉତ ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ଏହିଭଳି କର୍ମଶାଳାର ଆବଶ୍ୟକତା ଆଜି ଜରୁରି ହୋଇ ପଡ଼ିଛି ବୋଲି ବ୍ୟକ୍ତ କରିଥିଲେ । ବାଣିପୀଠର ଅଧ୍ୟକ୍ଷ ଡ଼କ୍ଟର କୁମାର ବାବୁଲି ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବଙ୍କିମ ଚନ୍ଦ୍ର ବାରିକ ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିଲେ । ସୂର୍ଯ୍ୟକାନ୍ତି ପୁହାଣ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# 'ସହାୟକ'ର ଗୁରୁତ୍ୱପୂର୍ଣ୍ଣ ବୈଠକ




ବାଲେଶ୍ୱର, ୦୮/୬ (ନି.ପ୍ର): ଜନକଲ୍ୟାଣକାରୀ ସଂଗଠନ 'ସହାୟକ'ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଡକ୍ଟର କ୍ଷିତୀଶ୍ୱର ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ । ସମ୍ପାଦକ ଇଂ. ହୃଷିକେଶ ସାହୁ ବିବରଣୀ ପାଠ କରିଥିଲେ । ଉକ୍ତ ସଂଗଠନ ଦୀର୍ଘ ୨୦ବର୍ଷ ଧରି ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ । କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ । ପୂର୍ବ ନିଷ୍ପତ୍ତି ଅନୁସାରେ ଏପ୍ରିଲ୍ ପହିଲାରୁ ସଂଗଠନ ପକ୍ଷରୁ ତୃଷାର୍ତ୍ତଙ୍କୁ ଜଳଦାନ କାର୍ଯ୍ୟକ୍ରମ ଜାରି ରଖିଛି । ଏହା ଚଳିତ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସମ୍ପାଦକ ଶ୍ରୀ ସାହୁ ସୂଚନା ଦେଇଥିଲେ । ଏହି ବୈଠକର ନିଷ୍ପତ୍ତି ଅନୁସାରେ ଆଗାମୀ ଜୁଲାଇ ମାସରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯିବ ବୋଲି ସ୍ଥିର ହେଲା । ଏହି ଅବସରରେ ୮୦ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ସଭ୍ୟ ଶ୍ରୀ ପୁରୁଷୋତ୍ତମ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ଉପଦେଷ୍ଟା ଇଂ. ବନମାଳୀ ନାୟକ, ଦିବାକର ମହାପାତ୍ର, ଇଂ. ସୁରେନ୍ଦ୍ରନାଥ ଦାସ, ଇଂ. ସୁରେନ୍ଦ୍ର ପ୍ରସାଦ ନାୟକ, ଅକ୍ଷୟ କୁମାର ତ୍ରିପାଠୀ, ଶରତ କୁମାର ବିଶ୍ୱାଳ, ପ୍ରଜ୍ଞାପାରମିତା ବିଶ୍ୱାଳ, ଶଚୀନ୍ଦ୍ରନାଥ ଦାସ, ରବୀନ୍ଦ୍ରନାଥ ଗିରି, ଗଙ୍ଗାଧର ପୃଷ୍ଟି, ଦାମୋଦର ନାୟକ, ଅକ୍ଷୟ କୁମାର କର, ବିଜୟ କୁମାର ମହାପାତ୍ର, ସୁରେନ୍ଦ୍ର ପ୍ରସାଦ ଧଳ, ଶଶାଙ୍କ ଶେଖର ଦତ୍ତ, ଯୋଗେଶ ଚନ୍ଦ୍ର ପ୍ରଧାନ, ଲକ୍ଷ୍ମଣ ଚରଣ ବିଶ୍ୱାଳ, କେଶବ ଚନ୍ଦ୍ର ମହାନ୍ତି, ଭବେଶ ଚନ୍ଦ୍ର ପଣ୍ଡା ଏବଂ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ନିଜର ମତ ପ୍ରଦାନ କରିଥିଲେ । ଶେଷରେ ଉପସଭାନେତ୍ରୀ ଅମିତା ଦାଶ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ଟ୍ରକକୁ ପିଟି ବାଇକ ଆରୋହୀ ଗୁରୁତର

ନୀଳଗିରି, ୦୮/୬ (ନି.ପ୍ର): ଗତକାଲି କାଳବୈଶାଖୀର ପ୍ରଭାବ ନୀଳଗିରିରେ ଦେଖିବାକୁ ମିଳିଥିଲା । ଅପରାହ୍ନ ୫ଘଟିକା ଠାରୁ ୮ ଘଟିକା ପର୍ଯ୍ୟନ୍ତ କାଳବୈଶାଖୀ ତାଣ୍ଡବ ରଚିଚିଲା । ବିଜୁଳି ଘଡଘଡି ସହିତ କିଛି ସମୟ ପ୍ରାୟ ୬୦କିମି ବେଗରେ ପବନ ଅନୁଭୂତ ହୋଇଥିଲାବେଳେ ପ୍ରବଳ ବର୍ଷା ମଧ୍ୟ ହୋଇଥିଲା ।ଏନେଇ ନୀଳଗିରିରେ ବିଦ୍ୟୁତ ସରବରାହ ବ୍ୟାଘାତହୋଇ ପ୍ରାୟ ରାତ୍ରି ୧୨ଘଟିକା ପର୍ଯ୍ୟନ୍ତ ବିଦ୍ୟୁତସେବା ବିଚ୍ଛିନ୍ନ ହୋଇଥିଲା । ଏଥିପାଇଁ ନୀଳଗିରି ବଜାର ଅନ୍ଧକାରମୟ ହୋଇଥିଲା । ତେବେ ନୀଳଗିରି ମହିଳା ମହାବିଦ୍ୟାଳୟ ପାଖରେ ଅନ୍ଧକାରରେ ଏକ ସିମେଣ୍ଟ ବୋଝେଇ ଟ୍ରକ ଛିଡ଼ାହୋଇଥିବା ବେଳେ ବରିସାହି ଗ୍ରାମର ଲଳିତ ଜେନା (୪୫)କୌଣସି କାର୍ଯ୍ୟସାରି ଏକ ବୁଲେଟ ମଟରସାଇକେଲ ଯୋଗେ ରାତି ୯ଟା ବେଳେ ଘରକୁ ଫେରୁଥିବା ବେଳେଅନ୍ଧାରରେ ଜାଣିନପାରି ଟ୍ରକ ପଛରେ ବାଇକ କୁ ଧକ୍କା ଦେଇଥିଲେ । ଧକ୍କା ହେବା ଫଳରେ ଲଳିତ ଗୁରୁତ୍ର ହୋଇ ଥିଲେ । ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ନୀଳଗିରି ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ମିଳିଛି ।

# ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଚିଲିକା ବ୍ଲକରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ




ଖୋର୍ଦ୍ଧା , ୦୮/୬ (ନି.ପ୍ର): ଚିଲିକା ପଂଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ ଏବଂ ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ଆରକ୍ଷୀ ଅଧିକ୍ଷକ ଶ୍ରୀ ପାରମାଣିକସ୍ୱିଥ ପୁରୁଷୋତ୍ତମ ଦାସଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ, ଚିଲିକା ପଂଚାୟତ ସମିତି ଅଧ୍ୟକ୍ଷା ଜ୍ୟୋସ୍ନା ରାଣୀ ବେହେରା, ଉପାଧ୍ୟକ୍ଷ, ଅରୁଣ କୁମାର ପଟ୍ଟନାୟକ, ମାନ୍ୟବର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଓଏସ ଡି , ରୋଷନ ଶତପଥୀ, ମାନ୍ୟବର ସାଂସଦ, ପୁରୀଙ୍କ ପ୍ରତିନିଧି, ଦୀନବନ୍ଧୁ ସାହୁ,ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର , ଚିଲିକା ବ୍ଲକ ଉନ୍ନୟନ ଅଧିକାରୀ ପୁନମ ମହାପାତ୍ର, ତହସିଲଦାର କାହ୍ନୁ ଚରଣ ଘଡ଼ାଇ,ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ପ୍ରମୁଖ ଆଜିର ଏହି ପ୍ରଶାସନିକ ଜନ ଅଭିଯୋଗ ଶିବିରରେ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ଜିଲ୍ଲାପାଳଙ୍କୁ ସହଯୋଗ ପ୍ରଦାନ କରିଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୫୩ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୪୪ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୦୯ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଅଭିଯୋଗ ଥିଲା । ଜିଲ୍ଲାପାଳ ଅଭିଯୋଗ ଶିବିରରେ ୧୫ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଜନଶୁଣାଣି ଶିବିରରେ ବିଭିନ୍ନ ବିଭାଗର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ, ଜନ ପ୍ରତିନିଧି ବୃନ୍ଦ ଓ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

## ସର୍ଟସର୍କିଟ ଯୋଗୁଁ ଜଳିଗଲା ମେଡିକାଲ ଷ୍ଟୋର: ଲକ୍ଷାଧିକ ଟଙ୍କାର ଔଷଧ ନଷ୍ଟ

ନୀଳଗିରି , ୦୮/୬ (ନି.ପ୍ର): ସର୍ଟସର୍କିଟ ଯୋଗୁଁ ଏକ ଔଷଧଦୋକାନ ଜଳିଯିବା ଫଳରେ ଲକ୍ଷାଧିକ ଟଙ୍କାର ଔଷଧ ଜଳିପୋଡି ନଷ୍ଟ ହୋଇଯାଇଛି । ପ୍ରସିଦ୍ଧ ଶୈବପୀଠ ପଞ୍ଚଲିଙ୍ଗେଶ୍ୱରକୁ ସଂଯୋଗ କରୁଥିବା ଛକନିକଟରେ ସ୍ଥାନୀୟ ଜୟପୁର ଅଞ୍ଚଳର ଅଶେଷ ପାଢ଼ୀ ସାଇକ୍ରୀଷ୍ଣା ମେଡିକାଲ ଷ୍ଟୋର ନାମରେ ଔଷଧ ଦୋକାନ କରିଥିଲେ । ଆଜି ଅପରାହ୍ନରେ ଉକ୍ତ ଦୋକାନରେ ସର୍ଟସର୍କିଟ ଯୋଗୁଁ ନିଆଁ ଲାଗିଯିବା ଫଳରେ ଦୋକାନର ଷ୍ଟୋରରେ ଗଚ୍ଛିତଥିବ ଲକ୍ଷାଧିକ ଟଙ୍କାର ଔଷଧ ଓ ଅନ୍ୟାନ୍ୟ ଜିନିଷ ପୋଡିଯାଇଥିବା ଦେଖିବାକୁ ମିଳିଛି । ନୀଳଗିରି ଅଗ୍ନିଶମ ବାହିନୀ ଏବଂ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ ହେଁ ଲକ୍ଷାଧିକ ଟଙ୍କାର ଔଷଧ ଜାଳିଯାଇଥିବା ପରିଲକ୍ଷିତ ହୋଇଛି ।

# ଜଳେଶ୍ୱର ବିଡ଼ିଓଙ୍କ କାର୍ଯ୍ୟାଳୟ ଆଗରେ ପଞ୍ଚାୟତ ସଦସ୍ୟଙ୍କ ଧାରଣା: ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ



ଜଳେଶ୍ୱର, ୦୮/୬ (ନି.ପ୍ର): ଜଳେଶ୍ୱର ବ୍ଲକ୍ ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତରେ ବିକାଶମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ କରି ପଞ୍ଚାୟତ ସଦସ୍ୟ ମୁକୁନ୍ଦ ରଞ୍ଜନ ଜେନା ସୋମବାର ସକାଳ ୯ଟାରେ ବ୍ଲକ ବିଡ଼ିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଅଭିଯୋଗ ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷରେ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ କେତେକ ପ୍ରକଳ୍ପ ଗ୍ରାମସଭାରେ ଅନୁମୋଦିତ ହୋଇଥିଲା, ଯାହାର ଦାୟିତ୍ୱ ବ୍ଲକର କନିଷ୍ଠ ଯନ୍ତ୍ରୀ (ଜେଇ) ଜଗଦୀଶ ଚନ୍ଦ୍ର ଅଧିକାରୀଙ୍କ ଅଧୀନରେ ଥିଲା । ମାତ୍ର କନିଷ୍ଠ ଯନ୍ତ୍ରୀ ଜଣକ ପଞ୍ଚାୟତ ସଦସ୍ୟଙ୍କୁ କୌଣସି ସୂଚନା ନଦେଇ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରିବା ସହ ଠିକାଦାରଙ୍କ ସହ ମଧୁଚନ୍ଦ୍ରିକା କରି ମୋଟା ଅଙ୍କର ସରକାରୀ ଅର୍ଥ ଆତ୍ମସାତ କରିଥିବା ଶ୍ରୀ ଜେନା ଅଭିଯୋଗ କରିଛନ୍ତି । ଉକ୍ତ ଧାରଣାକୁ ବାଲେଶ୍ୱର ସାଙ୍ଗଠନିକ ଜିଲ୍ଲା ସଂପାଦକ କାଳୀଚରଣ ଦାସ, ଉତ୍ତରବାଲେଶ୍ୱର ସାଙ୍ଗଠନିକ ଜାତି ଜନଜାତି ଯୁବ ମୋର୍ଚ୍ଚା ସଭାପତି ଗଣେଶ ସୋରେନ , ଯୁବନେତା ବିପ୍ଳବ ପ୍ରଧାନ ଏବଂ ସଦସ୍ୟ ତ୍ରିଲୋଚନ ଦାସ ପ୍ରମୁଖ ଉପସ୍ଥିତ ରହି ସମର୍ଥନ ଜଣାଇଥିଲେ । ମଧ୍ୟାହ୍ନ ସାଢ଼େ ୧୨ଟା ସମୟରେ ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ଧାରଣା ସ୍ଥଳରେ ପହଞ୍ଚି ଉକ୍ତ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ । ପଞ୍ଚାୟତରେ ହୋଇଥିବା ନିମ୍ନମାନର କାର୍ଯ୍ୟର ବିଲ୍ ପ୍ରଦାନ କରାଯିବ ନାହିଁ ଏବଂ ଆଗାମୀ ଦିନରେ ହେବାକୁ ଥିବା ସମସ୍ତ ବିକାଶମୂଳକ କାର୍ଯ୍ୟ କନିଷ୍ଠ ଯନ୍ତ୍ରୀ ପଞ୍ଚାୟତ ସଦସ୍ୟଙ୍କ ସହ ପରାମର୍ଶ କରି କରିବେ ବୋଲି ପ୍ରଶାସନ ତରଫରୁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଶ୍ରୀ ଜେନା ଧାରଣାରୁ ହଟିଥିଲେ ।

# ଅଧ୍ୟାପକ ପ୍ରେମାନନ୍ଦ ସେଠୀଙ୍କୁ ପି.ଏଚ୍. ଡି. ଉପାଧି



ବାଲେଶ୍ୱର , ୦୮/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳସ୍ଥିତ ସୁବର୍ଣ୍ଣରେଖା ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ଅଧ୍ୟାପକ ପ୍ରେମାନନ୍ଦ ସେଠୀଙ୍କୁ ପଶ୍ଚିମବଙ୍ଗ ମେଦିନୀପୁରସ୍ଥିତ ବିଦ୍ୟାସାଗର ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନଜନକ ପି. ଏଚ୍. ଡି. (ଡକ୍ଟରେଟ୍) ଉପାଧି ପ୍ରଦାନ କରାଯାଇଛି । ବିଶ୍ୱବିଦ୍ୟାଳୟର ୨୩ତମ ସମାବର୍ତ୍ତନ ଉତ୍ସବ ଅବସରରେ ପଶ୍ଚିମବଙ୍ଗର ମାନ୍ୟବର ରାଜ୍ୟପାଳ ଏବଂ ବିଦ୍ୟାସାଗର ବିଶ୍ୱବିଦ୍ୟାଳୟର ଆଚାର୍ଯ୍ୟ ଶ୍ରୀ ଆର. ଏନ. ରବିଙ୍କ କରକମଳରୁ ସେ ଏହି ସର୍ବୋଚ୍ଚ ଶିକ୍ଷାଗତ ତଥା ସମ୍ମାନଜନକ ଡିଗ୍ରୀ ଗ୍ରହଣ କରିଛନ୍ତି । ଏହି ଭବ୍ୟ ସମାରୋହରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର କର ଓ କୁଳସଚିବ ଡକ୍ଟର ଜୟନ୍ତୀ କିଶୋର ନନ୍ଦୀ ଉପସ୍ଥିତ ଥିବା ବେଳେ ସିଷ୍ଟର ନିବେଦିତା ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ଅନୁପମ ବାସୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଡକ୍ଟର ସେଠୀ ବାଣିଜ୍ୟ ବିଭାଗର 'ଫାଇନାନ୍ସ' ବିଷୟରେ ନିଜର ଗବେଷଣା ସମାପ୍ତ କରିଛନ୍ତି । ତାଙ୍କର ସନ୍ଦର୍ଭର ଶୀର୍ଷକ 'କର୍ପୋରେଟ୍ ଗଭର୍ଣ୍ଣାନ୍ସ, ଓନରସିପ୍ କନସେଣ୍ଟ୍ରେସନ୍ ଆଣ୍ଡ ଏଜେନ୍ସି କଷ୍ଟ ଅଫ୍ ଇଣ୍ଡିଆନ୍ ଲିଷ୍ଟେଡ୍ କମ୍ପାନୀଜ୍' ଥିଲା । ସେ ବିଶିଷ୍ଟ ପ୍ରଫେସର ଡକ୍ଟର ତାରକ ନାଥ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ଏହି ଗବେଷଣା କାର୍ଯ୍ୟ ସଫଳତାର ସହ ସମ୍ପୂର୍ଣ୍ଣ କରିଥିଲେ । ଡକ୍ଟର ସେଠୀଙ୍କର ଏହି ଗୌରବମୟ ସଫଳତା ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରାଧ୍ୟାପିକା ଶାନ୍ତିଲତା ଗିରି, ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦ ତାଙ୍କୁ ସାଧୁବାଦ ଜଣାଇବା ସହ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ଏହି ଅବସରରେ ଡକ୍ଟର ସେଠୀ ନିଜର ସଫଳତାର ସମସ୍ତ ଶ୍ରେୟ ଜଗତର ନାଥ ଜଗନ୍ନାଥ, ନିଜର ପୂଜ୍ୟ ପିତାମାତା ଓ ଗୁରୁଜନଙ୍କୁ ଅର୍ପଣ କରିଛନ୍ତି । ତାଙ୍କର ଏହି କୃତିତ୍ୱ ପାଇଁ ସ୍ଥାନୀୟ ଅଞ୍ଚଳରେ ଏକ ଖୁସି ଓ ଗୌରବର ଲହରୀ ଖେଳିଯାଇଛି । ଡ. ସେଠୀ ଅଧ୍ୟାପନା ସହ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଭାବରେ କାର୍ଯ୍ୟରତ ଅଛନ୍ତି । ଫକୀର ମୋହନ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ପରିବାର ତରଫରୁ ଡ. ସେଠୀଙ୍କୁ ମଧ୍ୟ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida